RNI No.ODIODI/2010/33031
୧୬ ବର୍ଷ Volume-16
ISSUE -255 ସଂଖ୍ୟା-୨୫୫
ଭୁବନେଶ୍ୱର, ଗୁରୁବାର ୨୫ ଡିସେମ୍ବର ୨୦୨୫
Bhubaneswar, Thursday 25 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




### ଚାନ୍ଦବାଲି ନାବାଳିକା ଘଟଣାରେ ବଢୁଛି ତାତି

# ମୁଖ୍ୟ ଅଭିଯୁକ୍ତ ଗିରଫ, ଆଜି ବନ୍ଦ ଡାକରା

ଭୁବନେଶ୍ୱର,୨୪।୧୨(ନି.ପ୍ର.):; ଭଦ୍ରକ ଚାନ୍ଦବାଲିରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର । ୧୦ ବର୍ଷର ନାବାଳିକାକୁ ହତ୍ୟା ଘଟଣାରେ ଭଦ୍ରକ ଏସପି ଓ ସମ୍ପୂର୍ଣ୍ଣ ଟିମ ତଦନ୍ତ ଦାୟିତ୍ୱ ନେଇଥିଲେ । ନାବାଳିକାଙ୍କ ବାପାଙ୍କ ଏତଲାରେ ପୋକ୍ସୋ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତକୁ ଠାବ କରିବା ଚାଲେଞ୍ଜ ଥିଲା ବୋଲି କହିଛନ୍ତି ପୂର୍ବାଞ୍ଚଳ ଡିଆଇଜି ।

ପ୍ରତିକ୍ରିୟା ଦେଇ ଡିଆଇଜି କହିଛନ୍ତି,'' ଲୋକେ ଉତ୍ତେଜିତ ଥିଲେ , ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିଛୁ । ବହୁତ୍ ଟିମ୍ ଗଠନ ହୋଇଥିଲା । ସାକ୍ଷୀ କେହି ନଥିଲେ । ୧୨ ଘଣ୍ଟାରେ ଅଭିଯୁକ୍ତକୁ ଗିରଫ କରାଯାଇଛି । ବଳିଷ୍ଠ ପ୍ରମାଣ ପାଇଁ ଡାକ୍ତର ଶବ ବ୍ୟବଚ୍ଛେଦ କରିବେ । ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି । ବର୍ତ୍ତମାନ ସୁଦ୍ଧା ଜଣେ ଅଭିଯୁକ୍ତ ସଂପୃକ୍ତି ପ୍ରମାଣ ମିଳିଛି । ଅଧିକ ଲୋକଙ୍କ ସଂପୃକ୍ତିକୁ ନେଇ ତଦନ୍ତ ଚାଲିଛି । ଅଭିଯୁକ୍ତ ନିକ ରୁ ସମ୍ବେଦନଶୀଳ ସାମଗ୍ରୀ ପାଇଛୁ । ଅଭିଯୁକ୍ତ ଘଟଣା ସ୍ୱୀକାର କରିଛି । '' ଭଦ୍ରକ ଚାନ୍ଦବାଲିରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବା ଜଣାପଡ଼ିଛି । ଜଗତସିଂହପୁରରୁ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ କରିଛି ପୁଲିସ ।



ଅଭିଯୁକ୍ତର ଘର ଭାଙ୍ଗିଲେ ଲୋକେ

ଘଟଣାକୁ ନେଇ ଚାନ୍ଦବାଲିରେ ରାସ୍ତାରୋକ ଓ ଉତ୍ତେଜନା ଦେଖା ଦେଇଛି । ଗାଁରେ ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ଉତ୍ତେଜନାକୁ ଦେଖି ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ସେପଟେ ରାମପାଲ୍ଲିଗ୍ରାମରେ ଥିବା ଅଭିଯୁକ୍ତର ଘରକୁ ମହିଳାମାନେ ଭାଙ୍ଗିଛନ୍ତି । ସେହିପରି ଉତ୍ୟକ୍ତ ସ୍ଥାନୀୟ ବାସିନ୍ଦା ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି ଘେରାଉ କରିଛନ୍ତି ।

ସେପଟେ ଆସନ୍ତାକାଲି ଦୁଇ ବିରୋଧୀ ଦଳ ବିଜୁ ଜନତା ଦଳ ଏବଂ ରାଜ୍ୟ କଂଗ୍ରେସ ଚାନ୍ଦବାଲି ବନ୍ଦ ଡାକରା ଦେଇଛନ୍ତି । ଦୁଇ ଦଳ ପୃଥକ ପୃଥକ ୬ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି । ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ ଆସନ୍ତାକାଲି ସକାଳ ୬ରୁ ଦିନ ୧୨ଟା ଯାଏଁ ଚାନ୍ଦବାଲି ବ୍ଲକ ବନ୍ଦ ରହିବ । ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ଦାବିରେ ବନ୍ଦ ପାଳନ କରାଯିବ । ସେହିପରି ସ୍ଥାନୀୟ କଂଗ୍ରେସ ନେତା ଦିଗମ୍ବର ଦାସ ମଧ୍ୟ ବନ୍ଦ ଡାକରା ନେଇ ସୂଚନା ପ୍ରଦାନ କରିଛନ୍ତି । ନଗର ଓ ଯୁବ କଂଗ୍ରେସ ପକ୍ଷରୁ ଏହି ପ୍ରତିବାଦ କରାଯିବ । ବନ୍ଦ ବେଳେ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ଦୋକାନ ବଜାର ଯାନବାହାନ ଚଳାଚଳ ବନ୍ଦ ରହିବ । ଗତକାଲି ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକା ଅପରାହ୍ନ ପ୍ରାୟ ୨ଟା ସମୟରେ ଘରୁ ବାହାରି ଆସିଥିଲେ । କିନ୍ତୁ ଅପରାହ୍ନ ଯାଇ ସଞ୍ଜ ନଇଁବା ପରେ ଝିଅ ଘରକୁ ଫେରି ନଥିଲା । ପରିବାର ଲୋକ ବହୁତ ଖୋଜାଖୋଜି କରିବା ପରେ ବାଲିଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଞ୍ଚ ଜଙ୍ଗଲରୁ ନାବାଳିକାର ଉଲଗ୍ନ ମୃତ ଦେହ ଉଦ୍ଧାର କରିଥିଲେ । ନାବାଳିକାକୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଗତକାଲି ଠାରୁ ସ୍ଥାନୀୟ ଅଞ୍ଚଳରେ ନ୍ୟାୟ ଦାବିରେ ଉତ୍ତେଜନା ଲାଗି ରହିଛି ।

## ୧୦ ଲକ୍ଷ ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭଦ୍ରକ, ୨୧।୧୨ : ଚାନ୍ଦବାଲି ନାବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାର ପାଇଁ ରାଜ୍ୟ ସରକାର ବୁଧବାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କୁ ପରିବାର ପାଇଁ ୧୦ ଲକ୍ଷ ଟଙ୍କା ଘୋଷଣା କରିବା ସହିତ ଦୁଃଖ ପ୍ରକାଶ କରିଛନ୍ତି । ଏହି ଅର୍ଥ ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଯୋଗାଇ ଦିଆଯିବ । ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ଘଟିଯାଇଥିବା ଅଭାବନୀୟ ଘଟଣା ବିଷୟରେ ଅବଗତ ହୋଇ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ କହିଛନ୍ତି, ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପୀଡ଼ିତାଙ୍କ ପରିବାରକୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହିତ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ

### ମନୋଜ ଆହୁଜାଙ୍କ ସ୍ଥାନ ନେବେ ଆଇଏଏସ୍ ଅନୁ ଗର୍ଗ



ଭୁବନେଶ୍ୱର,୨୪।୧୨(ନି.ପ୍ର.): ନୂଆ ବର୍ଷରେ ନୂଆ ମୁଖ୍ୟ ଶାସନ ସଚିବ ଦେଖିବେ ରାଜ୍ୟବାସୀ । ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଆଇଏଏସ୍ ଅଧିକାରୀ ରାଜ୍ୟ ପ୍ରଶାସନିକ ସେବାର ମୁଖ୍ୟ ହେବେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ହେବେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜାନୁୟାରୀ ୧ ତାରିଖରେ ସେ ଦାୟିତ୍ୱ ଗ୍ରହଣ କରିବେ ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବେ । ପୂର୍ବରୁ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଥିଲା । ଏହା ପରେ କିଏ ମୁଖ୍ୟ ଶାସନ ସଚିବ ହେବେ ସେ ନେଇ କଳ୍ପନା ଜଳ୍ପନା ଜାରି ରହିଥିଲା । ତେବେ ଅନୁ ଗର୍ଗଙ୍କୁ ଏହି ପଦ ମିଳିଛି । ଜାନୁୟାରୀ ୧ ତାରିଖରେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବେ।

୧୯୯୧ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଧିକାରୀ ଅନୁ ଗର୍ଗ ବର୍ତ୍ତମାନ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନା ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଉନ୍ନୟନ ଆୟୁକ୍ତ ଦାୟିତ୍ୱ ତୁଲାଉଛନ୍ତି । ଅଭିଜ୍ଞତା ଦୃଷ୍ଟିରୁ ଅନୁ ଗର୍ଗଙ୍କର ଅନେକ ଅଭିଜ୍ଞତା ରହିଛି । ଆଇଏଏସ୍ ଅନୁ ଗର୍ଗ ୧ ମାର୍ଚ୍ଚ ୧୯୬୯ରେ ଜନ୍ମ ଗ୍ରହଣ କରିଛନ୍ତି । ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ କଳାରେ ସ୍ନାତକ ହାସଲ କରିବା ପରେ ଲକ୍ଷ୍ମୌ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଗ୍ରହଣ କରିଛନ୍ତି । ଜନ୍ ହପକିନ୍ସ ୟୁନିଭର୍ସିଟିରୁ ପିଜି ମଧ୍ୟ କରିଛନ୍ତି ।

## ମହାକାଶକୁ ଗଲା ଭାରତର 'ବାହୁବଳୀ'

ନୂଆଦିଲ୍ଲୀ,୨୪।୧୨(ନି.ପ୍ର.):; ଭାରତର ମିଶନ ବ୍ଲୁ ବର୍ଡ । ସରିଯିବ ଟାୱାର ଯୁଗ । ମୋବାଇଲ ଯୋଗଯୋଗ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ । ମହାକାଶରେ ଇତିହାସ ରଚିଲା ଭାରତର 'ବାହୁବଳୀ' ରକେଟ୍ । ଇସ୍‌ରୋର ହେଭିୱେଟ୍ ଚାମ୍ପିଅନ୍ ଲଞ୍ଚ୍ ଭେଇକଲ୍ ମାର୍କ-୩ (ଏଲଭିଏମ୍୩) ନିଜର ୮ମ ମିଶନ୍ ଉତ୍କ୍ଷେପଣ ହୋଇଛି । ଏଥର ଆମେରିକାର ଉଦ୍ଭାବକ ଏଏସଟି ସ୍ପେସ୍‌ମୋବାଇଲର ଆଗାମି ପିଢ଼ି କମ୍ୟୁନିକେସନ୍ ସାଟେଲାଇଟ 'ବ୍ଲୁ ବାର୍ଡ-୬ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନରୁ ମହାକାଶକୁ ପଠାଯାଇଛି । ଏହାର ଲକ୍ଷ୍ୟ- ସିଧାସଳଖ ମହାକାଶରୁ ସାଧାରଣ ସ୍ମାର୍ଟଫୋନ୍‌କୁ ବ୍ରଡ୍‌ବ୍ୟାଣ୍ଡ ପହଞ୍ଚାଇବା । ମିଶନ ସଫଳ ହେଲେ ଆଉ ମୋବାଇଲ ନେଟୱର୍କ ପାଇଁ ଟାୱାରର ଆବଶ୍ୟକତା ପଡ଼ିବ ନାହିଁ । ଟାୱାର ଯୁଗ ସରିଯିବ । ବ୍ଲୁବାର୍ଡ ବ୍ଲକ-୨ ସାଟେଲାଇଟ୍ ପୃଥକ ହୋଇ ସଫଳତାର ସହ କକ୍ଷପଥରେ ସ୍ଥାପିତ ହୋଇଛି । ଏହା ସହିତ, ମିଶନ୍ ସଫଳତାର ସହ ସମାପ୍ତ ହୋଇଛି । ମିଶନ୍ ଲଞ୍ଚ ନେଇ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ।ଭାରତରୁ ଆମ ଉତ୍କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ୍ ହୋଇଥିବା ଏହା ସବୁଠୁ ଓଜନଦାର ସାଟେଲାଇଟ୍ । ଶ୍ରୀହରିକୋଟାରୁ ଏହା ୧୦୪ତମ ଲଞ୍ଚ୍ । ମାତ୍ର ୫୨ ଦିନ ମଧ୍ୟରେ ଏଲ୍‌ଭିଏମ-୩ର ଏହା ବ୍ୟାକ ଟୁ ବ୍ୟାକ ମିଶନ ବୋଲି ଇସ୍‌ରୋ ଚେୟାରମ୍ୟାନ୍ ଭି ନାରାୟଣନ୍ କହିଛନ୍ତି । ଆଜି (ବୁଧବାର) ସକାଳ ୮.୫୫ରେ ସାଟେଲାଇଟ୍ ଉତ୍କ୍ଷେପଣ ହୋଇଛି । ବ୍ଲୁବାର୍ଡ ସାଟେଲାଇଟ୍‌ର ଓଜନ ପ୍ରାୟ ୬,୧୦୦ କିଲୋ । କୌଣସି ଭାରତୀୟ ରକେଟ୍ ଦ୍ୱାରା ଲଞ୍ଚ୍ ହୋଇଥିବା ଏହା ସବୁଠୁ ଅଧିକ ଓଜନ । ଭାରତରୁ ଆମ ଉତ୍କ୍ଷେପଣ ଯାନ (ରକେଟ୍) ଦ୍ୱାରା ଲଞ୍ଚ୍ ହୋଇଛି । ଏହା ସବୁଠୁ ଓଜନଦାର ସାଟେଲାଇଟ୍ ।'ବାହୁବଳୀ' ନାମରେ ପରିଚିତ ଏଲ୍‌ଭିଏମ୍୩ ରକେଟ୍ ୪୩.୫ ମିଟର ଉଚ୍ଚ, ଓଜନ ୬୪୦ ଟନ୍ । ଏହା ଭାରତର ସବୁଠୁ ଶକ୍ତିଶାଳୀ ରକେଟ୍ ।



## ଦିଲ୍ଲୀ ମେଟ୍ରୋ ସମ୍ପ୍ରସାରଣକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୪।୧୨: କେନ୍ଦ୍ର କ୍ୟାବିନେଟ ବୈଠକରେ ପୁଣିଥରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହା ଦିଲ୍ଲୀ-ଏନସିଆର ପାଇଁ ଏକ ନୂତନ ବର୍ଷର ଉପହାର। ନୂତନ ବର୍ଷରେ ମେଟ୍ରୋ ସମ୍ପ୍ରସାରଣ ପାଇଁ ମୋଦି କ୍ୟାବିନେଟ ୧୨,୦୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ବ୍ୟତୀତ, ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ପର୍ଯ୍ୟାୟ ୫ଇ ମଧ୍ୟ ଆରମ୍ଭ ହେବ। ଏହି ଯୋଜନା ଅନୁଯାୟୀ, ତିନି ବର୍ଷ ମଧ୍ୟରେ ୧୩ଟି ନୂତନ ମେଟ୍ରୋ ଷ୍ଟେଶନ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଶେୟାର କରିଛନ୍ତି। ସେ କହିଛନ୍ତି, 'କେନ୍ଦ୍ର କ୍ୟାବିନେଟ ଦିଲ୍ଲୀ ମେଟ୍ରୋର ପର୍ଯ୍ୟାୟ ୫ଇ କୁ ଅନୁମୋଦନ କରିଛି, ଯେଉଁଥିରେ ୧୩ଟି ଷ୍ଟେଶନ ରହିବ। ଏଥିରେ ୧୨,୦୧୫ କୋଟି ଟଙ୍କା ଖର୍ଚ୍ଚ ହେବ, ଯାହାକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ବ୍ୟତୀତ, ଏହା ୧୬କିଲୋମିଟର ନୂତନ ଲାଇନ ଯୋଡିବ, ଯାହା ଦିଲ୍ଲୀ ମେଟ୍ରୋ ନେଟୱର୍କକୁ ୪୦୦ କିଲୋମିଟରରୁ ଅଧିକ କରିବ ।ସରକାରୀ ତଥ୍ୟ ଅନୁଯାୟୀ, ପ୍ରତିଦିନ ୬.୫ ନିୟୁତ ଲୋକ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରନ୍ତି। ଏହି ସମ୍ପ୍ରସାରଣ ଦ୍ୱାରା ଲକ୍ଷ ଲକ୍ଷ ଅନ୍ୟ ଲୋକମାନେ ମଧ୍ୟ ଉପକୃତ ହେବେ ।ନୂତନ ଯୋଜନା ଅନୁଯାୟୀ, ତିନୋଟି ନୂତନ ମେଟ୍ରୋ ଲାଇନ ବିସ୍ତାର କରାଯିବ। ଗୋଟିଏ ରାମକୃଷ୍ଣ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ ଲାଇନ ପର୍ଯ୍ୟନ୍ତ ଚାଲିବ, ଯାହାର ଲମ୍ବ ୯.୯ କିଲୋମିଟର। ଦ୍ୱିତୀୟ ଲାଇନଟି ଏରୋସିଟିରୁ ବିମାନବନ୍ଦର ଟର୍ମିନାଲ ୧ ପର୍ଯ୍ୟନ୍ତ ଚାଲିବ, ଯାହାର ଲମ୍ବ ୨.୩ କିଲୋମିଟର। ତୃତୀୟ ଲାଇନଟି ତୁଘଲକାବାଦ ଏବଂ କାଳିନ୍ଦୀ କୁଞ୍ଜ ମଧ୍ୟରେ ଚାଲିବ, ଯାହାର ଲମ୍ବ ପ୍ରାୟ ୩.୯ କିଲୋମିଟର।

## ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ୭୯୬ କୋଟି ମଞ୍ଜୁର

ଭୁବନେଶ୍ୱର, ୨୪।୧୨(ନି.ପ୍ର.):: ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରକଳ୍ପର ଉଚ୍ଚସ୍ତରୀୟ ସମୀକ୍ଷା । ରାଜ୍ୟର ସହରାଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନ ପ୍ରକଳ୍ପଗୁଡ଼ିକର ବୁଧବାର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ଖାରବେଳ ଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହନିର୍ମାଣ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ପୌର ସଂସ୍ଥା (ଟଖଇସ୍ବ) ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଭାରେ ଅଂଶଗ୍ରହଣ କରିଥିଲେ ।

ସମୀକ୍ଷାରୁ ପ୍ରକାଶ ଯେ, ଚଳିତ ଆର୍ଥିକ ବର୍ଷ ପାଇଁ ଗଝଇଣ ପାଇଁ ୧, ୨୦୦ କୋଟିର ବ୍ୟବସ୍ଥା କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬, ୭୦୦ଟି ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ୭୯୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମନ୍ତ୍ରୀ ଡ. ମହାପାତ୍ର ସମସ୍ତ ପୌରସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ତ୍ୱରାନ୍ୱିତ ହେବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଳମ୍ବ ପ୍ରତି ଶୂନ୍ୟ ସହିଷ୍ଣୁତା ରହିବ ବୋଲି ସେ ସ୍ପଷ୍ଟ କରିଥିଲେ । ସେହିପରି ପ୍ରକଳ୍ପର ଗୁଣବତ୍ତାରେ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହଁ ବୋଲି ସେ ଜୋର ଦେଇ କହିଥିଲେ, କାରଣ ଏହି ଯୋଜନା ସହରବାସୀଙ୍କ ଆକାଂକ୍ଷା ପୂରଣ ଓ ସହରୀ ଢାଞ୍ଚାର ରୂପାନ୍ତର ପାଇଁ ଉଦ୍ଦିଷ୍ଟ । ମନ୍ତ୍ରୀ କହିଥିଲେ ଯେ, ଟଖଇସ୍ବମାନଙ୍କ ଦ୍ୱାରା ପ୍ରସ୍ତାବିତ ସମସ୍ତ ପ୍ରକଳ୍ପକୁ ସରକାରଙ୍କ ଅନୁମୋଦନ ସହ ଆବଶ୍ୟକ ଅର୍ଥ ସହାୟତା ମିଳିଛି । ତେଣୁ ଅନୁମୋଦନ ପର୍ଯ୍ୟାୟରୁ ସିଧାସଳଖ ତଳସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ସେ ପୌର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗଝଇଣ ଅଧୀନରେ ମାନକ, ଡିଜାଇନ, ପ୍ରଯୁକ୍ତିକ ମାନଦଣ୍ଡ ଓ ଉନ୍ନତ ନିର୍ମାଣ ଗୁଣବତ୍ତା ପାଳନ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।

## ପିୟୁସି ଟେନସନ୍ : ମାସେ ବଢ଼ିଲା ସମୟ ସୀମା

ଭୁବନେଶ୍ୱର: ଓଡ଼ିଶା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯାନବାହନ ମାଲିକମାନଙ୍କୁ ଅତ୍ୟାବଶ୍ୟକୀୟ କାଗଜପତ୍ର ନବୀକରଣ କରିବା ପାଇଁ ସମୟ ସୀମା ଗୋଟିଏ ମାସ ବଢ଼ାଇଛନ୍ତି ।ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଏଥିରୁ ଗାଡ଼ି ଚାଳକମାନଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଏହି ଗ୍ରେସ ପିରିୟଡରେ ଗାଡି ମାଲିକମାନେ ସେମାନଙ୍କର ପଞ୍ଜୀକରଣ ପ୍ରମାଣପତ୍ର , ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ (ପିୟୁସି) ପ୍ରମାଣପତ୍ର ଏବଂ ବୀମାକୁ ବିନା ଜରିମାନାରେ ଅପଡେଟ୍ କରି ପାରିବେ। ମନ୍ତ୍ରୀ ମାସକ ମଧ୍ୟରେ ନବୀକରଣ ସମାପ୍ତ କରିବାକୁ ଅନୁରୋଧ କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ରାଜ୍ୟବ୍ୟାପୀ କଡାକଡି ଯାଞ୍ଚ୍ ୧ ଫେବ୍ରୁଆରି ୨୦୨୬ ରୁ ଆରମ୍ଭ ହେବ।






ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526 DADLS-72





ପବିତ୍ର ବଡ଼ଦିନ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ପ୍ରତିଷ୍ଠା ସ୍ମାରକୀ ସମାରୋହ ପାଇଁ ଶ୍ରୀଜଗନ୍ନାଥ ପ୍ରଚାର ସମିତିର ପ୍ରସ୍ତୁତ ବୈଠକ

ଭଦ୍ରକ, ୨୪।୧୨:(ମନ୍ଥନ)ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକର ପ୍ରତିଷ୍ଠା ସ୍ମାରକୀ ସମାରୋହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଭଦ୍ରକସ୍ଥ ଶ୍ରୀ ବାଲଗୋପାଳ ମନ୍ଦିରରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୨୫ବର୍ଷ ଧରି ଜିଲ୍ଲା ତଥା ଜିଲ୍ଲା ବାହାରେ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ସମାରୋହ ୨୬ ବର୍ଷ ପୂରଣ ହେବାକୁ ଯାଉଛି । ଯେହେତୁ ଏହା ଏକ ଭ୍ରାମ୍ୟମାଣ ଆଧ୍ୟାତ୍ମିକ ଅନୁଷ୍ଠାନ ଭାବରେ ପଞ୍ଜିକୃତ ହୋଇଛି । ଶାସକୀୟ ନବବର୍ଷ ଜାନୁଆରୀ ପହିଲାରେ ଏହି ଉତ୍ସବ “ନେତ ଉତ୍ସବ” ଭାବରେ ପାଳିତ ହୋଇଥାଏ । ଏଥିରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଶ୍ରୀଜଗନ୍ନାଥଙ୍କ ଷୋଡ଼ଶ ଉପଚାର ପୂଜା, ବିଶ୍ୱ ଶାନ୍ତିଯଜ୍ଞ ଆଧ୍ୟାତ୍ମିକ ସଭା, ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନଗର ପରିକ୍ରମା ସହ ନେତ ଉଡ଼ାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ଏହି କାର୍ଯ୍ୟକ୍ରମ ଭଦ୍ରକ ସହରସ୍ଥ ଅପର୍ତ୍ତିବିନ୍ଧା ଶ୍ରୀଜଗନ୍ନାଥ ମନ୍ଦିରରେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଅନୁଷ୍ଠିତ ହେବାକୁ ସ୍ଥିର କରାଗଲା । ଚଳିତ ମାସ ଡ଼ିସେମ୍ବର ମାସ ୩୧ ତାରିଖ ଅପରାହ୍ନରେ ଏକ ସେବକ ମିଳନ ମଞ୍ଚ” ଓ ପରଦିନ ଜାନୁଆରୀ ୧ ତାରିଖରେ ପାରମ୍ପରିକ ରୀତିରେ ପ୍ରଚାର ସମିତିର ‘ନେତ ଉତ୍ସବ’ ଏକ ଦୁଇ ଦିନିଆ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଗଲା । ଏହି ଉତ୍ସବରେ ଭଦ୍ରକର ଜିଲ୍ଲାପାଳଙ୍କୁ ଉଦ୍‌ଘାଟକ, ଭଦ୍ରକର ମାନ୍ୟବର ବିଧାୟକଙ୍କୁ ମୁଖ୍ୟଅତିଥି ଓ ସନ୍ଥ ମୁକୁନ୍ଦଜୀ ମହାରାଜଙ୍କୁ ମୁଖ୍ୟବକ୍ତା ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର କରାଗଲା । ଏହି ଆଲୋଚନା ସଭାରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହ ଆବାହକ ବାବୁଲାଲ ଦାସ, ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ଦାଶ, ମଦନ ମୋହନ ମହାନ୍ତି, ସନେଇ ଶିଅଳ, ପ୍ରଶାନ୍ତ କୁମାର ଦେ, ନାରାୟଣ ପ୍ରଧାନ, ଲକ୍ଷ୍ମୀଧର ଖଟୁଆ, ସୁବାସ ଚନ୍ଦ୍ରବଳ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, କାଶୀନାଥ ପଣ୍ଡା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ସୁଦର୍ଶନ ପଣ୍ଡା, ସହ ପରିଚାଳକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଶାସନ ସପ୍ତାହ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଏକଦିବସୀୟ କାର୍ମଶାଳା ଅନୁଷ୍ଠିତ

ଜଗତସିଂହପୁର,୨୪।୧୨:(ମନ୍ଥନ)ସରକାରଙ୍କର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ସରକାର ଓ ପ୍ରଶାସନ ଗ୍ରାମରେ ପହଞ୍ଚିବା ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା । ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ହିତରେ ଲାଗିବା ସହ ଏହାର ସୁଫଳ ଯେପରି ସମସ୍ତେ ପାଇବେ ସେଥିପାଇଁ ସଚେତନତା ସୃଷ୍ଟି ବ୍ୟବସ୍ଥା କରାଯାଇଛି । ଏହି ଉଦ୍ଦେଶ୍ୟ ରେ ‘ପ୍ରଶାସନ ଗାଁଓ କି ଓର’ ବା ପ୍ରଶାସନ ଗ୍ରାମ ଅଭିମୁଖେ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ନିବୃତ୍ତ ଭାରତୀୟ ପ୍ରାସାସନିକ ଅଧିକାରୀ ତଥା ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଶ୍ରୀ ନାରାୟଣ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଜିଲ୍ଲା ତଥା କ୍ଷତ୍ରିୟ ଅଧିକାରୀ ମାନଙ୍କୁ ପ୍ରଶାସନିକ ବ୍ୟବସ୍ଥା ରେ ଜନସାଧାରଣ ଉପକୃତ ହେବା, ସରକାର ଙ୍କ କଲ୍ୟାଣ କାରୀ ଯୋଜନା ର ସୁଫଳ ପାଇବା ନିମନ୍ତେ ପଦକ୍ଷେପ ଆଦି ସଂପର୍କ ନିଜ ଅଭିଜ୍ଞତା ରୁ ଉପଦେଶ ଦେଇଥିଲେ ।ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଅଧ୍ୟକ୍ଷତା ପ୍ରଶାସନିକ ବ୍ୟବସ୍ଥା ରେ ସ୍ୱଚ୍ଛତା ର ସହ ତୃଣମୂଳ ସ୍ତରରେ ସରକାର ଙ୍କ ଯୋଜନା ପହଞ୍ଚାଇବାକୁ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ଜନ ଅଭିଯୋଗ ଶୁଣାଣି ମାଧ୍ୟମ ରେ ଜନସାଧାରଣ ଙ୍କ ଆପତ୍ତି ଅଭିଯୋଗ ର ଶୁଣାଣୀ କରାଯାଉଛି ।ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ , ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାଶ ପ୍ରମୁଖ ମଞ୍ଚାସିନ ଥିଲେ ।ପ୍ରକାଶ ଥାଉକି, ଚଳିତ ମାସ ୧୯ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ ତରଫରୁ ସୁଶାସନ ସପ୍ତାହ ଭାବେ ପାଳନ କରାଯାଉଛି । ଏହି ଉପଲକ୍ଷେ ଅଧିକାରୀ ମାନେ ଜିଲ୍ଲା ର ବିଭିନ୍ନ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା ସହ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଛନ୍ତି । ଆଜିର କର୍ମଶାଳା ରେ ନିର୍ବାହୀ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର, ଗ୍ରିଭାନ୍ସ, ଏସ ଇ ଆର ଡବ୍ଲୁ ଏସ ଏସ, ଏସ ଇ ମହାନଦୀ ସାଉଥ ଡିଭିଜନ,ଓ ଅବକାରୀ ଅଧିକ୍ଷିକା ଗୁଡ଼ ଗଭରନାନସ୍ ପ୍ରାକ୍ଟିସ ରେ ନିଜ ବିଭାଗ ର ସଫଳତା ବିଷୟ ରେ ପାଓ୍ୱାର ପଏଣ୍ଟ ମାଧ୍ୟମ ରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳା ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ, ବିଡ଼ିଓ,ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ ତଥା କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୬ ତମ ବାର୍ଷିକୋତ୍ସବ

ଜଗତସିଂହପୁର,୨୪।୧୨:(ମନ୍ଥନ)ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ ତମ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷକ ନେତା ନିର୍ମଳେନ୍ଦୁ ସୋମ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ରାଜ୍ୟ ପୋଲିସ କାର୍ଯ୍ୟାଳୟ କଟକ,ବାସୁଦେବ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଭିତ୍ତିକ ଦିଗଦର୍ଶନ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଶିକ୍ଷିକା ଶିକ୍ଷକଙ୍କ ଅକ୍ଲାନ୍ତ ପରିଶ୍ରମକୁ ତାରିଫ କରିବା ସହ ପ୍ରତିଭା ବିକଶିତ କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କୋଷାଧ୍ୟକ୍ଷ ପୂର୍ବ ସମ୍ଭାଗ ଶିକ୍ଷାବିକାଶ ସମିତି ରବୀନ୍ଦ୍ର କୁମାର ଦାସ ତାଙ୍କ ବକ୍ତବ୍ୟରେ ମଣିଷ ତିଆରି କାରଖାନାରେ ଆଚରଣ ଓ



ଉଚ୍ଚାରଣ ପ୍ରମୁଖ ସୋପାନ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ତାଙ୍କର ବକ୍ତବ୍ୟ ରଖିଥିଲେ । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ।ସାଂସ୍କୃତିକ ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଶିଶୁ ମନ୍ଦିର ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ପ୍ରାକ୍ତନ ଛାତ୍ରୀଛାତ୍ର ରଶ୍ମିତା ଦାସ,ବିଷ୍ଣୁପ୍ରିୟା ଜେନା,ମାନସ କୁମାର ସାହୁ,ସଚ୍ଚିକାନ୍ତ ମହାନ୍ତି ଓ ଯୁକ୍ତ ୨ ଟପର ବିନୀତ ମହାନ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ଏହାଛଡା କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ସଚିକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ । ପରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରୀ ଛାତ୍ର ଉପସ୍ଥିତ ଥିବାବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ ।

# ଖଣ୍ଡପଡ଼ା ବ୍ଲକରେ ବେଟି ବଚାଅ ବେଟି ପଢାଅ

ଖଣ୍ଡପଡ଼ା,୨୪।୧୨:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ସଭାଗୃହରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ କନକଲତା ପୁଜାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ଅଭିସାର ପଣ୍ଡା, ସ୍ଥାନୀୟ ଥାନା ଏସଆଇ ମନସ୍ମିତା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କର୍ମଚାରୀ ପ୍ରମୁଖ ସାମିଲ ଥିଲେ । ଶିଶୁ କନ୍ୟାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଏବଂ ସାମଗ୍ରିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନିମନ୍ତେ ମତପ୍ରକାଶ ପାଇଥିଲା । ସେହିପରି ମହିଳା ଓ ଶିଶୁ କନ୍ୟାଙ୍କ ସୁରକ୍ଷା ନିମନ୍ତେ ବ୍ଲକସ୍ତରୀୟ ଟାସ୍କଫୋର୍ସ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ଲିଙ୍ଗଗତ ଅସମାନ୍ୟତା ଦୂର କରିବା ସମାଜରେ ତିଷ୍ଠିରହିବା ଏବଂ ସୁରକ୍ଷା ନିଶ୍ଚିତ କରିବା, ଶିକ୍ଷିତ କରିବା, ପୁଷ୍ଟିକରଣରେ ଉନ୍ନତି, ଏବଂ ଏକ ପାରିପାର୍ଶ୍ୱିକ ସୁରକ୍ଷା ଯୋଗାଇବା ଆଦି ଲକ୍ଷରେ ୨୦୧୫ ମସିହାରେ ଏହି ଯୋଜନାକୁ ଭାରତ ସରକାର ଆରମ୍ଭ କରିଥିଲେ ।

# ଭତ୍ତାରୁ ବଞ୍ଚିତ ଶାରୀରିକ ଭିନ୍ନକ୍ଷମ ବଳରାମ

ଖଣ୍ଡପଡ଼ା, ୨୪।୧୨:(ମନ୍ଥନ)ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ନିମପାଟଣା ଗ୍ରାମର ବଳରାମ ସାହୁ(୫୬) ଗତ ୨ ବର୍ଷ ହେବ ମାନସିକ ଓ ଶାରୀରିକ ଭାବେ ଭିନ୍ନକ୍ଷମ ଜୀବନ ଜୀଉଛନ୍ତି । ମଧୁମେହ ରୋଗରେ ପୀଡିତ ଥିବା ବଳରାମ ଦୁଇ ବର୍ଷ ତଳେ ବ୍ୟବସାୟ କରିବା ସମୟରେ ହଠାତ ଅସୁସ୍ଥ ହୋଇପଡିବା ସହିତ ପକ୍ଷାଘାତର ଶିକାର ହୋଇଥିବା ବେଳେ ମାନସିକ ଭାବେ ମଧ୍ୟ ଅକ୍ଷମ ହୋଇଥିଲେ । ମଧ୍ୟ ଆଉ ଚଲାବୁଲା କରିବାକୁ ଅକ୍ଷମ ହୋଇଥିଲେ। ୨୦୨୪ ମସିହାରେ ତାଙ୍କୁ ୯୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିବା ବେଳେ କିନ୍ତୁ ଭତ୍ତାରୁ ବଞ୍ଚିତ ଅଛନ୍ତି । ରାଜ୍ୟ ସରକାର ଭିନ୍ନକ୍ଷମ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ମାସିକ ୩ହଜାର ଟଙ୍କା ଭତ୍ତା ଘୋଷଣା କରିଥିବା ବେଳେ ବଳରାମଙ୍କ ପାଇଁ ଏହା ସାତସପନ ପାଲଟିଛି । ଗତ ୬ ମାସରୁ



ଉର୍ଦ୍ଧ୍ୱ ସମୟ ଧରି ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ଏଥିରୁ ବଞ୍ଚିତ ହୋଇଛନ୍ତି । ଏପରିକି ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ମଧ୍ୟ ପ୍ରଶାସନର ଶୁଭ ଦୃଷ୍ଟିପଡିନଥିବା ଅଭିଯୋଗ ହୋଇଛି । ଗତ ନଭେମ୍ବର ୨୪ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ଯାଏଁ ତାଙ୍କ ଭତ୍ତା ମଞ୍ଜୁର ହୋଇନଥିବା ସୂଚନା ମିଳିଛି । ପରିବାର ଲୋକେ ଏକାଧିକ ବ୍ଲକ କାର୍ଯ୍ୟାଳୟ ସହିତ ସମ୍ପର୍କ କରିଥିଲେ ମଧ୍ୟ ସୁଫଳ ମିଳୁନଥିବା କ୍ଷୋଭର ସହ କୁହନ୍ତି । ଅନ୍ୟପକ୍ଷରେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଶାରୀରିକ ଓ ମାନସିକ ଭାବେ ଭିନ୍ନକ୍ଷମ ହେବା ଯୋଗୁଁ ସମସ୍ୟା ଦେଇ ଗତି କରୁଛନ୍ତି ଦୁଇ ଝିଅଙ୍କ ସହିତ ୪ ଜଣିଆ ପରିବାର । ଜିଲ୍ଲା ପ୍ରଶାସନ ଅସହାୟ ବଳରାମଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବନ୍ଧୁମିଳନ ଉତ୍ସବ

ଜଗତସିଂହପୁର,୨୪।୧୨:(ମନ୍ଥନ)ଗତ ତା ୨୧.୧୨.୨୦୨୫ ରିଖରେ ପାଳନ ହୋଇଛି କ୍ଷକ୍ଷଉକ୍ତ କାର୍ଯ୍ୟକ୍ରମ ରେ ଡ଼ା. ଭାସ୍କରକାନ୍ତି ସେନଗୁପ୍ତା ସଭାପତିତ୍ୱ କରିଥିଲେ । ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର, ରଘୁନାଥପୁର ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ନବମ ଶ୍ରେଣୀ ରେ ସର୍ବୋଚ୍ଚ ନମ୍ବର ରଖି ଦଶମ ଶ୍ରେଣୀ କୁ ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀ ଶୁଭସ୍ମିତା ବେହେରା ଙ୍କୁ ମାନପତ୍ର ସହିତ ନଗଦ ୫୦୦୦/-ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏତଦବ୍ୟତୀତ ଓଡିଶା ପ୍ରଶାସନିକ ସେବା ରେ ସଦ୍ୟ ଯୋଗଦାନ କରିଥିବା ଶ୍ରଦ୍ଧା ରଞ୍ଜନ ଗ୍ରହାଚାର୍ଯ୍ୟ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଧାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।ଶିକ୍ଷୟିତ୍ରୀ କ୍ରିଷ୍ଣା ମୁଖାର୍ଜୀ ଓ ଅନୀତା ସାମନ୍ତ ମାନପତ୍ର ପାଠ କରିଥିଲେ। ପ୍ରଣବ କିଶୋର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ସୁଶାନ୍ତ କୁମାର ରାଉତ, ଅଭିଜିତ ଘୋଷ, ରଞ୍ଜନ ପଣ୍ଡା, ଅକ୍ଷୟ,ବିଷ୍ଣୁ ସେନାପତି, ପ୍ରତାପ ଦାସ, ସ୍ୱର୍ଣ୍ଣ ଗ୍ରହାଚାର୍ଯ୍ୟ, ବାସୁଦେବ,ସକିଲ, ସୁଷମା,ମୀରା,ଅନିତା, ସୁଷମା, ସବିତା ପଣ୍ଡା, ବିଶ୍ୱନାଥ ସମତେ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବନ୍ଧୁକ ଦେଖାଇ ରଟଙ୍କା ସୁନା ଝାମ୍ପିନେଲେ ୨ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା,୨୪।୧୨:(ମନ୍ଥନ)ଦିନ ଦିପହରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ମହିଳପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ହାତରୁ ସୁନା ମୁଦି ଓ ୨ଟି ଦାମୀ ମୋବାଇଲ ସମେତ ଅନେକ ଜରୁରୀ କାଗଜ ପତ୍ର ପଶିଥିବା ବ୍ୟାଗ ଟିକୁ ଝାମ୍ପି ନେଲେ ୨ ଦୁର୍ବୃତ୍ତ। କେନ୍ଦ୍ରାପଡ଼ା ବ୍ଲକ ଅଧିନ ପଳସିଂହା ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଐଶର୍ଯ୍ୟ ନାଥଶର୍ମା ଆଜି ଅପରାହ୍ନରେ ଖାଇବା ପାଇଁ ବଜାରକୁ ଆସୁଥିବା ବେଳେ ଇନ୍ଦୁପୁର ଆଡ଼ୁ ଦୁଇ ଯୁବକ ଏକ କଳା ପଲ୍ସର ଆସି ଐଶର୍ଯ୍ୟ ନାଥ ଶର୍ମାଙ୍କୁ ଅଟକାଇବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ। ଏଥିସହ ସୁନା ମୁଦି ସମେତ ଦୁଇଟି ମୋବାଇଲ ଫୋନ ଏବଂ ଅଫିସ ଚାବି, କିଛି ଜରୁରୀ କାଗଜ ପତ୍ର ଥିବା ଭ୍ୟାନିଟିକୁ ମଧ୍ୟ ସେମାନେ ନେଇଯାଇଥିଲେ। ମହିଳା ଅଧିକାରୀ ଜଣକ ଏକୁଟିଆ ଥିବାରୁ ଜୀବନ ସୁରକ୍ଷା ନିମନ୍ତେ ଦୁର୍ବୃର୍ତ୍ତ ମାନଙ୍କୁ ସମସ୍ତ ଜିନିଷ ଦେଇଦେଇଥିଲେ। ଘଟଣା ଘଟିଥିବା ସ୍ଥାନରୁ ନିକିରେଇ ଥାନା ମାତ୍ର ଦୁଇ କିଲୋମିଟର ଦୂରତା ହୋଇଥିଲେ ମଧ୍ୟ ଦୁର୍ବୃତ୍ତ ମାନେ ଖୁଲମ ଖୁଲା ମହିଳା ଅଧିକାରୀଙ୍କ ଠାରୁ ଲୁଟ କରି ଫେରାର ହୋଇଯାଇଛନ୍ତି। ନା ସେମାନଙ୍କର ପୋଲିସ କୁ ଅଛି ଡର ନା ଲୋକଙ୍କୁ କାହାରିକୁ ଖାତିର ନକରି ଦିନ ଦିପହରେ ମୁଣ୍ଡରେ ବନ୍ଧୁକ ଲଗାଇ ଝାମ୍ପି ନେଉଛନ୍ତି ସୁନା ଆଉ ଟଙ୍କା। ସେହି ସମୟରେ ଉକ୍ତ ରାସ୍ତା ଦେଇ କିଛି ଯୁବକ ଆସୁଥିବାର ଦେଖି ଦୁର୍ବୃତ୍ତ ମାନେ ମହିଳାଙ୍କୁ ବିଲକୁ ଠେଲି ଦେଇ ଗାଡି ନେଇ ଫେରାର ହୋଇଯାଇଥିଲେ। ରାସ୍ତାରେ ଆସୁଥିବା ସେହି ଯୁବକମାନେ ମହିଳା ଜଣଙ୍କୁ ଉଦ୍ଧାର କରିଥିବା ବେଳେ ମହିଳା ଜଣଙ୍କ ନିକିରାଇ ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଛନ୍ତି। ନିକିରାଇ ଥାନା ପକ୍ଷରୁ ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରିଣୀ କହିଛନ୍ତି।

# ଆଜୀବନ ଲୋକଙ୍କ ପାଇଁ ସେବା ଜାରି ରହିବ – ନରସିଂହ

ବଲାଙ୍ଗିର,୨୪।୧୨:(ମନ୍ଥନ) ଲୋକପ୍ରତିନିଧି ଥାଏଁ ବା ନ ଥାଏଁ କିଛି ଫରକ ପଡିବ ନାହିଁ, ଜିବନ ଥିବା ପର୍ଯ୍ୟନ୍ତ ସମାଜର ସବୁ ବର୍ଗର ଲୋକମାନଙ୍କର ପାଇଁ କାମ କରିବି ବୋଲି ପୁର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜର ୮୬ତମ ଜନ୍ମ ଦିବସରେ ଶୁଭେଚ୍ଛୁମାନଙ୍କ ଶୁଭେଚ୍ଛା ଓ ଅଭିନନ୍ଦନର ପ୍ରତିଉତ୍ତରରେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏ ମର୍ମରେ ସେ ଏହା ମଧ୍ୟ କହିଛନ୍ତି ଯେ ଲୋକଙ୍କର ତାଙ୍କ ପ୍ରତି ଭଲ ପାଇବା ତାଙ୍କ ଭିତରେ ଥିବା ଦାୟିତ୍ୱବୋଧତାକୁ ଆହୁରି ଦ୍ୱିଗୁଣିତ କରୁଛି। ସେ ନିଶ୍ଚିତ ଭାବରେ ଏ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, କ୍ରୀଡ଼ା, ସଂସ୍କୃତି ର ବିକାଶ ପାଇଁ ନିରନ୍ତର କାମ ଜାରି ରଖିବେ ବୋଲି କହିବା ସହ ଅଂଚଳର ଲୋକଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ଆଜି ନରସିଂହ ମିଶ୍ର ୮୬ ବର୍ଷରେ ପ୍ରଦାର୍ପଣ କରିଛନ୍ତି । ୧୯୪୦ ମସିହା ଶ୍ରୀ ମିଶ୍ର ବଲାଙ୍ଗିର ସହର ନିକଟବର୍ତ୍ତି ଛତାମଖନା ଗ୍ରାମରେ ଦେଶର ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ପିତା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ଏବଂ ମାତା ନିଳାବତି ଦେବୀଙ୍କ ଔରଷରୁ ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୦ ଭାଇ ଓ ଏକ ଭଉଣି ଭିତରେ ସେ ଜ୍ୟେଷ୍ଠ ଥିଲେ। ପିଲାଟି ଦିନର ଶିକ୍ଷା ଛତାମଖନା ସ୍କୁଲ ରୁ ଆରମ୍ଭ ହୋଇ ପରିବର୍ତ୍ତି ସମୟରେ ପିଆର ହାଇସ୍କୁଲ ପରେ ପରେ ବିକ୍ରମଦେବ କଲେଜ ଜୟପୁର, ଖଲ୍ଲିକୋଟ କଲେଜ ବ୍ରହ୍ମପୁର ରୁ ସେ ଡିଗ୍ରୀ ସମାପ୍ତ କରିଥିଲେ। ପରେ ପରେ କଟକ ସ୍ଥିତ ମଧୁସୁଦନ ଆଇନ ମହାବିଦ୍ୟାଳୟରୁ ଡିଗ୍ରୀ ସମାପ୍ତ କରିଥିଲେ। ଆଜି ତାଙ୍କର ୮୬ତମ ଜନ୍ମଦିନ ଅବସରରେ ସାରା ରାଜ୍ୟରୁ ତାଙ୍କ ଶୁଭେଚ୍ଛୁମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ କଂଗ୍ରେସ ନେତା ମନୀଷ ମିଶ୍ର, ବୁଲୁ ଦାନୀ, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର , ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନସାରା ଶ୍ରୀ ମିଶ୍ରଙ୍କୁ ବଲାଙ୍ଗିର ସହରର ତଥା ଦେଓଗାଁ, ଆଗଲପୁର, ବଲାଙ୍ଗିର ସଦର, ପୁଇଁନ୍ତଲା, ବିନିକା, ବୌଦ୍ଧ ଓ ଲୋଇସିଂହା ବ୍ଲକ ଅଂଚଳରୁ ଅନେକ ସାଧାରଣ ଜନତା, ବୁଦ୍ଧିଜିବି, ରାଜନୈତିକ କର୍ମୀ, ସାମାଜିକ, ସାଂସ୍କୃତିକ, ମହିଳା ସଂଗଠନ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଶ୍ରୀ ମିଶ୍ରଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଆଜି ଶ୍ରୀ ମିଶ୍ର ଚିରାଚରିତ ଢଙ୍ଗରେ ନିଜର ଗସ୍ତ କାର୍ଯ୍ୟକ୍ରମରେ ଯାଇ ପ୍ରସିଦ୍ଧ ସୁଲିଆ ପୀଠର ସୁଲିଆ ବାବାଙ୍କ ଦର୍ଶନ ସହ ଆଶିଷ ଲାଭ କରିଥିଲେ । ପରେ ପରେ ମିର୍ଦ୍ଧାପାଲି ସୁଲିଆପୀଠ, ପଥରଚେପା ଗ୍ରାମ ଓ ଆଶ୍ରମ କୁ ଯାଇ ଛୋଟ ଛୋଟ ଅନ୍ତେବାସୀଙ୍କ ସହ ନିଜ ଜନ୍ମଦିବସ ପାଳନ କରିଥିଲେ । ସନ୍ଧ୍ୟାରେ ଲୋୟର ସୁକତେଲ ଡ୍ୟାମ ନିକଟରେ ଏକ ପାଂଚ ଦିନିଆ ଫୁଟବଲ ମ୍ୟାଚର ଉଦ୍‌ଘାଟନ କରିଥିଲେ।

# ଶ୍ରୀବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

କେନ୍ଦ୍ରାପଡ଼ା,୨୪।୧୨:(ମନ୍ଥନ)କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶ କରିଛନ୍ତି। ତେଣୁ ମହାପ୍ରଭୁଙ୍କ ମହାସ୍ନାନ କରାଯିବା ସହିତ ଶ୍ରୀଜୀଉଙ୍କ ମନ୍ଦିର ଶୋଧନ ପରେ ନୀତି ଆରମ୍ଭ ହୋଇଥିଲା। ଆଜି ସକାଳ ପ୍ରାୟ ନଅଟା ସମୟରେ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଇସ୍କନ ସଂସ୍ଥାର ଚାଳିଶି ଜଣ ବ୍ୟକ୍ତି ମନ୍ଦିର ଭିତରକୁ ଆସିଥିଲେ। ସ୍ଥାନୀୟ ଜନ ସାଧାରଣ ଓ ସେବାୟତ ସନ୍ଦେହ ପ୍ରକାଶ କରି ସେମାନଙ୍କୁ ପଚରା ଉଚୁରା କରିଥିଲେ। ପରେ ତାଙ୍କ ଭିତରୁ ଦୁଇ ଜଣ ଅଣ ହିନ୍ଦୁ ବୋଲି ଜଣା ପଡିଥିଲା। ଜଣେ ପୁରୁଷ ଓ ଜଣେ ମହିଳା। ସେମାନେ ଦୀର୍ଘ ବର୍ଷ ହେବ ଇସ୍କନ ସଂସ୍ଥା ସହ ଜଡ଼ିତ ଥିଲେ। ପୋଲିସ ପ୍ରଶାସନ ସହାୟତାରେ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ମନ୍ଦିର ସତ୍ୱଲିପି ଅନୁଯାୟୀ ଅଣ ହିନ୍ଦୁ ପ୍ରବେଶ ଉପରେ କଟକଣା ରହିଛି। ସେଥିପାଇଁ ମହାପ୍ରଭୁଙ୍କର ମହାସ୍ନାନ କରାଯିବା ସହ ମନ୍ଦିରକୁ ପୂଜାପଣ୍ଡା ରାଜ ପୁରୋହିତଙ୍କ ଦ୍ୱାରା ଶୌଧ କରାଯାଇ ଅନ୍ୟ ନୀତିକାନ୍ତି ଆରମ୍ଭ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ପିପିଲି,୨୪।୧୨:(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବାର୍ଷିକ ଉତ୍ସବ ବାଲିପଡ଼ିଆ। ଠାରେ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ର ସଭାପତି ପ୍ରଶନ୍ନ କୁମାର ଦାସ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ-ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଫେସର ଡ଼ଃ କୃଷ୍ଣଚନ୍ଦ୍ର ରଥ । ସମ୍ମାନୀତ ଅତିଥି ଭାବେ ପ୍ରଧାନ ଆଚାର୍ଯ୍ୟ ଅର୍ଜୁନ ମହାପାତ୍ର, ଉପ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର , ସମ୍ପାଦକ ତଥା ଶିକ୍ଷାବିତ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସତ୍ୟାନନ୍ଦ ଦାଶ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ଆର୍ଥିକ ସହାୟତା ସହାୟତା ପ୍ରଦାନ କରାଯାଇଥିଲା ଶେଷରେ ଉପ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ଆଚାର୍ଯ୍ୟ ନଳିନୀକାନ୍ତ ସାହୁ, ଶ୍ରୀମତୀ ମଧୁସ୍ମିତା ଜେନା, ଶ୍ରୀମତୀ ବିଜୟଲକ୍ଷ୍ମୀ ରଥ , ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ କାଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜ୍ଞାନ ବିକାଶ ଇଂଲିଶ ମିଡ଼ିୟମ ସ୍କୁଲର ବାର୍ଷିକ ଉତ୍ସବ




ଜଳେଶ୍ୱର,୨୪।୧୨:(ମନ୍ଥନ)ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଚକଅର୍ଜୁନି ଜ୍ଞାନ ବିକାଶ ଇଂଲିଶ ମିଡ଼ିଅମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ସ୍କୁଲର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଲେଲିନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟବକ୍ତା ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ସମ୍ମାନିତ ବକ୍ତା ଭାବେ ବାଗେଶ୍ୱରୀ ସଂସ୍କୃତ କଲେଜର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଜିର ସମାଜରେ ପିଲାମାନଙ୍କର ଇଂରାଜୀ ପାଠ୍ୟକ୍ରମ ଜରୁରୀ ହୋଇଥିବା ବେଳେ ନିଜର ମାତୃଭାଷାକୁ ମଧ୍ୟ ଜାଣିବାର ଆବଶ୍ୟକତା ଥିବା ବକ୍ତବ୍ୟରେ କହିଥିଲେ ଏବଂ ଭାରତୀୟ ଶିକ୍ଷାନୀତି ଉପରେ ଚର୍ଚ୍ଚା କରିଥିଲେ । ପିଲାମାନଙ୍କର ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବା ସହିତ ଆମ ସଂସ୍କୃତିର ବିକାଶ ହେବ ବୋଲି କହିଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଡାକ୍ତର ପଦ୍ମନାଭ ପ୍ରଧାନ ଏବଂ ଅଞ୍ଜଳି ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ । ତତସହିତ ପିଲା ମାନଙ୍କର ଅଭିଭାବକଙ୍କ ମଧ୍ୟରୁ ବେଷ୍ଟ ଗ୍ରାଣ୍ଡ ମଦର ଭାବେ ଶ୍ରୀମତୀ ଆରତୀ ବାଳା କର ଓ ବେଷ୍ଟ ଫାଦର ଭାବେ ଶ୍ରୀଯୁକ୍ତ ଚନ୍ଦନ ଜେନାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା ।ସ୍କୁଲର ପ୍ରଧାନ ଶିକ୍ଷକ ଗୋପୀକିଶନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଶିକ୍ଷୟତ୍ରୀ ସୁନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଶମ୍ଭୁନାଥ ଦାସ, ସପନ କୁମାର ପାତ୍ର, କମଳ ଲୋଚନ ଗିରି, ପାର୍ଥ ସାରଥୀ ନନ୍ଦ, ଶତାବ୍ଦୀ ଶେଖର ପାତ୍ର, ଶିକ୍ଷୟତ୍ରୀ ଅନୁରାଧା ଦାସ ମହାପାତ୍ର, ସଂଘମିତ୍ରା ଭୂୟାଁ, ନିବେଦିତା ମାହାନ୍ନା, ମୋନାଲିସା ଷଡ଼ଙ୍ଗୀ, ଅନୁରାଧା ମହାପାତ୍ରଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବଟେଶ୍ୱର ଶୈବପୀଠରେ ଅଲିଭ ରିଡଲେ ସୁରକ୍ଷା ସମ୍ପର୍କିତ ଆଲୋଚନା

ଗଞ୍ଜାମ,୨୪।୧୨:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠ ସ୍ଥିତ କଲ୍ୟାଣ ମଣ୍ଡପ ରେ ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡଲ ଙ୍କ ସୁରକ୍ଷା ସମ୍ପର୍କକିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ବଟେଶ୍ୱର ମନ୍ଦିର ପରିଚାଳନା କମିଟିକୁ ନେଇ ଜଙ୍ଗଲ ପରିବେଶ, ଏବଂ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଏସି ଏଫ ଦିବ୍ୟ ଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତଥା ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଦିଲୀପ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁଙ୍କ ସଭାପତି ତ୍ୱ ରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ରଂଜିତ ପଲାଇ, ପବିତ୍ର ସ୍ୱାଇଁ, ପ୍ରମୁଖ ସୁରକ୍ଷା କୁ ନେଇ ଆଲୋଚନା କରିଥିଲେ । ଗଣ ଅଣ୍ଡା ଦାନ ପ୍ରକ୍ରିୟା ସମୟରେ ବଟେଶ୍ୱର ମନ୍ଦିର କୁ ଆସୁଥିବା ପର୍ଯ୍ୟଟକ ମାନେ ସମୁଦ୍ର ଉପକୂଳ ଯିବାରୁ ବଂଚିତ ହେଉଥିଲେ । ବର୍ତ୍ତମାନ କମିଟି ଏବଂ ଜଙ୍ଗଲ ପରିବେଶ ବିଭାଗ ର ମିଳିତ ଭାବେ ଆଲୋଚନା ପରେ ସେହି ସମୟରେ ସ୍ୱତନ୍ତ୍ର କିଛି ରାସ୍ତା କରାଯାଇ ଆବଶ୍ୟକ ସ୍ଥଳେ ପର୍ଯ୍ୟଟକ କୁ ଛଡ଼ାଯିବ ବୋଲି ନିଷ୍ପତି ନିଆଯାଇଥିଲ । ଆଗାମୀ ଦିନରେ ଏହି ପୀଠ କୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ କରିବାକୁ ମଧ୍ୟ ନିଷ୍ପତି ନିଆଯାଇଥିଲା । ଗଣ ଅଣ୍ଡା ଦାନ ଠାରୁ କଇଁଛ ଙ୍କ ଛୁଆ ଫୁଟିବା ପର୍ଯ୍ୟନ୍ତ କମିଟି ପକ୍ଷରୁ କଇଁଛ ଙ୍କ ସୁରକ୍ଷା ପାଇଁ କିଛି ସ୍ୱେଚ୍ଛାସେବୀ ଙ୍କୁ ଦିଆଯିବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକ ରେ ୬ ଖଣ୍ଡ ଗ୍ରାମର ଯଥା କଣ୍ଟିଆ ଗଡ଼, ଖଟୁଆ କୁଦା, ନୀଳାଦ୍ରୀ ପୁର, ମୟୁର ପଦା, ପୋଡେମୋ ପେଟା, ଗୋଖର କୁଦା ପ୍ରଭୃତି ଗ୍ରାମର ବୃନ୍ଦାବନ ପ୍ରଧାନ,ସାମ୍ବାଦିକ ଶବର ତରାଇ, ଶିବରାମ ପଲାଇ,ନିରାକାର ଜେନା, ଦୁର୍ଯ୍ୟୋଧନ ପ୍ରଧାନ, ଯୋଗି ଛଟେଇ, ପୀତବାସ ବେହେରା, ନରସିଂହ ରେଡି, କୃଷ୍ଣ ରେଡି, ତ୍ରିନାଥ ସାହୁ, ଲୋକନାଥ ତରାଇ, ସୀମା ବାରିକ, ସତ୍ୟ ସାହୁ,ଶିବରାମ ସ୍ୱାଇଁ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ । ସେହିପରିଜଙ୍ଗଲ ଓ ପରିବେଶ ପକ୍ଷରୁ ଡି ପ୍ରଶାନ୍ତ ରାଓ, ସୁଧାକର ପାଣିଗ୍ରାହୀ, ତପନ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ ।



## ପିଏମ୍ ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ମାହାଙ୍ଗା, ୨୪।୧୨:(ମନ୍ଥନ)ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତ ଅର୍ନ୍ତଗତ ପିଏମ୍ ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବର ଉଦ୍‌ଘାଟନ ଦିବସରରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହ ମୁଖ୍ୟ ଅତିଥିରୂପେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭଲ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚୌ. ରମାକାନ୍ତ ପ୍ରହରାଜ, ସ୍ତମ୍ଭକାର ବିବେକାନନ୍ଦ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଲିସା ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ସହକାରୀ ଶିକ୍ଷକ ରମାକାନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୩ଦିନ ଧରି ଅନୁଷ୍ଠିତ ମୋଟ ୩୨ଟି କ୍ରୀଡା ପ୍ରତିଯୋଗିତା ସିନିୟର ,ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଓ ଶିକ୍ଷୟିତ୍ରୀ କ୍ରୀଡା ଉତ୍ସବରେ ପରିଚାଳନା କରିଥିଲେ। ଶେଷରେ କ୍ରୀଡା ଶିକ୍ଷକ ଦୀପକ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବି ଜୟନ୍ତ କୁମାର ଦାସଙ୍କୁ ହ୍ୟୁ ମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନ

ମାହାଙ୍ଗା,୨୪।୧୨:(ମନ୍ଥନ)ମାହାଙ୍ଗା ଅଂଚଳର ବିଶିଷ୍ଟ ସମାଜସେବୀ, ଅବସରପ୍ରାପ୍ତ ଆଡିସିନାଲ ସେକ୍ରେଟେରୀ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବି ଜୟନ୍ତ କୁମାର ଦାସଙ୍କୁ ହ୍ୟୁମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୮ତାରିଖ ଦିନ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ (ଜୟଦେବଭବନ)ଠାରେ ହ୍ୟୁ ମ୍ୟାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଏବଂ ଜାତୀୟ ମାନବାଧିକାର କମିଶନର ନୂଆଦିଲ୍ଲୀ ଅନୁକୂଲ୍ୟରେ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ତାଲିମ ସମ୍ମେଳନ ଅନୁଷ୍ଠିତ ହୋଇଥିଲା। ହ୍ୟୁ ମ୍ୟାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଭୁବନେଶ୍ୱରର ଚେୟାର ପର୍ସନ୍ ମନୋଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏଚ୍‌ଆରସି ,ନୂଆଦିଲ୍ଲୀର ସଦସ୍ୟ ଜଷ୍ଟିସ୍ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ମାନବାଧିକାର କମିଶନର ଅସିମ୍ ଅମିତାଭ୍ ଦାସ ସମ୍ମାନୀତ ଅତିଥି ଭାବେ ରାଜ୍ୟ ମହିଳା ଅଧିକାର କମିଶନର ଡଃ କଜ୍ଞନା ମଲିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ଆଲୋଚନା ଚକ୍ର ଅବସରପ୍ରାପ୍ତ ଜିଲ୍ଲା ଜର୍ଜ ଅମୀୟ କୁମାର ସାହୁଙ୍କ ପରିଚାଳନାରେ ଆଇନଜୀବି ଜୟନ୍ତ କୁମାର ଦାସ ଯୋଗଦେଇ ମାନବାଧିକାର ସହିତ ସମ୍ବିଧାନର ସଂପର୍କକୁ ନେଇ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ।ଏହି ଉତ୍ସବରେ ଶ୍ରୀଯୁକ୍ତ ଦାସଙ୍କୁ ଅତିଥିମାନେ ହ୍ୟୁ ମ୍ୟାନ୍ ରାଇଟ୍ସ ଡିଗ୍ନିଟି ସମ୍ମାନ ପ୍ରଦାନ କରିଥିଲେ। ଯାହାକୁ ନେଇ ମାହାଙ୍ଗା ଅଂଚଳରେ ସ୍ୱାଗତ କରାଯାଇଛି।

## ବ୍ରହ୍ମପୁର ସିଟି ମହାବିଦ୍ୟାଳୟରେ ଆତ୍ମନିର୍ଭର ଭାରତ ଆଧାରିତ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୪।୧୨:(ମନ୍ଥନ)ସ୍ଥାନୀୟ ଆମ୍ବପୁଅ। ସ୍ଥିତ ସିଟି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଆତ୍ମନିର୍ଭର ଭାରତ ଆଧାରିତ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ.ଜୟନ୍ତ ବାନାର୍ଜୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ଏଥିରେ ମନ୍ତ୍ରୀଙ୍କ ଜିଲ୍ଲା ଶିକ୍ଷା ପ୍ରତିନିଧି ଶ୍ରୀ ଗଙ୍ଗାଧର ଶତପଥୀ, ଆତ୍ମନିର୍ଭର ଭାରତ ଯୋଜନାର ଜିଲ୍ଲା ସଂଯୋଜିକା ଶ୍ରୀମତି ମଧୁସ୍ମିତା ଠାକୁର, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଜି.ଗୋପାଳ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ମାର୍ଗଦର୍ଶନ କରିଥିଲେ। ଶ୍ରୀମତି ଠାକୁର ଏନେଇ ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ଆତ୍ମନିର୍ଭର ହେବା ନିମନ୍ତେ ବିଭିନ୍ନ ଯୋଜନା ଏବଂ ଆର୍ଥିକ ସହାୟତା ନିମନ୍ତେ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ବିଭିନ୍ନ ଋଣ ବିଷୟରେ ଅବଗତ କରାଇ ଥିଲେ । ସେହିପରି ଶ୍ରୀ ଶତପଥୀ ଛାତ୍ରଛାତ୍ରୀଙ୍କୁ ଦେଶସେବୀ ହେବା ନିମନ୍ତେ ଉତ୍ସାହ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିବା ବେଳେ, ଓଡିଆ। ବିଭାଗର ଅଧ୍ୟାପିକା ଡ.ସସ୍ମିତା ମିଶ୍ର ସଭାକାର୍ଯ୍ୟ ସଂଯୋଜନା କରିଥିବା ସହ କାର୍ଯ୍ୟକ୍ରମଟି ସାଫଲ୍ୟ ମଣ୍ଡିତ ହେବା ନେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖରିଡା ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବୁଗୁଡ଼ା, ୨୪।୧୨:(ମନ୍ଥନ) ବୁଗୁଡ଼ା ବ୍ଲକର ଅରଖପୁର ପଞ୍ଚାୟତ ଅନ୍ତର୍ଗତ ଖରିଡା ଗ୍ରାମର ମା’ ସ୍ୱପ୍ନେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱପରିସରରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡମ୍ବରୁଧର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ବିଶ୍ୱଜିତ ପରିଡା, ଅବସରପ୍ରାପ୍ତ ସେନାଧିକାରୀ ପ୍ରଦୀପ କୁମାର ସାହୁ, ପ୍ରଧାନ ଶିକ୍ଷକ ପିତାମ୍ବର ଗୌଡ, ଶିକ୍ଷକ ପ୍ରସନ୍ନ କୁମାର ରଥ ଓ ରବିନ୍ଦ୍ର ନାଥ ବିଷୋୟୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲାୟ ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଉର୍ମିଳା କୁମାରୀ ସ୍ୱାଇଁ, ପ୍ରଣିତା ପାଣିଗ୍ରାହୀ, ସତ୍ୟ ନାରାୟଣ ଦାସ, ସୁରେନ୍ଦ୍ର କୁମାର ଗୌଡ, ସନ୍ତୋଷ କୁମାର ପାଣି, ପଦ୍ମ ଚରଣ ବିଷୋୟୀ, କୈଳାଶ ଚନ୍ଦ୍ର ଗୌଡ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାରେ ବଢିଲା ୨୧୪ ବୁଥ

ପୁରୀ,୨୪।୧୨:(ମନ୍ଥନ)ପୁରୀ ଜିଲ୍ଲା ର ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ୨୧୪ ଗୋଟି ବୁଥ ସଂଖ୍ୟା ବଢ଼ିଛି ।ପୂର୍ବରୁ ଏହି ୬ ଗୋଟି ନିର୍ବାଚନ ମଣ୍ଡଳୀ ରେ ମୋଟ ବୁଥ ସଂଖ୍ୟା ୧୬୦୯ ଥିବା ବେଳେ ଏବେ ଏହା ୧୮୨୩ କୁ ବଢ଼ିଛି ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶରତ ଚନ୍ଦ୍ର ବେହେରା । ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ବୁଥ ରାସନାଲାଇଜେସନ ବା ବୁଥ ଯୁକ୍ତିଯୁକ୍ତ କରଣର ଚୂଡାନ୍ତ ତାଲିକା ପ୍ରକାଶନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ବୁଥ ମାନଙ୍କ ରେ ୧୨୦୦ ରୁ ଅଧିକ ଭୋଟର ରହିଥିଲେ ସେଗୁଡିକ ପୁର୍ନଗଠନ ହୋଇଛି ।ଏହା ଦ୍ୱାରା ଭୋଟର ମାନଙ୍କୁ ସୁବିଧା ହେବ ଓ ମତଦାନ ପ୍ରକ୍ରିୟାତ୍ୱରାନ୍ୱିତ ହେବ । ସମସ୍ତ ବୁଥ ସ୍ତରରେ ରାଜନୈତିକ ଦଳ ପକ୍ଷରୁ ବୁଥ ସ୍ତର ଏଜେଣ୍ଟ ଦେବା ପାଇଁ ସେ ଅନୁରୋଧକରିଥିଲେ। ଏହି ପ୍ରକ୍ରିୟାରେ ୧୦୫ କାକଟପୁର ନିର୍ବାଚନ ମଣ୍ଡଳୀ ରେ ପୂର୍ବରୁ ୨୮୦ ବୁଥ ଥିବା ବେଳେ ବର୍ତ୍ତମାନ ୩୯ ଟି ବୃଦ୍ଧି ପାଇ ୩୧୯ ଟି ବୁଥ ହୋଇଛି । ସେହିପରି ୧୦୬ ନିମାପଡା ନିର୍ବାଚନ ମଣ୍ଡଳୀ ରେ ୪୨ ବୃଦ୍ଧି ପାଇ ୩୨୨,୧୦୭ ପୁରୀ ସଦର ନିର୍ବାଚନ ମଣ୍ଡଳୀ ରେ ୩୭ ବୃଦ୍ଧି ପାଇ ୨୮୭,



୧୦୮ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ରେ ୩୨ ବୃଦ୍ଧି ପାଇ ୩୦୩,୧୦୯ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ରେ ୨୬ ଟି ବୃଦ୍ଧି ପାଇ ୨୮୦ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀ ରେ ୩୮ ଗୋଟି ବୁଥ ବୃଦ୍ଧି ପାଇ ୩୧୨ ଗୋଟି ବୁଥ ରେ ପହଞ୍ଚିଛି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ବ୍ରହ୍ମଗିରି ଆରଓ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ତଥା ପୁରୀ ସଦର ଆରଓ ରାଜ କିଶୋର ଜେନା ଓ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ପିପିଲି ନିର୍ବାଚନ ମଣ୍ଡଳୀ ର ଆରଓ ନୀଳମାଧବ ମାଝୀ ପ୍ରମୁଖ ଉପସ୍ଥିତ ରହି ନିଜ ନିର୍ବାଚନ ମଣ୍ଡଳୀର ତଥ୍ୟ ପରିପ୍ରକାଶ କରିଥିଲେ । ନିର୍ବାଚନ ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମସ୍ତ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଓ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେୟସେମାନ ଙ୍କୁ ନୂତନ ବୁଥ ଗୁଡିକ ର ଅନୁମୋଦିତ ନକଲ ପ୍ରଦାନ କରାଯାଇଥିଲା।

## ବଲାଙ୍ଗିର ମଣ୍ଟେସୋରୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବଲାଙ୍ଗିର,୨୪।୧୨:(ମନ୍ଥନ)ମାଲପଡା ସ୍ଥିତ ମଣ୍ଟେସୋରୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ରେନ୍‌ବୋ ପେଲେସ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ରବିଚନ୍ଦ୍ର ଉଦ୍‌ଗାତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ପୌରାଧକ୍ଷା ଲିକା ସାହୁ ଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଚେୟାରମେନ ଡ. ପ୍ରତାପ କୁମାର ଦାଶ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀ, ଶିକ୍ଷା ଗ୍ରହଣ କରିବା ସହିତ ନୃତ୍ୟ, ଅଙ୍କନ, ସୃଜନଶୀଳତାରେ ସଂସ୍କୃତି ସମ୍ପନ୍ନ ହେବାକୁ ଉଦ୍‌ବୋଧନ ଦେଇଥିଲେ । ମଣ୍ଟେସୋରୀ ପ୍ରାଇମେରୀ ସ୍କୁଲର ମୁଖ୍ୟ ଅଭିସ୍ମିତା ଦାଶ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ସ୍କୁଲର ଚେୟାରମେନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତା ବିବରଣୀ ପାଠ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଅଟଳ ଦାଶ, ମେଡିକାଲ ରେ ସଫଳତା ପାଇଥିବା ମଣ୍ଟେସୋରୀ ର ପୁରାତନ ଛାତ୍ର ଛାତ୍ରୀ ଅନୁଷ୍କା ନାୟକ, ଅଙ୍କିତା ପଣ୍ଡା ଏବଂ ସଫ୍ଟୱେର ଇଞ୍ଜିନିୟର (ଚିନ୍ନାଇ) ସୟଦ ହସନାନ



ଅଲ୍ଲୀ ପ୍ରମୁଖ ୪ ଜଣଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପ୍ରତ୍ୟେକ ଶ୍ରେଣୀ ମେଧାବୀ ଛାତ୍ର ଛାତ୍ରୀ ଓ ବର୍ଷର ସର୍ବାଧିକ ଉପସ୍ଥାନ ପାଇଁ ଶ୍ରେଷ୍ଠ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ବାର୍ଷିକ ଉତ୍ସବ ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଫୁଡ ଫେଷ୍ଟିଭାଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଶେଖ ନାଜିବୁଲ ରାଜା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଙ୍କିତା ମେହେର, ସୁପ୍ରଭାରାଣୀ ଭୋଇ ଓ ମେହେକ କ୍ୟୁରେସିଙ୍କ ଗୃପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସ୍ମିତି ଉଦ୍‌ଗାତା ତୃତୀୟ ପୁରସ୍କାର ହାସଲ କରିଥିଲେ। ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ, ସମାଜସେବୀ ଆକୁଳ ବେହେରାଙ୍କ ସମେତେ ସହରର ବୁଦ୍ଧିଜିବୀମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସ୍କୁଲର ଟ୍ରଷ୍ଟି ସଂଯୁକ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ୧୯୯୧ବ୍ୟାଚ୍ ବନ୍ଧୁମିଳନ ପାଇଁ ପ୍ରସ୍ତୁତି ବୈଠକ

ମାହାଙ୍ଗା,୨୪।୧୨:(ମନ୍ଥନ)ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ୧୯୯୧ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମାଣିକେଶ୍ୱର ଶୈବ ମନ୍ଦିର ପରିସରରେ ସଭାପତି ରଘୁନାଥ ବେହେରାଙ୍କ ଆବାହାକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପସଭାପତି ଲକ୍ଷ୍ମୀଧର ପାତ୍ର, ଡାକ୍ତର ରାଜେନ୍ଦ୍ର ଶତପଥୀ, ଜ୍ଞାନରଂଜନ ଶରଣ, ସ୍ମୃତିରଂଜନ ପଣ୍ଡା, ଭାସ୍କର ମହାରଣା, ରବିନାରାୟଣ ଦାସ, ବିଜୟ କୁମାର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୮ତାରିଖ ରବିବାର ଦିନ ଗ୍ରାମ୍ୟଜଙ୍ଗଲରେ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ଏଥିରେ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ୧୯୯୧ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

## ପୂର୍ବତନ ନାଏବ ସରପଂଚଙ୍କ ଦେହାନ୍ତରେ କଂଗ୍ରେସ ନେତାଙ୍କ ଶୋକ

ମାହାଙ୍ଗା,୨୪।୧୨:(ମନ୍ଥନ) ମାହାଙ୍ଗା ବ୍ଲକ ଅର୍ନ୍ତଗତ ଉମର ଗ୍ରାମପଂଚାୟତର ବର୍ଷିୟାନ କଂଗ୍ରେସ କର୍ମୀ ତଥା ପୂର୍ବତନ ନାଏବ ସରପଂଚ ବଟକୃଷ୍ଣ ଦାସଙ୍କ ଦେହାନ୍ତ ଖବର ପାଇ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ପୁରୁଣାମଠ ସ୍ଥିତ ସ୍ୱର୍ଗତ ସାହୁଙ୍କ ବାସଭବନରେ ପହଂଚି ଗଭୀର ଶୋକବ୍ୟକ୍ତ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଶ୍ରୀଯୁକ୍ତ ସାହୁଙ୍କ ସହିତ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଯୁବସଂଗଠକ ଉତ୍ତମ କୁମାର ବେହେରା, କୁଞ୍ଜବିହାରୀ ମହାପାତ୍ର, ସୁକାନ୍ତ କୁମାର ସାହୁ, ସରୋଜ କୁମାର ସାହୁ, ସଚ୍ଚିନ୍ଦ୍ର ସାମଲ, ରଂଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶାରୀରିକ ଓ ମାନସିକ ବୃଦ୍ଧି ପାଇଁ କ୍ରୀଡାର ଯଥେଷ୍ଟ ଆବଶ୍ୟକ ରହିଛି

ପୁରୀ,୨୪।୧୨:(ମନ୍ଥନ) ପୁରାତନ ଇଂରାଜୀ ମିଡିୟମ୍ ସ୍କୁଲ ସନ୍ତୋଷୀ ଇଂରାଜୀ ମିଡିୟମ୍ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଉତ୍ସବ ଆଜି ସ୍ଥାନୀୟ ତାଳବଣିଆ। ସ୍ଥିତ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଉଦ୍ଘାଟିତ ହୋଇଯାଇଛି ଯପ୍ରାକ୍ତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରବିନ୍ଦ୍ର ନାଥ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ୨ ଦିନିଆ। କ୍ରୀଡା ଉତ୍ସବ କୁ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ରବିନ୍ଦ୍ର ନାଥ ସେନାପତି କହିଲେ ଯେ ଛତ୍ର ଛାତ୍ର ମାନେ ଅଧ୍ୟୟନ କରିବା ସହିତ ବିଭିନ୍ନ କ୍ରୀଡା ଯୋଗ ବ୍ୟାୟାମ ପ୍ରଭୃତି କରିବା ଆବଶ୍ୟକ । ଏହା ଦ୍ୱାରା ସେମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧି ସହ ଉତ୍ତମ ଚରିତ୍ର ଗଠନ କରିବା ଦିଗରେ ସହାୟକ ହେବ । ଅନୁଷ୍ଠାନ ର ସମ୍ପାଦିକା ସୁଭାଷିନୀ ବଳିଆର ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ରାଜ୍ୟ ଓ ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇ ପାରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ବିଜୟ ପଟ୍ଟନାୟକ , ଜୟକୃଷ୍ଣ ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭ ରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଶେଷରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଅଜନ୍ତା ବଳିଆର ସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅଟଳଜୀଙ୍କ ଜନ୍ମ ଶତାବ୍ଦୀ ପାଳିତ

ମାହାଙ୍ଗା,୨୪।୧୨:(ମନ୍ଥନ)ମହାନ୍ ଜନନାୟକ, ବରିଷ୍ଠ ପତ୍ରକାର, ଦକ୍ଷରାଜନୀତିଜ୍ଞ, ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀ ମାହାଙ୍ଗା ବିଜେପି ଯୁବ ସଂଗଠକ ତଥା ମାହାଙ୍ଗା ଅଟଳ ଜୟନ୍ତୀ ସଂସଦ ସଭାପତି ଶ୍ରୀନିବାସ ନାୟକଙ୍କ ସଂଯୋଜନା ଓ ମାହାଙ୍ଗା ବିଜେପିର ସହଯୋଗରେ ‘ଜୟଜଗନ୍ନାଥ ମଣ୍ଡପ’ ଖଣ୍ଡୋଳ ଶୁକ୍ଳେଶ୍ୱର କଟକ ପରିସରରେ ତା. ୨୩.୧୨.୨୦୨୫ ରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାନସଭା କ୍ଷେତ୍ର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ସମୀର କୁମାର ସାମଲ ଯୋଗଦେଇ ବାଜପେୟୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଅମୂଲ୍ୟ କୁମାର ନାୟକ, ଦୀନବନ୍ଧୁ ନାୟକ, ଅନ୍ନଦା ପ୍ରସାଦ ସିଂହ, ବୀରେନ୍ଦ୍ର ସେନାପତି, ଅକ୍ଷୟ ପଣ୍ଡା, ତ୍ରିବିକ୍ରମ ସ୍ୱାଇଁ, ଆଶିଷ ମହାନ୍ତି, ଅଜୟ ମହାପାତ୍ର, ସୁବାଷ ଜେନା, ମୁରଲୀଧର ବାରିକ, ଶିବ ଚରଣ ଜେନା, ଧରଣୀଧର ସ୍ୱାଇଁ, ସତ୍ୟାନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ରଥ ପ୍ରମୁଖଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଓ ବାଜପେୟୀପ୍ରେମୀ ଯୋଗଦେଇ ଆଜିର ଯୁବପିଢୀ ବାଜପେୟୀଙ୍କ ନୀତି ଆଦର୍ଶରେ ନିଜକୁ ଗଢି ତୋଳିବାକୁ ମତବ୍ୟକ୍ତ କରିଥିଲେ । ଯୁବ କଣ୍ଠଶିଳ୍ପୀ ମାନଗୋବିନ୍ଦ ରାଉତ (କୁମାର ଜାନୁ) ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ । ଏହି ଅବସରରେ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ହରିହର ପ୍ରଧାନ, ଚୈତନ୍ୟ ପ୍ରସାଦ ରାଉତ, କୃଷ୍ଣଚନ୍ଦ୍ର କର, ପ୍ରବୋଧ କୁମାର ଷଡଙ୍ଗୀ ଓ ଶାରଦା ପ୍ରସାଦ ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତକରାଯାଇଥିଲା । ଶେଷରେ ବିଜେପି ବରିଷ୍ଠ କାର୍ଯ୍ୟକର୍ତ୍ତା,୪୦ ନଂ ଜିଲ୍ଲାପରିଷଦ ପୂର୍ବତନ ମଣ୍ଡଳ ସଭାପତି, ପୂର୍ବତନ ସମିତି ସଭ୍ୟ ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉ

## ସ୍ମୃତିଚାରଣ ସଭା ଅନୁଷ୍ଠିତ

ଯାଜପୁର,୨୪।୧୨:(ମନ୍ଥନ)ଯାଜପୁର ନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପୂର୍ବତନ ପ୍ରଧାନଚାର୍ଯ୍ୟ ଶରତ କୁମାର ରାଉତଙ୍କ ବିୟୋଗରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ବିଜେପି ଜିଲ୍ଲା ସଭାନେତ୍ରୀ ଦେବଜାନି ପ୍ରଧାନ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଅଜୟ କୁମାର ବିଶ୍ୱାଳ, ବିଜେପି ବାଲେଶ୍ୱର ଜିଲ୍ଲା ପ୍ରଭାରି ଗୌତମ ରାୟ, ଅଧିକାରୀ ନବକିଶୋର ଦାସ, ଯୁବନେତା ସଂଗ୍ରାମ ପାତ୍ର ସେମାନଙ୍କ ବକ୍ତବ୍ୟରେ ଶରତ ବାବୁ ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ପ୍ରଚଣ୍ଡ ରାଷ୍ଟ୍ରଭକ୍ତ, ସ୍ୱୟଂସେବକ ସଂଘର ଜଣେ ସକ୍ରିୟ ସଦସ୍ୟ, ସଂଘ ପାଇଁ ତ୍ୟାଗ ଅସିମ, ସେ ଜଣେ ଥିଲେ ଛାତ୍ରବତ୍ସଳ ଶିକ୍ଷକ, ପୂର୍ଣ୍ଣାଙ୍ଗ ମଣିଷ ଗଢ଼ିତୋଳିବାରେ ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ଯଥେଷ୍ଟ। ସରସ୍ୱତୀ ଶିଶୁ ମନ୍ଦିରର ସେ ଥିଲେ ପ୍ରଧାନ ଆଚାର୍ଯ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟବକ୍ତାମାନଙ୍କ ମଧ୍ୟରେ ସୁଧିର କୁମାର ପଣ୍ଡା, ରାମକୃଷ୍ଣ ବେହୁରିଆ, ଅଶ୍ୱିନି କୁମାର ନାୟକ, ରବିନାରାୟଣ ରାଉତ, ବରୁଣ ଭାଇ, ସୁବ୍ରତ କୁମାର ମହାପାତ୍ର, ଅନିରୁଦ୍ଧ ସାହୁ, ବିରଜା ପ୍ରସାଦ ଦାସ, ସତ୍ୟରଂଜନ ପରିଡ଼ା, ପ୍ରିତୀକାନ୍ତ ଦାସ, ଉମାକାନ୍ତ ବିଶ୍ୱାଳ, ପ୍ରଦୀପ ବେହୁରିଆ, ସଂଧ୍ୟାଜ୍ୟୋତି ରାଉତ, ବିଜୟାନନ୍ଦ ରାଉତ, ସଂଜୟ କୁମାର ରାଉତ, ପୁତ୍ର ସତ୍ୟଜିତ୍ ରାଉତ, ବିଶ୍ୱଜିତ୍ ରାଉତ, ଝିଅ ସୁଭ୍ରଜ୍ୟୋତି ରାଉତ, ମନୋଜ କୁମାର ଜେନା, ବସୁବନ୍ଧୁ ଦାସ, ବ୍ରଜ ମୋହନ ରାଉତ, ଉମାକାନ୍ତ ବିଶ୍ୱାଳ, ବିଜୟ ପାଣି, କୃପାସନ୍ଧୁ ନାୟକ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଥିଲେ ଦୋଗଡ଼ା ଗ୍ରାମର ଆଦର୍ଶ ବ୍ୟକ୍ତି ତାଙ୍କର ସଙ୍କୋଚପଣିଆ ମଣିଷକୁ ଭଲ ପାଇବା ନିଷ୍କପଟ ମନୋଭାବ ଲାଗି ସମସ୍ତଙ୍କର ପ୍ରିୟ ଥିଲେ। ଉପସ୍ଥିତ ସମସ୍ତ ବ୍ୟକ୍ତି ତାଙ୍କ ପରିବାର ବର୍ଗଙ୍କ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ୧୫୦ତମ ଜୟନ୍ତୀ ପାଳିତ

ମାହାଙ୍ଗା,୨୪।୧୨:(ମନ୍ଥନ)ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତର ବନ୍ତଳା ସ୍ଥିତ ବୁଢୀଜାଗୁଳାଇ ପୀଠ ଠାରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୫୦ତମ ଜୟନ୍ତୀ ଅବସରରେ କବିତା ଆସର ଓ ଆଲୋଚନା ଚକ୍ର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର ଓ ବୁଢ଼ୀଜାଗୁଳାଇ ଯୁବକ ସଂଘ ବନ୍ତଳା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ପଲ୍ଲୀକବି ନନ୍ଦକିଶୋର ବଳ ଓ ତାଙ୍କର ଧର୍ମପତ୍ନୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଉମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପିନୀବିହାରୀ କର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡଃ ଜନାର୍ଦ୍ଦନ ରାଉତ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଦେବେନ୍ଦ୍ର ନାଥ ଖୁଣ୍ଟିଆ, ସମ୍ମାନୀତ ଅତିଥି ଭାବେ ଅବରସପ୍ରାପ୍ତ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦାପ୍ରସାଦ ମିଶ୍ର ଯୋଗଦେଇ ପଲ୍ଲୀକବିଙ୍କ କାବ୍ୟକୃତି ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବୟିତ୍ରୀ ପ୍ରତିଭା ଦାସ ସଂଯୋଜନା କରିଥିଲେ। କବି ସର୍ବଶ୍ରୀ ସଦାଶିବ ପଣ୍ଡା, ପ୍ରଫୁଲ୍ଲ କୁମାର ସିଂହ, ସତ୍ୟାନନ୍ଦ ଦାଶ, ବିପ୍ରଭୂଷଣ ପଣ୍ଡା,ରାଜ କିଶୋର ମିଶ୍ର, ଜେଏନ୍ ସାମଲ, ବିଜୟ କୁଅଁର, ମନୋଜ କୁମାର ପ୍ରଧାନ, ନକୁଳ ପୃଷ୍ଟି, କବୀ ସସ୍ମିତା ପଣ୍ଡା ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେସନ ଆଲୋଚନା ଚକ୍ର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ବରିଷ୍ଠ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦ ଚାନ୍ଦ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ନିରୋଦ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ତଥା ସଂସଦର ଉପଦେଷ୍ଟା ବ୍ରଜସୁନ୍ଦର ନାୟକ, ଇଂ ନୃସିଂହ ଚରଣ ସାମଲ ପ୍ରମୁଖ ଯୋଗଦେଇ ପଲ୍ଲୀକବିଙ୍କ ଲେଖନୀରେ ନାରୀ ପ୍ରଗତି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲା ବେଳେ ପଲ୍ଲୀ ଅଂଚଳର ନିଖୁଣ ଚିତ୍ର ପ୍ରସ୍ଫୁଟିତ ହୋଇଥିଲା ବୋଲି ମତ ଦେଇଥିଲେ। ୬ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯେଉଁମାନେ କି ମାତୃଭାଷାରେ ସର୍ବୋଚ୍ଚ ନମ୍ବର ଏବଂ ୨୦୨୪ ଓ ୨୦୨୫ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିଲେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଶିଶୁ ସାହିତ୍ୟିକ ଡଃ ବସନ୍ତ କୁମାର ସାହୁ ଏବଂ ଡଃ ଏକାଦଶୀ ପ୍ରଧାନଙ୍କୁ ୨୦୨୫ ମସିହା ପାଇଁ ମର୍ଯ୍ୟାଦା ଜନକ ପଲ୍ଲୀକବି ନନ୍ଦ କିଶୋର ବଳ ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବ୍ରତ ସାମଲ, ଗିରିଶ ବେହୁରା, ହରିଶ ସାମଲ, ବିପିନ ସାମଲ, ସ୍ୱପ୍ନଜିତ୍ ସାମଲ, ରାଜେଶ ସାମଲ, ମନୋଜ ସାହୁ,ମଦନମୋହନ ବଳ, ବିରଞ୍ଚି ସାମଲ, ମହେନ୍ଦ୍ର ରାଉତରାୟଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରାରମ୍ଭରେ ଇଂ.ସରୋଜ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଦିଲ୍ଲୀପ କୁମାର ଗ୍ରହାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆଖପାଖ ଅଂଚଳର ବହୁ ବୁଦ୍ଧିଜୀବି, ସାହିତ୍ୟିକ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

## କ୍ରୀଡା ପ୍ରତିଯୋଗିତା ୨୦୨୫-୨୬ ଉଦ୍‌ଘାଟିତ

ବଲାଙ୍ଗିର, ତା.୨୪.୧୨.୨୫ – ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ଡ୍ୟାମ ପାଦ ଦେଶରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଓ ବନଦୁର୍ଗା ମହୋତ୍ସବ କମିଟି ଉଦ୍ୟମରେ ଏକ ନୂତନ ଭାବେ ନିର୍ମିତ ଖେଳ ପଡିଆକୁ ମାନ୍ୟବର ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକାର୍ପିତ କରିଥିଲେ ଏବଂ ଏହି ପଡିଆ ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଖେଳାଳି ବୃନ୍ଦଙ୍କୁ ଏକ ନୂତନ ପ୍ରେରଣା ଯୋଗାଇବ ଓ ସେମାନଙ୍କର ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ। ଏହି ଖେଳ ପଡିଆରେ ମେରା ଯୁବା ଭାରତ (ନେହେରୁ ଯୁବ କେନ୍ଦ୍ର) ର ସହ ଭାଗିତାରେ ୫ଦିବସୀୟ କ୍ରୀଡା ପ୍ରତିଯୋଗିତା ଗତ କାଲି ଠାରୁ ଆରମ୍ଭ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଲୋୟର ସୁକତେଲ ସୁରେନ୍ଦ୍ର କୁମାର ଭୋଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବେଲାର ସିଂ ଭୋଇ, ଚୁଡାପାଲି ଗୌଣ୍ଟିଆ ଲୋକନାଥ କୁମ୍ଭରା, ସରପଂଚ ସଦାଶିବ କଣ୍ଡେଲ, ସୋମନାଥ ପଟେଲ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବନଦୁର୍ଗା ମହୋତ୍ସବ କମିଟିର ଅଧ୍ୟକ୍ଷ ସଂଜୟ କୁମାର ଗଡତ୍ୟା ଓ ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସଂପାଦକ ଜୟକୃଷ୍ଣ ମିଶ୍ର, ସହ-ସଂପାଦକ ବିକାଶ ରଂଜନ ରଥ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା ଓ ରେଫରି ଉମେଶ ଭୋଇ, ଜଳନ୍ଧର ସାହୁ, ବିକି ବିଶି ପ୍ରମୁଖ ପରିଚାଳନା କରିଥିଲେ।

## ନିର୍ମାଣାଧିନ ରାସ୍ତାରେ ଦୁର୍ଘଟଣା ଘଟି ଦମ୍ପତି ଗୁରୁତର ଘଟଣା

# ଉତ୍ୟକ୍ତ ଜନସାଧାରଣଙ୍କ ପକ୍ଷରୁ ନିଆଁଜାଳି ରାସ୍ତା ଅବରୋଧ

ବଲଙ୍ଗା,୨୪।୧୨:(ମନ୍ଥନ)ବଲଙ୍ଗା-ପାଟପୁର ନିର୍ମାଣାଧିନ ମୁଖ୍ୟ ରାସ୍ତା ଉପରେ ଜନସାଧାରଣ ତଥା ଯାତ୍ରୀ ମାନଙ୍କ ଯାତାୟତ ବେଳେ ନିରାପତା ଗ୍ୟାରେଣ୍ଟି ,ଦୁର୍ଘଟଣା ଗ୍ରସ୍ତ ଦମ୍ପତିଙ୍କ ଚିକିତ୍ସା ଖର୍ଚ୍ଚ ତଥା ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମଙ୍ଗଳବାର ଦିନ ଲୋକମାନେ ତାତିଛନ୍ତି। ସେଥିପାଇଁ ଏହି ମୁଖ୍ୟ ରାସ୍ତାକୁ ସ୍ଥାନୀୟ ମହିଳା ଗୋଷ୍ଠୀ ଓ ଜନସାଧାରଣ ନିଆଁ ଜାଳି ରାସ୍ତା ଅବରୋଧ କରିଛନ୍ତି । ଯାହାଫଳରେ ବଲଙ୍ଗା-ବାମନାଳ,ବଲଙ୍ଗା-କେତକ1 ପାଟଣା,ନୂଆସନ୍ଥ,ବାଲିପୁଟ ମଧ୍ୟରେ ଯାତାୟାତ ବ୍ୟାହାତ ହୋଇଛି । ବଲଙ୍ଗା ପୋଲିସ ପକ୍ଷର ନିର୍ମାଣକାରୀ ସଂସ୍ଥାର ସୁପର ଭାଇଜରଙ୍କୁ ଥାନାରେ ଅଟକ ରଖାଯାଇଛି । ବିକ୍ଷୋଭ ସ୍ଥଳରେ ବଲଙ୍ଗା ଥାନା ଏସ.ଆଇ. ଶୁଭଲକ୍ଷ୍ମୀ ପଟ୍ଟନାୟକ ଓ ଏ.ଏସ.ଆଇ ପ୍ରଶାନ୍ତ ବେହେରା ପ୍ରମୁଖ ପହଞ୍ଚିଉତ୍ୟକ୍ତ ଲୋକଙ୍କୁ ବୁଝାସୁଝାକରି ଅବରୋଧ ହଟାଇବା ପାଇଁ ଆଲୋଚନା କରିଛନ୍ତି । ତେବେ ଠିକାଦାର ଥାନାରେ ପହଞ୍ଚିବା ପରେ ଚିକିତ୍ସାଖର୍ଚ୍ଚ ଓ ଆଇନ ମୁତାବକ କ୍ଷତିପୂରଣ ତଥା ନିରାପତା ଗ୍ୟାରେଣ୍ଟି ନେଇ ଆଲୋଚନା ହେବାର ପ୍ରତିଶୃତି ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି । ସୂଚନା ଯୋଗ୍ୟ,ଗତକାଲି ଏହି ରାସ୍ତା ରେ ଯିବା ବେଳେ ସ୍ଥାନୀୟ ନାହାମଙ୍ଗ ଗ୍ରାମର ବୈକୁଣ୍ଠ ମଳିକ ଓ ତାଙ୍କ ପତ୍ନୀ ସୁଫା ମଳିକ ବିପଦ୍‌ଜନଙ୍କ ଅବସ୍ଥାରେ ଥିବା ଲୁହାରଡରେ ପଡି ଅତ୍ୟନ୍ତ ଗୁରୁତର ଭାବେ ଚିକିତ୍ସାପାଇଁ କଟକ ବଡ ଡାକ୍ତର ଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସଫା ମଳିକ ଙ୍କ ଉଦ୍‌ବେଗ ଜନକ ଅବସ୍ଥା ସମ୍ପର୍କ ରେ ଗ୍ରାମବାସୀ ମାନେ ଓ ଅଞ୍ଚଳବାସୀ ମାନେ ଜାଣିବା ପରେ ଜନସାଧାରଣ ତାତି ଉଠି ଆଜି ଏଭଳି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି । ଏ ସମ୍ପର୍କରେ ସଫା ମଳିକ ଙ୍କ ଝିଅ ଜୋସ୍ନାରାଣୀ ମଳିକ ବଲଙ୍ଗା ଥାନାରେ ଏତଲା ଦାଖଲ କରି ଆଇନ ଅନୁଯାୟୀ ଠିକାଦାରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି । ଆଜିର ଏହି ଅବରୋଧ କାର୍ଯ୍ୟକ୍ରମରେ ରାଧା ମଳିକ , ଫୁଲଣା ମଳିକ,ମାଳତୀ ମଳିକ,ତିଳୋତମା ମଳିକ,ବିଜୟ ପାତ୍ର, ମାଧବ ବରାଳ, ରାଜା ମଳିକ, ମୁନୁ ପାତ୍ର ,କୁନା ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଯୋଗ୍ୟ ଭୋଟର ବାଦ୍ ନପଡନ୍ତୁ

ଭୋଟର ତାଲିକାରେ ସଂଶୋଧନ ପାଇଁ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟ ଚାଲିଥିବାବେଳେ ଇତି ମଧ୍ୟରେ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ତଥା ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, ରାଜସ୍ଥାନ, ଗୋଆ, ପୁଡୁଚେରୀ ଓ ଲାକ୍ଷାଦୀପରେ ପ୍ରଥମ ପର୍ଯ୍ୟାୟ ଚିଠା ତାଲିକା ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶ ପାଇଛି। ଯେଉଁ ଚିଠା ତାଲିକାରେ ପ୍ରାୟ ୫କୋଟି ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା କୁହାଯାଏ। କହିବା ବାହୁଲ୍ୟ ଯେ, ନିଜ ନିଜ ଅଂଚଳର ବୁଥ ସ୍ତରୀୟ ଅଫିସର (ବିଏଲଓ))ମାନଙ୍କ ନିକଟରେ ଯୋଗ୍ୟ ଭୋଟରମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିବା ପରେ ଏହି ତଥ୍ୟ ଜଣାପଡିଛି। କେବଳ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଗୁଜରାଟରେ ୭କୋଟି ୨୯ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା ବେଳେ ତାମିଳନାଡୁରେ ୯୭ଲକ୍ଷ ଏବଂ ଗୁଜରାଟରେ ୭୩ଲକ୍ଷ ୭ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଭୋଟଦାତାଙ୍କର ମୃତ୍ୟୁ ଘଟିବା, ଅନ୍ୟତ୍ର ଚାଲିଯିବା ଏବଂ ଜଣେ ଭୋଟରଙ୍କ ଏକାଧିକ ସ୍ଥାନରେ ନାମ ଥିବା ଏବଂ ଜାଲ ଭୋଟରଙ୍କ ଥିବା କାରଣରୁ ସେମାନଙ୍କ ନାମ ବାଦ ପଡିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ନିର୍ବାଚନ କମିଶନରଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରାକ୍ ଏସଆଇଆରରେ ପଶ୍ଚିମବଙ୍ଗରେ ପୂର୍ବରୁ ତାଲିକାରେ ନାମ ଥିବା ମୋଟ ଭୋଟରଙ୍କ ମଧ୍ୟରୁ ୭.୫ ପ୍ରତିଶତ ନାମ କଟିଥିବାବେଳେ ତାମିଲନାଡୁରେ ୧୫ପ୍ରତିଶତ ଭୋଟଦାତାଙ୍କ ନାମ କଟିଛି। ପ୍ରାକ୍ ଏସଆଇଆରରୁ ଆହୁରି ଜଣାପଡିଛି ଯେ, ପଶ୍ଚିମବଙ୍ଗରେ ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ସର୍ବାଧିକ ସଂଖ୍ୟାକ ଭୋଟରଙ୍କ ନାମ ବାଦ୍ ପଡିଛି। ବିଶେଷ କରି କୋଲକତାରେ ରେକର୍ଡ ସଂଖ୍ୟାକ ଭୋଟରଙ୍କ ନାମ ବାଦ ପଡିଥିବା କୁହାଯାଏ। ସେହିପରି ତାମିଲନାଡୁର ରାଜଧାନୀ ୧୪ଲକ୍ଷ ୨୫ହଜାର ଭୋଟରଙ୍କ ନାମ ବାଦ୍ ପଡିଛି। ଭୋଟର ତାଲିକାରେ ଚେନ୍ନାଇରେ ପୂର୍ବରୁ ମୋଟ ୪୦ଲକ୍ଷ ୪ହଜାର ଭୋଟଦାତା ଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ୨୫ଲକ୍ଷ ୭୯ହଜାରକୁ ହ୍ରାସ ପାଇଛି। ତେବେ ନିର୍ବାଚନ କମିଶନ ବୁଥ ୱାରୀ ତାଲିକା ପ୍ରକାଶ କରିବା ପରେ ମୋଟ କେତେ ସଂଖ୍ୟାକ ପୁରୁଷ, ମହିଳା ଏବଂ କେଉଁ କାରଣରୁ ତାଲିକାରୁ ବାଦ ପଡିଛନ୍ତି ସ୍ପଷ୍ଟ ହେବ। ଚିଠା ତାଲିକାରୁ ବାଦ୍ ପଡିଥିବା ଭୋଟରମାନେ ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ କରି ପୁନଃ ଆବେଦନ କରିପାରିବେ। ଏଥିପାଇଁ ଆସନ୍ତାବର୍ଷ ଜାନୁୟାରୀ ୧୮ତାରିଖ ଅନ୍ତିମ ଦିବସ ରହିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ନିର୍ବାଚନ କମିଶନ ୧୧ଟି ପ୍ରମାଣପତ୍ରକୁ ଗ୍ରହଣ କରିଥିବାବେଳେ ଆଧାର, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବାଦ ଦେଇଥିଲେ। କିନ୍ତୁ ଦୀର୍ଘ ଶୁଣାଣୀ ପରେ ସୁପ୍ରିମକୋର୍ଟ ଆଧାରକୁ ଏକ ପ୍ରମାଣପତ୍ର ଭାବେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ବିହାରେ ପ୍ରଥମ ପର୍ଯ୍ୟାୟ ଏସଆଇଆରରେ ବାଦ୍ ପଡିଥିବା ମୋଟ ୬୫ଲକ୍ଷ ଭୋଟରଙ୍କ ମଧ୍ୟରୁ ୨୪ଲକ୍ଷଙ୍କ ନାମ ପୁନଃ ତାଲିକାରେ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ସେପ୍ଟେମ୍ବର ମାସରେ ବିହାରେ ଏସଆଇଆର ଚାଲିଥିବାବେଳେ ବିରୋଧି ଦଳଗୁଡିକ ଏହାକୁ ଦୃଢ ବିରୋଧ କରିଥିଲେ। ଏବେ ଅଣ-ବିଜେପି ଶାସିତ ରାଜ୍ୟଗୁଡିକ ଏହାକୁ ଦୃଢ ବିରୋଧ କରିଛନ୍ତି। ତେବେ ଗ୍ରାଉଣ୍ଡ ରିଅଲିଟିଜ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ ପରାମର୍ଶ ଦେଇଥିବାବେଳେ କୌଣସି ଯୋଗ୍ୟ ଭୋଟରଙ୍କୁ ମତଦାନରୁ ବଂଚିତ କରାଯବି ନାହିଁ ବୋଲି କମିଶନ ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି। ଆସନ୍ତା ଫେବୃୟାରୀରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବାକୁ ଥିବାବେଳେ ଯୋଗ୍ୟ ଭୋଟର ବଂଚିତ ହେବେ ନାହିଁ ବୋଲି ଆଶା ରହିଛି। ଏଥିପାଇଁ ଏସଆଇଆର ଅଧିକ ସମୟ ଦେବା ଜରୁରୀ। ଯାହା ଫଳରେ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡିବେ ନାହିଁ।

# ଯୀଶୁଙ୍କ ଆବିର୍ଭାବ : କ୍ରିସ୍ମସ୍

**ଅଲେଖ ଚନ୍ଦ୍ର ସାମଲ**

ଆଜି କ୍ରିସ୍ମସ୍ ବା ବଡ଼ଦିନ । ଆନ୍ତର୍ଜାତୀୟ ସ୍ତରରେ ସମ୍ଭବତଃ ଚତୁର୍ଥ ଶତାବ୍ଦୀରୁ ଡିସେମ୍ବର ୨୫ ତାରିଖକୁ ମହାପୁରୁଷ ଜିଜସ୍ ବା ଜିସୁ ଖ୍ରୀଷ୍ଟଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଉଛି । ବିଶ୍ୱର ବିଭିନ୍ନ ଅଞ୍ଚଳର କିରସ୍ତାନ ଧର୍ମାବଲମ୍ବୀଙ୍କ ପାଇଁ ଆଜିର ପବିତ୍ର ଦିବସଟି ଏକ ସାଂସ୍କୃତିକ ଛୁଟିଦିନ । ଜିଜସ୍ ନିର୍ଦ୍ଦିଷ୍ଟ ଭାବେ କେଉଁ ମସିହାରେ ଏବଂ କେଉଁ ମାସର କେଉଁ ଦିନରେ ଜନ୍ମ ହୋଇଥିଲେ ଜଣାଯାଏ ନାହିଁ । ତେବେ ଖ୍ରୀଷ୍ଟ ପୂର୍ବ ସପ୍ତମରୁ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ କୌଣସି ଏକ ସମୟରେ ସେ ଜନ୍ମ ହୋଇଥିବା ଆଧୁନିକ ଐତିହାସିକମାନେ ବିଶ୍ୱାସ କରୁଛନ୍ତି । ଜିଜସ୍ଙ୍କର ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ବାବଦରେ ମାଥ୍ୟୁ, ମାର୍କ, ଲ୍ୟୁକ୍ ଓ ଜନ୍ଙ୍କ ନୀତିବାଣୀ ସମ୍ବଳିତ ଧର୍ମପୁସ୍ତକ ସୁସମାଚାର ବା ଗସ୍ପେଲ୍ରେ ଉଲ୍ଲେଖ ରହିଛି । ମାଥ୍ୟୁ ଓ ଲ୍ୟୁକ୍ଙ୍କ ଗସ୍ପେଲରେ ଜିଜସ୍ଙ୍କ ଜନ୍ମ ବିଶଦ ଭାବେ ବର୍ଣ୍ଣିତ । ଲୋକପ୍ରିୟ ପରମ୍ପରା ଅନୁଯାୟୀ ଜିଜସ୍ ବେଥଲ୍ହେମ୍ ନଗରୀର ଏକ ଘୋଡ଼ାଶାଳରେ ପୋଷା ଜନ୍ତୁଙ୍କ ଗହଣରେ ଜନ୍ମ ହୋଇଥିଲେ । ଘୋଡାଶାଳଟି ଏକ ସରାଇଖାନା ସହ ସଂଯୁକ୍ତ ଥିଲା । ସରାଇଖାନାରେ ପ୍ରକୋଷ୍ଠ ଖାଲି ନଥିବାରୁ ଜିଜସ୍ଙ୍କ ମାତା ମେରି ଓ ପିତା ଜୋଜେଫ୍ ଘୋଡ଼ାଶାଳରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଜିଜ୍ସ ଭୂମିଷ୍ଠ ହେବା ପରେ ମାତା ମେରି, ତାଙ୍କୁ ଏକ କମ୍ବଳରେ ଗୁଡ଼ାଇ ଘୋଡ଼ାଙ୍କୁ ଖାଦ୍ୟ ଦିଆଯାଉଥିବା ଏକ କୁଣ୍ଡରେ ରଖି ଦେଇଥିଲେ । ଜଣେ ତ୍ରାଣକର୍ତ୍ତା ଆର୍ବିଭୂତ ହୋଇଥିବା ଖବର ସଙ୍ଗେ ସଙ୍ଗେ ପ୍ରଚାରିତ ହୋଇଯାଇଥିଲା ଏବଂ ମେଷପାଳକମାନେ ବହୁ ସଂଖ୍ୟାରେ ଆସି ଜିଜସ୍ଙ୍କ ଦର୍ଶନ କରିଥିଲେ । ମେଲ୍ସିଓର୍, କାସ୍ପର୍ ବାଲ୍ଥାଜର ନାମକ ତିନିଜଣ ଜ୍ଞାନୀ ପୁରୁଷ ମଧ ସେଠାରେ ପହଞ୍ଚିଥିଲେ । ଏହାକୁ ସ୍ମରଣୀୟ କରିବା ପାଇଁ ସର୍ବତ୍ର କ୍ରିସ୍ମସ୍ ପାଳନ କରାଯାଉଛି ।



ଦୁଇ ହଜାର ବର୍ଷ ପୂର୍ବେ ରୋମ ସାମ୍ରାଜ୍ୟର ଏକ ସହର ନାସରତରେ ଗ୍ରୋବିଏଲ ନାମକ ଜଣେ ଦେବଦୂତ ମେରିୟମ୍ଙ୍କୁ ଦର୍ଶନ ଦେଇ କହିଥିଲେ ଯେ, ସେ ଏକ ଦିବ୍ୟ ତଥା ପବିତ୍ର ଆତ୍ମାକୁ ଗର୍ଭରେ ଧାରଣ କରିବେ ଏବଂ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେବେ। ସେହି ପବିତ୍ର ଆତ୍ମାଙ୍କ ନାଁ ହେବ ପ୍ରଭୁ ଯୀଶୁ। ଏହି ସମୟରେ ୟୁସୁଫଙ୍କ ସହିତ ମେରିକମ୍ଙ୍କ ନିର୍ବନ୍ଧ ହୋଇଯାଇଥିଲା। ଦେବଦୂତଙ୍କ ଏହି ସନ୍ଦେଶକୁ ମେରିୟମ ୟୁସୁଫଙ୍କୁ କହିଥିଲେ। ୟୁସୁଫ୍ ଚମକି ପଡ଼ିଲେ। ଦିବ୍ୟ ଆତ୍ମା କଥା ଶୁଣି ଭୟଭୀତ ହୋଇଗଲେ। ଆଉ ତୁରନ୍ତ ନିର୍ବନ୍ଧକୁ ବାଜ୍ୟାପ୍ତ କରି ମେରିୟମ୍ଙ୍କୁ ଜୀବନରୁ ଭୁଲିଯିବା ପାଇଁ ନିଷ୍ପତ୍ତି ନେଲେ। ସ୍ୱର୍ଗଦୂତ ଏକଥା ଜାଣିବା ପରେ ୟୁସୁଫ୍ଙ୍କୁ ଦର୍ଶନ ଦେଇ ତାଙ୍କର ନିଷ୍ପତ୍ତି ବଦଳାଇବା ପାଇଁ କହିବା ସହିତ ମେରିଙ୍କୁ ବିବାହ କରିବାକୁ ଆଦେଶ ଦେଇଥିଲେ। ଦିବ୍ୟ ଆତ୍ମା ଅର୍ଥାତ୍ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି ବୋଲି ସମସ୍ତେ ଉତ୍ସାହିତ ହୋଇଗଲେ। ଆନନ୍ଦରେ ନାଚି ଉଠିଲେ। କିଏ କ'ଣ ସବୁ ଭାବିଲା ତାହାର ଆଉ କଳନା ନାହିଁ। ଏଥିରୁ ରୋମ୍ ସମ୍ରାଟ ବି ବାଦ ପଡ଼ିଲେ ନାହିଁ।

ମେରିୟମ୍ଙ୍କ ଗର୍ଭଧାରଣ ସମୟରେ ରୋମ ସାମ୍ରାଜ୍ୟର ଜନଗଣନା ହେବା ବୋଲି ସମ୍ରାଟ ଆଦେଶ ଦେଲେ। ଆଦେଶ ଅନୁସାରେ ୟୁସୁଫ ମେରିୟମ୍ଙ୍କୁ ନେଇ ଜନଗଣନା ପାଇଁ ଜେରୁଜେଲମ୍ର ବେଥଲହମ ସହର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଥିବା ଯାତ୍ରୀ ଶିବିରରେ ସ୍ଥାନ ନଥିବାରୁ ୟୁସୁଫ୍ ଓ ମେରି ଏକ ଗୋ'ଶାଳାରେ ରାତ୍ରୀ ଯାପନ କରିଲେ। ସେଠାରେ ହିଁ ମେରିୟମ ସେଇ ଦିବ୍ୟାତ୍ମାଙ୍କୁ ଶରୀର ଭାବେ ଜନ୍ମ ଦେଇଥିଲେ। ଏହାପରେ ଘାସକୁଟା ଦ୍ୱାରା ପ୍ରସ୍ତୁତ ଏକ ଚଟେଇରେ ନବଜାତ ଶିଶୁପୁତ୍ରକୁ ଶୁଆଇ ଦେଇଥିଲେ। ପୂଣ୍ୟାତ୍ମା ପ୍ରଭୁ ଯୀଶୁଙ୍କ ଜନ୍ମ ଖବର ଜାଣିବା ପରେ ଦେବଦୂତ ଏବଂ ନିକଟତମ ସହରର ୩ଜଣ ବିଦ୍ୱାନ ଜ୍ୟୋତିଷ ତାଙ୍କ ଦର୍ଶନ ପାଇଁ ଆସିଥିଲେ। ଆକାଶର ଏକ ଉଜ୍ଜ୍ୱଳ ତାରା ସେହି ୩ ଜଣ ଜ୍ୟୋତିଷଙ୍କୁ ଜେରୁଜେଲମ୍ ଠିକଣା ବତାଇଥିଲା ବୋଲି ବାଇବେଲରେ ଉଲ୍ଲେଖ ରହିଛି। ସେଇଠୁ ରୋମାନ କ୍ୟାଲେଣ୍ଡରରେ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହେଲା। ଅନେକ କାହାଣୀ, ଲୋକ କଥା ଏଥିରେ ଯୋଡ଼ି ହୋଇଗଲା। ସେହିଦିନଠୁ ଆମେ ତାଙ୍କ ଜନ୍ମ ଦିନକୁ ପାଳୁଛୁ ବଡ଼ଦିନ ଭାବେ।


ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
E-mail : alekha007samal@gmail.com


# ଜୀବନ ଆନନ୍ଦମୟ ଓ ଆର୍ଯ୍ୟକୃଷ୍ଟି ପତାକା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ମନୁଷ୍ୟ ସ୍ୱଭାବତଃ ଆନନ୍ଦମୟ ଏବଂ ସହଜାତ ଦିବ୍ୟତ୍ୱ ହେଉଛି ତାର ଅସ୍ତିତ୍ୱର ମୂଳାଧାର। ମନୁଷ୍ୟ ସ୍ୱଭାବତଃ ଦିବ୍ୟ ହୋଇଥିବା ସତ୍ତ୍ୱେ ତାର ନିଜର ପାଶବିକ ପ୍ରବୃତ୍ତି ହେତୁ, ତା'ଉପରେ ଅଜ୍ଞତାର ଆବରଣ ପଡି ଯାଇଥିବା ହେତୁ, ନିଜର ଦିବ୍ୟତ୍ୱ ବିଷୟରେ ତାର ଜ୍ଞାନ ନାହିଁ। ଅଜ୍ଞତା ହେତୁ ହିଁ ମନୁଷ୍ୟ ତାର ଦେହ, ତାର ମନ, ତାର ପ୍ରାଣ ଓ ଇନ୍ଦ୍ରିୟ ତାଠାରୁ ଅନନ୍ୟ ବୋଲି ଭାବୁଛି। ସେ ଯଦି ଏହି ଅଳିକ ଭାବନାକୁ ଅତିକ୍ରମ କରିଯିବ, ତେବେ ସେ ହୋଇଯିବ ବ୍ରହ୍ମଙ୍କ ଠାରୁ ଅଭିନ୍ନ, ଶୁଦ୍ଧାନନ୍ଦମୟ ପରମାତ୍ମାଙ୍କ ଠାରୁ ଅନନ୍ୟ। ବ୍ରହ୍ମ ବା ପରମାତ୍ମା ହେଉଛନ୍ତି ପୂର୍ଣ୍ଣତମ ସତ୍ୟ ଓ ପରିପୂର୍ଣ୍ଣ ଚୈତନ୍ୟ। ଯାହାକୁ ଅତିକ୍ରମ କରି ଆଉ କିଛି ନାହିଁ, ସେ ସକଳଙ୍କର ଅନ୍ତରମ ତତ୍ତ୍ୱ, ସେ ହେଉଛନ୍ତି ଆତ୍ମା ବା ବ୍ରହ୍ମ। ଆତ୍ମା ଚୈତନ୍ୟରୂପରେ ସକଳ ଜୀବଙ୍କଠାରେ ବ୍ୟାପି ରହିଛନ୍ତି। ଚୋର କହନ୍ତୁ, ବେଶ୍ୟା କହନ୍ତୁ, ମେହେନ୍ତର କହନ୍ତୁ, ରାଜା କହନ୍ତୁ, ରଙ୍କ କହନ୍ତୁ, ସାଧୁ କହନ୍ତୁ, ଅସାଧୁ କହନ୍ତୁ, ବିରାଡ଼ି, କୁକୁର, ମୂଷା – ଯେ କୌଣସି ପ୍ରାଣୀ କହନ୍ତୁ, ସମସ୍ତଙ୍କ ଠାରେ ସେହି ଏକ ଆତ୍ମା ବିରାଜିତ।

ଆର୍ଯ୍ୟକୃଷ୍ଟି ପତାକା ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆମେ ପ୍ରଥମେ ବୁଝିବା ଉଚିତ – ଆର୍ଯ୍ୟକୃଷ୍ଟି କ'ଣ ? ଆର୍ଯ୍ୟକୃଷ୍ଟି ଶବ୍ଦଟି ଆର୍ଯ୍ୟ ଓ କୃଷ୍ଟି, ଏହି ଦୁଇ ଶବ୍ଦକୁ ନେଇ ସୃଷ୍ଟି ହୋଇଛି। ଆର୍ଯ୍ୟ ଶବ୍ଦଟି ଆସିଛି 'ଋ' ଧାତୁରୁ। 'ଋ' ଧାତୁର ଅର୍ଥ ହେଉଛି ଗମନ କରିବା, ବୃଦ୍ଧି ପାଇବା ଓ ପ୍ରାପ୍ତ ହେବା। ଅର୍ଥାତ୍ ଯାହାର ଗତି, ବୃଦ୍ଧି ଓ ପ୍ରାପ୍ତି ଅଛି ତାହା ହିଁ ହେଲା ଆର୍ଯ୍ୟ। ଏହାର ତାତ୍ପର୍ଯ୍ୟ ହେଉଛି ପ୍ରାପ୍ତିଯୋଗ୍ୟ ବର୍ଦ୍ଧନମୁଖର ଗତିଶୀଳତା। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅନୁଶ୍ରୁତି ପୁସ୍ତକରେ କହିଛନ୍ତି – 'ଆର୍ଯ୍ୟ ତାଙ୍କୁ ହିଁ କହେ, କୃଷ୍ଟି ପଥରେ ଦୃଷ୍ଟି ନେଇ ଇଷ୍ଟ ପଥରେ ରହେ, ରକ୍ତରେ ଗୁନ୍ଥା ଆର୍ଯ୍ୟ ଆଭା ତପଃ କୌତୁହଳେ।' 'ଋ' ଧାତୁର ଏହି ଗତି ହେଲା – ତାର ଉତ୍ସରୁ ନିରନ୍ତର ଚଳମାନତା, ବୃଦ୍ଧି ହୋଇ ବହୁରେ ବିସ୍ତାର ଲାଭ କରିବା ଏବଂ ପ୍ରାପ୍ତି ହେଲା – ସେହି ବହୁକୁ ନେଇ ପୁନରାୟ ଉତ୍ସରେ ସାର୍ଥକ ହୋଇ ଉଠିବା, ଏକ ଅଦ୍ୱିତୀୟରେ ସାର୍ଥକ ହୋଇ ଉଠିବା। ଆଉ 'କୃଷ୍ଟି' ଆସିଛି 'କୃଷ୍' ଧାତୁରୁ। କୃଷ୍ ଧାତୁର ଅର୍ଥ କର୍ଷଣ, ଆକର୍ଷଣ ଓ ଆଧିପତ୍ୟ ଅର୍ଜ୍ଜନ। ଗୋଟିଏ କଥାରେ କୃଷ୍ଟି ଶବ୍ଦର ତାତ୍ପର୍ଯ୍ୟ ହେଲା – ଯେଉଁ କର୍ଷଣ ବା ଅନୁଶୀଳନ ଦ୍ୱାରା ମନୁଷ୍ୟ ତାର ନିଜ – ନିଜ – ପ୍ରାଚୀନ ଜୀବନ ବର୍ଦ୍ଧନୀ ଅନୁଶୀଳନର ଧାରାକୁ ବର୍ତ୍ତମାନ ଆଦର୍ଶଙ୍କ ମାଧ୍ୟମରେ ପରିବର୍ଦ୍ଧିତ କରି ବୃଦ୍ଧି ପଥରେ ସଞ୍ଚାଳିତ ହୁଏ, ତେଣୁ ଆର୍ଯ୍ୟକୃଷ୍ଟି ମାନେ ବୃଦ୍ଧିମୁଖୀ କୃଷ୍ଟି। 'କୃଷ୍ଟି'ର ଏକ ଉଦାହରଣରେ ବୁଝାଯାଉଛି ଯେ କୃଷକ କ୍ଷେତକୁ ବାରମ୍ବାର କର୍ଷଣ କରି ଫସଲ ପାଇଁ ଉପଯୁକ୍ତ କରି ଗଢ଼ିତୋଳେ।

ଏହି ଶୁଭ ସନ୍ଦିପନୀ ନିୟମ ମଧ୍ୟରୁ ସବୁଠାରୁ ପ୍ରଥମ ଓ ପ୍ରଧାନ ନିୟମ ଯାହାକୁ ଋଷିମାନେ ଜୀବନରେ ଅନିବାର୍ଯ୍ୟ ବୋଲି କହି ଯାଇଛନ୍ତି – ତାହା ହେଉଛି 'ଇଷ୍ଟଗ୍ରହଣ'। ଦିନେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରଶ୍ନ କରାଯାଇଥିଲା ଯେ ମଣିଷକୁ ଉପଯୁକ୍ତ ଓ ପ୍ରକୃତ ମଣିଷ ଭଳି ମଣିଷ ଗଢ଼ି ତୋଳିବାର ଉପାୟ କ'ଣ ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୋଟିଏ ବାକ୍ୟରେ ତାର ଉତ୍ତର ଦେଇଥିଲେ ଯେ 'ଆର୍ଯ୍ୟକୃଷ୍ଟି'ରେ ହିଁ କେବଳ ମଣିଷକୁ ପ୍ରକୃତ ମଣିଷ କରି ଗଢ଼ି ତୋଳିବା ଓ ଭଲ ଭାବରେ ରହିବାର ପ୍ରକ୍ରିୟା କୁହାଯାଇଛି। ସବୁଠାରୁ ଉପରେ ରହିଛି ଧଳା ବା ଶ୍ୱେତ ଯାହା ବିପ୍ରର ପ୍ରତୀକ। ଯାହା ମସ୍ତିଷ୍କର କାର୍ଯ୍ୟ କରେ। ବିପ୍ରର କାର୍ଯ୍ୟ – ସତ୍ ସଦାଚାର, ସାତ୍ତ୍ୱିକ, ଦାନ, ଧର୍ମ ଓ ଶାନ୍ତି। କ୍ଷତ୍ରିୟମାନେ ଦେଶକୁ ଯୁଦ୍ଧ କରି ସୁରକ୍ଷା କରନ୍ତି ସେମାନଙ୍କର ରଙ୍ଗ ରକ୍ତ (ନାଲି) ବର୍ଣ୍ଣ, ଅର୍ଥାତ୍, ଶୌର୍ଯ୍ୟ ଅସତ୍ ନିରୋଧୀ ପରାକ୍ରମ, କ୍ଷତର ତ୍ରାଣ କରିବା ଇତ୍ୟାଦି ଯାହାକି ମଣିଷର ବାହୁ ବା ହାତର କାର୍ଯ୍ୟ। ତେଣୁ କ୍ଷତ୍ରିୟ ମାନେ ମଣିଷର ବାହୁ ସଦୃଶ କାର୍ଯ୍ୟ କରନ୍ତି। ବୈଶ୍ୟ ଯେଉଁମାନେ କି ଦେଶ ପାଇଁ କୃଷି, ବେପାର, ବାଣିଜ୍ୟ, ଗୋପାଳନ, ଶିଳ୍ପ ଇତ୍ୟାଦି କାର୍ଯ୍ୟ କରି ଅର୍ଥନୈତିକ ଉନ୍ନତି ସାଧନ କରନ୍ତି ସେମାନଙ୍କର ରଙ୍ଗ ହଳଦିଆ। ଯାହାକୁ ମଣିଷର ଉଦର ସହିତ ତୁଳନା କରାଯାଇଛି। ପତାକାର ସବାତଳେ ରହିଛି ସବୁଜ ରଙ୍ଗ ଯାହାକି ଶୂଦ୍ରର ପ୍ରତୀକ। ଶୂଦ୍ରମାନେ ସେବା, ଶ୍ରମଦାନ ଓ ପରିଚର୍ଯ୍ୟା ଇତ୍ୟାଦି କର୍ମ କରି ଜାତିର ଚକ ସଦୃଶ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କୁ ମଣିଷର ହାତ ପାଦ ସହିତ ତୁଳନା କରାଯାଇଛି।

ଆଉ ଏହି ଚାରୋଟି ରଙ୍ଗଙ୍କୁ ସ୍ପର୍ଶ କରି ମଧ ଭାଗରେ ରହିଛି ସୁଦର୍ଶନ ଚକ୍ର। ଯାହାକି ସାମ୍ୟର ପ୍ରତୀକ, ନିୟନ୍ତ୍ରଣର ପ୍ରତୀକ, ଚକ୍ର ମଧ୍ୟରେ ରହିଛି ଏକ ବିଦ୍ୟୁତ୍ ଝଲକର ଚିହ୍ନ ଯାହାକି ଉଜ୍ଜ୍ୱଳତା ଓ ଗତିର ପ୍ରତୀକ, ଏକ ଆଦର୍ଶଙ୍କୁ କେନ୍ଦ୍ର କରି ଚାଲିବାର ପ୍ରତୀକ। ଏହିପରି ଭାବରେ ଆର୍ଯ୍ୟକୃଷ୍ଟି ପତାକାର ବିଭିନ୍ନ ରଙ୍ଗ ସହିତ ବିଭିନ୍ନ ବର୍ଣ୍ଣର ସାମଞ୍ଜସ୍ୟ ଓ ତାର ବିଶେଷତ୍ୱ ବର୍ଣ୍ଣିତ ହୋଇଛି। ଏହି ଚାରୋଟି ବର୍ଣ୍ଣ ମଧ୍ୟରେ କିପରି ସମନ୍ୱୟ ଓ ସହଯୋଗ ରହିବ ଏବଂ ପରସ୍ପର ପରସ୍ପର ମଧ୍ୟରେ ଐକ୍ୟ ବଜାୟ ରହିବ ସେ ବିଷୟରେ ବିଷଦ ଭାବରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବର୍ଣ୍ଣନା କରିଛନ୍ତି । ଆମର ଋଷି ମହାପୁରୁଷ ମାନେ ଯାହା କରି ଯାଇଛନ୍ତି ତା'ହେଲା ପ୍ରାକୃତିକ ବିଧାନ। ସେଥିପାଇଁ ପ୍ରୟୋଜନ – ସମସ୍ତଙ୍କୁ ଧାରଣ, ପାଳନ, ପୋଷଣ ଓ ପୂରଣ କରୁଥିବା ଏପରି ଏକ ମୂର୍ତ୍ତ ଆଦର୍ଶରେ ସଂନ୍ୟସ୍ତ ହେବା। ତଦ୍ୱାରା ପ୍ରତ୍ୟେକେ ତାର ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖି ମଧ ଐକ୍ୟବଦ୍ଧ ଓ ପାରସ୍ପରିକତାରେ ସମ୍ବନ୍ଧ ହୋଇ ଉଠନ୍ତି। ପରିଶେଷରେ ଆସନ୍ତୁ, ସମସ୍ତେ ଏହି ଆର୍ଯ୍ୟକୃଷ୍ଟି ପତାକା ତଳେ ସମବେତ ହୋଇ ପରସ୍ପର ମଧ୍ୟରେ ଐକ୍ୟ, ସୁସଙ୍ଗତି ଓ ସହଯୋଗ ବଜାୟ ରଖି ସଭିଏଁ ସଭିଙ୍କୁ ପ୍ରେମଡୋରୀରେ ବାନ୍ଧି ଏକ ସ୍ୱରରେ ଗାଇ ଉଠିବା – 'ବନ୍ଦେ ପୁରୁଷୋତ୍ତମମ୍, ବନ୍ଦେ ଆର୍ଯ୍ୟପିତୃନ୍, ବନ୍ଦେ ମାତୃବର୍ଗାନ୍, ବନ୍ଦେ ଅହଂ କୃଷ୍ଟି ଦୈବତଂ, ବନ୍ଦେ ପୁରୁଷୋତ୍ତମମ୍।' ଜୟଗୁରୁ।


ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଫୁଡ ବ୍ଲଗ ଉପରେ ନିୟନ୍ତ୍ରଣ ନାହିଁ !

**ଶ୍ୟାମ ସୁନ୍ଦର ସାମଲ**

କୁହାଯାଏ ଯେ 'ଯୋ ଦିଖ୍ତା ହେ, ୱହି ବିକତା ହେ'। ଏହାର ଅର୍ଥ ଯାହ ଦେଖାଯାଉଛି ତାର ଚାହିଦା ଅଧିକ। ତେବେ ନିଜେ ପସନ୍ଦ ମୁତାବକ ଦେଖିବା ଏବଂ ନିର୍ଦ୍ଦିଷ୍ଟ ଦୃଶ୍ୟକୁ ଦେଖିବାକୁ ବାଧ କରାଯିବା ଭିତରେ ଫରକ ବି ରହିଛି। ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ ପାଲଟିଛି। ମାଳ ମାଳ କଣ୍ଟେଣ୍ଟ କ୍ରିଏଟର ବା ଇନଫ୍ଲୁଏନ୍ସର ଏବେ ନିଜ ସୋସିଆଲ ମିଡ଼ିଆ ଫଲୋର୍ସଙ୍କୁ ମାଧ୍ୟମ କରି ବିଭିନ୍ନ ବସ୍ତୁ, ସାମଗ୍ରୀ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରଚାର ପ୍ରସାର କରୁଛନ୍ତି। ଏଥିରେ କାହାର କିଛି ଆପତ୍ତି ବି ରହୁନି। କିନ୍ତୁ ଖାଦ୍ୟ ସାମଗ୍ରୀକୁ ନେଇ ପ୍ରଚାର ପ୍ରସାର ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟବସାୟିକ ଅନୁଷ୍ଠାନ ବା ଦୋକାନର ପରିବେଶ ଦେଖୁଛନ୍ତି କି? କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି ? ବର୍ତ୍ତମାନ କଟକରେ ଝାଡ଼ାବାନ୍ତି ସ୍ଥିତି ନେଇ ଭୟ ଖେଳୁଥିବା ବେଳେ ଖାଦ୍ୟକୁ ନେଇ ହେଉଥିବା ସୋସିଆଲ ମିଡ଼ିଆ ପ୍ରଚାର ଉପରେ କାହିଁକି କାହାର ନିୟନ୍ତ୍ରଣ ନାହିଁ ସେ ନେଇ ପ୍ରଶ୍ନ ଉଠୁଛି।

ଇନଷ୍ଟାଗ୍ରାମ, ଫେସବୁକରେ ରିଲ୍ସ କରିବା କିମ୍ବା ୟୁଟ୍ୟୁବ ଚ୍ୟାନେଲରେ ଭିଡ଼ିଓ ପ୍ରସ୍ତୁତି କରି ପୋଷ୍ଟ କରିବାରେ ଏବେ ଅସଂଖ୍ୟ କଣ୍ଟେଣ୍ଟ କ୍ରିଏଟର ମାତିଛନ୍ତି। ସୋସିଆଲ ମିଡ଼ିଆ ଭାଷାରେ ଏମାନଙ୍କୁ ବ୍ଲଗର କୁହାଯାଉଛି। କଟକ, ଭୁବନେଶ୍ୱର ଭଳି ସହରରେ ଖାଦ୍ୟକୁ ନେଇ ଭିଡ଼ିଓ ପ୍ରସ୍ତୁତ କରୁଥିବା କ୍ରିଏଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଟୁଇନ ସିଟିରେ ପ୍ରାୟ ଶହେରୁ ଅଧିକ ଫୁଡ ବ୍ଲଗର ଏବେ ଭିଡ଼ିଓ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟ ଠାରୁ ଆରମ୍ଭ କରି ଷ୍ଟ୍ରିଟ ଫୁଡ଼ ଯାଏ ସବୁଠି ପହଞ୍ଚି ଏମାନେ ଭିଡ଼ିଓ କରିଥାନ୍ତି। ଏହାର ଏକ ସକାରାତ୍ମକ ଦିଗ ବି ରହିଛି। ଏମାନଙ୍କ ସୂଚନା ଆଧାରରେ ସାଧାରଣ ଲୋକେ କୌଣସି ନିର୍ଦ୍ଦିଷ୍ଟ ହୋଟେଲ, ରେଷ୍ଟୁରାଣ୍ଟ ବା ଷ୍ଟ୍ରିଟ ଫୁଡ ଷ୍ଟଲ ଉପରେ ବିସ୍ତୃତ ସୂଚନା ପାଇପାରୁଛନ୍ତି। ମୂଲ୍ୟ କେତେ, ଟେଷ୍ଟ କେମିତି, କେତେ ଭେରାଇଟି ଉପଲବ୍ଧ ସହ ବିଭିନ୍ନ ସୂଚନା ଲୋକେ ମୋବାଇଲ ମାଧ୍ୟମରେ ପାଇପାରିଥାନ୍ତି। ଯାହାଫଳରେ ସାଧାରଣ ଲୋକେ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନ ପାଖକୁ ଯାଇ ସାମଗ୍ରୀ ପରଖିଥାନ୍ତି। କିନ୍ତୁ ସମୟକ୍ରମେ କଣ୍ଟେଣ୍ଟ କ୍ରିଏଟର ବା ବ୍ଲଗରମାନେ ଏହାକୁ ନିଜ ବୃତ୍ତିରେ ପରିଣତ କରିଦେଲେଣି। ନିଜ ଆକାଉଣ୍ଟର ଫଲୋୟର୍ସଙ୍କୁ ମାଧ୍ୟମ କରି ଏମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଟଙ୍କା ଆଣି ସେମାନଙ୍କ ପ୍ରଚାର ପ୍ରସାର ଭିଡ଼ିଓ ପ୍ରସ୍ତୁତ କରି ପୋଷ୍ଟ କରୁଛନ୍ତି। ତେବେ ଖାଦ୍ୟପେୟ ଦିଗରେ ମଧ ସମାନ ସ୍ଥିତି ଉପୁଜିଛି। କଣ୍ଟେଣ୍ଟ କ୍ରିଏଟରମାନେ ଖାଦ୍ୟପେୟ ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ଲାଗି ପ୍ରଚାର ପ୍ରସାର ଭିଡ଼ିଓ କରୁଛନ୍ତି। କିନ୍ତୁ ବ୍ୟବସାୟୀମାନେ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେ ଦିଗରେ ପ୍ରାୟ କାହାର ନିଘା ରହୁନାହିଁ। ତେବେ ଯେଉଁ ଭିଡ଼ିଓ ପ୍ରସ୍ତୁତ କରୁଛନ୍ତି ଭିଡ଼ିଓରେ ଅନେକ କଣ୍ଟେଣ୍ଟ କ୍ରିଏଟର ଏହା ବିଜ୍ଞାପନ ପ୍ରଚାରଧର୍ମୀ ବା ପ୍ରାୟୋଜିତ ଭିଡ଼ିଓ ବୋଲି ଉଲ୍ଲେଖ କରୁନାହାନ୍ତି। ଫଳରେ ଲୋକେ ଏହାକୁ ଦେଖି ପ୍ରଭାବିତ ହେବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି କି ନାହିଁ ତାହା ଜାଣୁନାହାନ୍ତି। ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତି ଉପୁଜିଥିବାବେଳେ ଫୁଡ ବ୍ଲଗକୁ ସ୍କାନରରେ ରଖାଯିବା ଜରୁରୀ । ବ୍ଲଗମାନେ ଭିଡ଼ିଓ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପୂର୍ବରୁ ରିଏଲିଟି ଚେକ କରନ୍ତୁ। ବ୍ୟବସାୟ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ଦେଖି ଭିଡ଼ିଓ କରନ୍ତୁ। କାରଣ ବ୍ଲଗରମାନଙ୍କ ଫଲୋୟର୍ସ ଅଧିକ ରହିତ୍ୱବାରୁ ଲୋକେ ଅନ୍ଧ ଭାବେ ସବୁକିଛି ସମହଜରେ ବିଶ୍ୱାସ କରିନିଅନ୍ତି। ଏମିତି ନହେଉ ଆସନ୍ତାକାଲି ରିଏଲିଟି ଚେକ ନକରି ଭିଡ଼ିଓ ଦେଖି ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ଖାଇ ହଇରାଣରେ ପଡ଼ନ୍ତୁ।


ସୁଭଦ୍ରା ନଗର, ବିଡ଼ାନାସୀ , କଟକ, ଦୂରଭାଷ : ୯୭୭୮୬୩୫୯୨୬
E-mail : shyamsundra123samal@gmail.com


# ହୃଦୟର କବି କୀର୍ତ୍ତି ପୁରୁଷ ଅଟଳ ଜୀ

**ସୌରଚନ୍ଦ୍ର ମହାପାତ୍ର**

ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ଧରି ଭାରତୀୟ ରାଜନୀତିରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଅନେକ କାଳଜୟୀ ପଂକ୍ତି ଭାରତୀୟ ସାରସ୍ୱତ କ୍ଷେତ୍ରକୁ ଚିରକାଳ ଅବିସ୍ମରଣୀୟ ହୋଇ ରହିବ। ତାଙ୍କର ଏକ ପ୍ରିୟ କବିତାର ପଂକ୍ତିଟି ଉଲ୍ଲେଖ କରୁଛି – 'ବାଧାଯେଁ ଆତୀ ହେଁ ଆଯେଁ ଘିରେଁ ପ୍ରଳୟ କୀ ଘୋର ଘଟାଏଁ, ପାଓଁ କେ ନୀଚେ ଅଙ୍ଗାରେଁ ସିର ପର ବରସେଁ ଯଦି ଜ୍ୱାଲାଏଁ, ନିଜ ହାତୋଁ ମେଁ ହଁସତେ-ହଁସତେ ଆଗ ଲଗାକର ଜଲନା ହୋଗା କଦମ ମିଲାକର ଚଲନା ହୋଗା।' ୧୯୭୦ ଦଶକରେ କବି ଅଟଳ ଜୀଙ୍କ ଉପରୋକ୍ତ କବିତା କୋଟି ଭାରତୀୟଙ୍କ ହୃଦୟକୁ ଆନ୍ଦୋଳିତ କରୁଛି। ନିଜ ବ୍ୟସ୍ତପୂର୍ଣ୍ଣ ରାଜନୀତିକ ଜୀବନ ଭିତରେ ସେ ସର୍ବଦା କହୁଥିଲେ – 'ମୋ କବିତା ହେଉଛି ଯୁଦ୍ଧର ଘୋଷଣା, ଏହା ପରାଜୟର ପ୍ରସ୍ତାବନା ନୁହେଁ, କାବ୍ୟ କେବେ ପରାଜିତ ସିପାହୀର ନୈରାଶ୍ୟପୂର୍ଣ୍ଣ ନିନାଦ ନୁହେଁ ବରଂ ସଂଗ୍ରାମରତ ଯୋଦ୍ଧାର ବିଜୟ ସଂକଳ୍ପ।' ଭାରତୀୟ କବିତା କ୍ଷେତ୍ରକୁ ତାଙ୍କ ଶ୍ରେଷ୍ଠ କବିତା ସଂକଳନ ଥିଲା 'ମେରୀ ଇକ୍ୟାବନ୍ କବିତାଏଁ' ଯାହାକି ୧୯୫୫ରେ ଆତ୍ମପ୍ରକାଶ କରିଥିଲା। ସେହିପରି ୧୯୯୭ରେ ତାଙ୍କର 'ଶ୍ରେଷ୍ଠ କବିତା ସଂକଳନ', ୧୯୯୫ରେ 'ନୟା ଦିଶା ଏନ୍ ଆଲବମ୍ ୱିଥ୍ ଜଗଜିତ୍ ସିଂ', ୧୯୯୯ର 'କ୍ୟା ଖୋୟା କ୍ୟା ପାୟା: ଅଟଳ ବିହାରୀ ବାଜ୍ପେୟୀ, ବ୍ୟକ୍ତିତ୍ୱ ଔର କବିତାଏଁ', ୧୯୯୫ରେ 'ସମ୍ବେଦନା ଏନ୍ ଆଲ୍ବମ୍ ୱିଥ୍ ଜଗଜିତ ସିଂ', ୨୦୦୩ରେ 'ଟ୍ୱେଣ୍ଟି ୱାନ୍ ପଏମ୍ସ' ପ୍ରମୁଖ ଭାରତୀୟ କବିତା କାବ୍ୟ କ୍ଷେତ୍ରକୁ ସମୃଦ୍ଧ କରିଛି। ରାଜନୀତି ଜୀବନର ଉତ୍ଥାନ ପତନ ଓ ହାରଜିତକୁ ନେଇ ସେ ଲେଖିଥିଲେ 'କ୍ୟା ହାର ମେଁ, କ୍ୟା ଜୀତ୍ ମେଁ କିଞ୍ଚିତ ନହିଁ ଭୟଭୀତ ମେଁ, କର୍ତ୍ତବ୍ୟ ପଥ ପର ଜୋ ଭି ମିଲା ୟହ ଭି ସହି, ୱ ଭି ସହି, ବରଦାନ ନହିଁ ମାଙ୍ଗୁଙ୍ଗା ହୋ କୁଛ ପର ହାର ନହିଁ ମାନୁଙ୍ଗା।' ପ୍ରତିକୂଳତାକୁ ସାମ୍ନା କରି ସବୁ ଭାରତୀୟଙ୍କୁ ଆଗକୁ ବଢ଼ିବାର ବାର୍ତ୍ତା ରଖି ସେ ଯେଉଁ କାଳଜୟୀ କବିତାଟି ରଖିଥିଲେ ତାହା ହେଉଛି 'ବାଧାଯେଁ ଆତୀ ହେଁ ଆଯେଁ, ଘିରେଁ ପ୍ରଳୟ କୀ ଘୋର ଘଟାଏଁ, ପାଓଁ କେ ନୀଚେ ଅଙ୍ଗାରେଁ, ସିର ପର ବରସେଁ ୟଦି ଜ୍ୱାଲାଏଁ, ନିଜ ହାତୋଁ ମେଁ ହଁସତେ-ହଁସତେ, ଆଗ ଲଗାକର ଜଲନା ହୋଗା, କଦମ ମିଲାକର ଚଲନା ହୋଗା'।

ସର୍ବଧର୍ମର ସମାନତାର ମହନୀୟ ଉଜ୍ଜୀବିତ ବାର୍ତ୍ତା ରଖି ସେ ତାଙ୍କ କବିତାରେ ଦିଗ୍ଦର୍ଶନ କରିଥିଲେ – 'କାଶ୍ମୀର କେ ନନ୍ଦନ ବନ କୋ, କିସନେ ହେ ସୁଲଗାୟା, କିସନେ ଛାତି ପର, ଅନ୍ୟାୟୋଁ କା ଅମ୍ବାର ଲଗାୟା, ଆଖଁ ଖୋଲ କର କର ଦେଖୋ, ଘର ମେଁ ଭୀଷଣ ଆଗ ଲଗୀ ହେଁ, ଧର୍ମ, ସଭ୍ୟତା, ସଂସ୍କୃତି ଖାନେ, ଦାନବ କ୍ଷୁଧା ଜଗୀ ହେଁ, ହିନ୍ଦୁ କହନେ ମେଁ ଶର୍ମାତେ, ଦୁଧ ଲଜାତେ, ଲାଜ ନା ଆତୀ।' ଜୀବନ ଯୁଦ୍ଧକୁ ଅତି ପାଖରେ ପିଲାବେଳୁ ସାମ୍ନା କରିଥିବା ଅଟଳଜୀ ଜୀବନ ପରାଜୟକୁ ସାମ୍ନା ନକରିବା ପାଇଁ ତାଙ୍କ କବିତାରେ ଯେଉଁ ଆଲୋକର ଶିଖା ଦେଖାଇଥିଲେ ତାହାହେଉଛି – 'ମୌତ କି ଉମ୍ର କ୍ୟା ଦୋ ପଲ୍ ଭି ନହିଁ, ଜିନ୍ଦଗୀ-ସିଲ୍ସିଲା, ଆଜ୍ କଲ କି ନହିଁ, ମେଁ ଜୀ ଭର୍ ଜିୟା, ମେଁ ମନ୍ ସେ ମରୁଁ, ଲୌଟ୍କର ଆଉଁଗା, କୁଚ୍ ସେ କ୍ୟୋଁ ଡରୁଁ। ତୁ ଦବେ ପାୱଁ, ଚୋରୀ-ଛିପେ ସେ ନ ଆ, ସାମ୍ନେ ୱାର କର, ଫିର୍ ମୁଝେ ଆଜ୍ମା, ମୌତ୍ ସେ ବେଖବର, ଜିନ୍ଦଗୀ କା ସଫର, ଶାମ୍ ହର୍ ସୁରମଈ, ରାତ୍ ବଂଶୀ କା ସ୍ୱର।' ଜୀବନ ସୂର୍ଯ୍ୟର ମହାସତ୍ୟ ଓ ଆଜିର ସଂଗଠିତ ତଥା କଥିତ ମହାଭାରତର ଚରିତ୍ର ମାନଙ୍କୁ ଉପଲକ୍ଷ୍ୟ କରି ସେ ସତ୍ୟର ଯେଉଁ ଦର୍ପଣ ତାଙ୍କ କବିତା ଭିତରେ ଉଙ୍କି ମାରିଥିଲା ତାହା ହେଉଛି – 'ସୂର୍ଯ୍ୟ ଏକ୍ ସତ୍ୟ ହେ, ଜିସେ ଝୁଠ୍ଲାୟା ନେହିଁ ଜା ସକ୍ତା, ମଗର୍ ଓସ୍ ଭି ତୋ ଏକ୍ ସଚ୍ଚାଇ ହେ, ୟହ ବାତ୍ ଅଲଗ୍ ହେ କି ଓସ୍ କ୍ଷଣିକ୍ ହେ, କ୍ୟୋଁ ନ ମେଁ କ୍ଷଣ କ୍ଷଣ କୋ ଜିଉଁ? କଣ-କଣ ମେଁ ବିଖ୍ରେ ସୌନ୍ଦର୍ଯ୍ୟ କୋ ପିଉଁ? କୌରବ୍ କୌନ୍ ପାଣ୍ଡବ କୌନ୍, ଟେଢ଼ା ସୱାଲ୍ ହେ, ଦୋନୋ ଔର୍ ଶକୁନି ଫୈଲା କୁଟ୍ଜାଲ ହେ। ଧର୍ମରାଜ ନେ ଛୋଡ଼ି ନହିଁ ଜୁଏ କୀ ଲତ୍ ହେ। ହର୍ ପଞ୍ଚାୟତ୍ ମୈ ପାଲ୍ଲାଲୀ ଅପ୍ମାନିତ ହେ। ବିନା କୃଷ୍ଣ କେ ଆଜ୍ ମହାଭାରତ ହେନା ହେ, କୋଇ ରାଜା ବନେ, ରଙ୍କ୍ କୋ ତୋ ରୋନା ହେ।' କର୍ତ୍ତବ୍ୟର ଲକ୍ଷ୍ୟ ପଥ ଦିଗହରା ନ ହୋଇ କର୍ତ୍ତବ୍ୟ ନିଷ୍ଠତାର ସଫଳ, ବିଫଳର ଚରିତ୍ର ମାନଙ୍କୁ ହୃଦୟ ଭିତରୁ କବିତାର ଯେଉଁ ସ୍ରୋତ ବୁହାଇ ଥିଲେ ତାହା ଅନୁବାଦିତ ଓଡ଼ିଆ ଭାଷାରେ ହେଉଛି – 'ସମ୍ମୁଖରେ ଶାୟିତ ଯଦି ଲକ୍ଷ୍ୟ ପଥ ପ୍ରଗତି ଚିରନ୍ତନ ଯଦି, ଶେଷ କଥା ଚିନ୍ତା କାହିଁ ସୁସ୍ମିତ ହର୍ଷିତ ମୁଖେ କିପରି ଏ ଶ୍ରମକ୍ଲାନ୍ତି। ବିଫଳ ବା ସଫଳତାରେ ସମ ମନୋରଥ ସବୁ ଦେଇ କିଛି ବି ନ ଚାହିଁ, ବର୍ଷା ପରି ବାରିଧାରା ବରଷି ଯିବାକୁ ହେବ, ପାଦରେ ପାଦ ମିଳାଇ ଚାଲିବାକୁ ହେବ। କିଛି କଣ୍ଟା ସୁସଜ୍ଜିତ ଜୀବନ ଉଦ୍ଦାମ ପ୍ରେମରୁ ବଞ୍ଚିତ ଯୌବନ ନିରବତା ମୁଖରିତ ମଧୁବନ।'

କେବଳ କବିତା ନୁହେଁ ଅନେକ ସୃଜନଶୀଳ ପ୍ରେରଣାଦାୟୀ ପୁସ୍ତକର ମଧ ସେ କାଳଜୟୀ ସ୍ରଷ୍ଟା ଥିଲେ। ତାଙ୍କର ଲୋକପ୍ରିୟ ପୁସ୍ତକ ଗୁଡ଼ିକ ଭିତରୁ ହେଉଛି ୧୯୭୭ରେ 'ଇଣ୍ଡିଆନ୍ ଫରେନ୍ ପଲିସି : ଡାଇମେନ୍ଶନ୍ସ', '୧୯୮୧ରେ 'ଆସାମ ପ୍ରୋବ୍ଲେମ : ରିପ୍ରେଶନ୍ ନୋ ସଲ୍ୟୁଶନ', ୧୯୯୨ରେ 'ଅଟଳ ବିହାରୀ ବାଜ୍ ମେମ୍ ତିନା ଦଶକ', ୨୦୦୦ରେ 'ପ୍ରଧାନମନ୍ତ୍ରୀ ବାଜପେୟୀ କେ ଚୁନେ ହୁୟେ ଭାଷଣ', ୨୦୦୧ରେ 'ଭେଲ୍ୟୁଜ୍, ଭିଜନ ଆଣ୍ଡ ଭର୍ସେସ୍ ଅଫ୍ ବାଜପେୟୀ : ଇଣ୍ଡିଆନ୍ ମ୍ୟାନ୍ ଅଫ୍ ଡେଷ୍ଟିନି', ୧୯୬୧ରେ 'ନ୍ୟାଶନାଲ ଇଣ୍ଟିଗ୍ରେଶନ୍', ୧୯୭୭ରେ 'ଡାଇନାମିକ୍ସ ଅଫ୍ ଏନ୍ ଓପନ୍ ସୋସାଇଟି', ୧୯୯୬ରେ 'କଚ୍ଚା ଲେଖା, କଚ୍ଚା ଭାଷଣ', ୧୯୯୬ରେ 'ସେକ୍ୟୁଲାରବାଦ : ଭାରତୀୟ ପରିକଳ୍ପନା ଡ.ରାଜେନ୍ଦ୍ର ପ୍ରସାଦ ସ୍ମାରକ ବ୍ୟାଖ୍ୟାନମାଳା', ୧୯୯୭ରେ 'ରାଜନୀତି କୀ ରପ୍ଟିଲି ରାହେଁ', ୧୯୯୮ରେ 'ବ୍ୟାକ୍ ଟୁ ସ୍କୋୟାର୍ ୱାନ୍', ୧୯୯୮ରେ 'ଡିସାଇସିଭ୍ ଡେଜ୍', ୧୯୯୯ରେ 'ଶକ୍ତି ସେ ଶାନ୍ତି', ୨୦୦୩ରେ 'ଇଣ୍ଡିଆଜ୍ ପ୍ରସ୍ପେକ୍ଟିଭସ୍ ଅନ୍ ଆସିଆନ୍ ଆଣ୍ଡ ଦି ଏସିଆ ପାସିଫିକ୍ ରିଜନ୍' ପ୍ରମୁଖ। ଦେଶଭକ୍ତ ଓ ଅଖଣ୍ଡ ଭାରତର ଏହି ଅକ୍ଷୟ କୀର୍ତ୍ତି ସ୍ତମ୍ଭ ନିଜ ଦେଶ ପାଇଁ ଯେଉଁ ଅହେତୁକ ମମତାର ଜୁଆର ସୃଷ୍ଟି କରିଥିଲେ ତାହା ହେଉଛି – 'ଭାରତ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ଏକ ଜୀବନ୍ତ ରାଷ୍ଟ୍ରପୁରୁଷ, ଅଭିନନ୍ଦନର ଏ ଭୂମି, ଅର୍ପଣର ଭୂମି, ଏହାର ପ୍ରତ୍ୟେକ ନଦୀ ଗଙ୍ଗା, ମାଟିର ପ୍ରତିକଣିକାରେ ମହାଦେବଙ୍କର ବାସ, ଜିଇବା ତ ଦେଶ ପାଇଁ, ମରିବା ବି ଏଇ ଦେଶ ପାଇଁ....।' ମୃତ୍ୟୁ ପାଇଁ ବେଶ୍ ବେପରୱା ହୋଇ ମୃତ୍ୟୁର ଗଭୀର ଆୟୁଶକୁ ଖୋଲା ଆହ୍ୱାନ ଦେଇଥିବା ଏହି ଯୁଗପୁରୁଷଙ୍କ ସେହି ବିଲକ୍ଷଣ ଉକ୍ତି – 'ମୃତ୍ୟୁର ଆୟୁଷ ବା କେତେ, ମୁହୂର୍ତ୍ତେ ବି ନୁହେଁ – ଜୀବନର ପର୍ଯ୍ୟାୟ ଆଜିକାଲିକା କଥା ନୁହେଁ ମନ ଭରି ଜିଇଛି ମୁଁ, ମନ ହେଲେ ମରିବି ପୁଣି ତ ଲେଉଟିବି, ଏ ଯାତ୍ରାକୁ କାହିଁକି ଡରିବି ? ପାଦ ଚାପି ଆସନା ତୁ, ଲୁଚିଛପି ବି ନୁହେଁ ସମ୍ମୁଖରୁ ଆକ୍ରମଣ କର ମତେ, ଦେଖ ମୋର ଶକ୍ତି ମୃତ୍ୟୁ ପାଇଁ ବେପରୱା, ଜୀବନର ଯାତ୍ରା ମୋର ପ୍ରତି ସନ୍ଧ୍ୟା ସୁରମୟୀ, ରାତ୍ରି ସତେ ବଇଁଶୀର ସୁର....।'


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,



# ଆସାମର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲା ଅଶାନ୍ତ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ଗୋଚର ଜମିରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ଦାବିରେ ଆସାମର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲା ମଙ୍ଗଳବାର ଦ୍ୱିତୀୟ ଦିନ ପାଇଁ ଅଶାନ୍ତ ରହିଛି । ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିବାରୁ ୨ ଜଣଙ୍କର ମୃତ୍ୟୁହେବା ସହିତ ୪୮ ଜଣ ପୁଲିସ ଆହତ ହୋଇଛନ୍ତି । ଦଙ୍ଗା, ପୋଡ଼ାଜଳା ଓ ବ୍ୟାପକ ଭଙ୍ଗାରୁଜା ଜାରି ରହିଛି । ବିକ୍ଷୋଭକାରୀ ଦୋକାନ ବଜାରରେ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଥିବାବେଳେ ଖେରୋନିରେ ପୁଲିସ ଉପରକୁ ବୋମା, ପଥର ଓ ଧନୁତୀରରେ ଆକ୍ରମଣ କରାଯାଇଛି । ସୋମବାର ସନ୍ଧ୍ୟାରୁ ଜିଲ୍ଲାରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ ହୋଇଥିଲେ ମଧ୍ୟ ହିଂସା ନିୟନ୍ତ୍ରଣକୁ ଆସିପାରି ନାହିଁ । ହିଂସାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଶ୍ଚିମ କାର୍ବି ଆଙ୍ଗଲାଙ୍ଗ ଓ କାର୍ବି ଆଙ୍ଗଲାଙ୍ଗ ଜିଲ୍ଲାରେ ଇଣ୍ଟରନେଟ୍ ଓ ମୋବାଇଲ୍ ସେବା ବନ୍ଦ କରିଦେଇଛନ୍ତି ।ଏଥିସହିତ ଖେରୋନି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅଧିକ ସୁରକ୍ଷା କର୍ମୀ ମୁତୟନ ହେବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି । ବୁଧବାର ସେନାର ଫ୍ଲାଗମାର୍ଚ୍ଚ ହେବ । କର୍ବି ଆଦିବାସୀ ସମୁଦାୟ ପକ୍ଷରୁ ଗୋଚର ଭୂମିରୁ ବାହାର ଲୋକଙ୍କୁ ଉଚ୍ଛେଦ କରିବାକୁ ଦାବି କରାଯାଇଛି । ସୋମବାରଠାରୁ ସେଠାରେ ଉପସ୍ଥିତ ଥିବା ପୁଲିସ ଡିଜି ହରମିତ ସିଂହ ଗଣମାଧ୍ୟମକୁ କହିଛନ୍ତି ଯେ, ଜଣେ ଆଇପିଏସ୍ ଅଧିକାରୀଙ୍କ ସମେତ ୪୮ ପୁଲିସ ଆହତ ହୋଇଛନ୍ତି । ତାଙ୍କ କାନ୍ଧରେ ଆଘାତ ଲାଗିଥିବା ଶ୍ରୀ ସିଂହ କହିଛନ୍ତି । ବିକ୍ଷୋଭକାରୀ ଗତକାଲି ହିଂସା ଘଟାଇବେନି ବୋଲି କହିଥିଲେ । କିନ୍ତୁ ମଙ୍ଗଳବାର ପୁଣି ଥରେ ଦୋକାନ ଉପରେ ଆକ୍ରମଣ କରିବା ସହିତ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ କରିଛନ୍ତି । ବିକ୍ଷୋଭକାରୀ ପୁଲିସ ଉପରକୁ ବୋମା ପକାଇଥିଲେ । ଜଣେ ପୁଲିସ କର୍ମଚାରୀଙ୍କ ଉପରେ ତୀରମାଡ଼ ହୋଇଥିବା ଡିଜିପି କହିଛନ୍ତି । ପୁଲିସ ବିକ୍ଷୋଭକାରୀଙ୍କୁ ଘଉଡ଼େଇବା ପାଇଁ ଲୁହବୁହା ଗ୍ୟାସ୍ ଓ ରବର ବୁଲେଟ୍ ମାଡ଼ କରିଥିବା ଡିଜିପି ସୂଚନା ଦେଇଛନ୍ତି ।

# ପାକିସ୍ତାନର ବିକ୍ରି କଲା ନିଜ ଏୟାରଲାଇନ୍ସ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** କାଙ୍ଗାଳ ପାକିସ୍ତାନର ହାଲ୍ ବେହାଲ୍ । ବିକ୍ରି ହେଲା ପାକିସ୍ତାନର ଏୟାରଲାଇନ୍ସ । ଗରିବ ପାକିସ୍ତାନର ଅବସ୍ଥା ଅତ୍ୟନ୍ତ ଭୟଙ୍କର ହେଲାଣି ଯେ, IMF ଏବଂ ସମସ୍ତ ବନ୍ଧୁ ରାଷ୍ଟ୍ରଙ୍କ ଆର୍ଥିକ ସହାୟତା ମଧ୍ୟ ପାକିସ୍ତାନକୁ ସଙ୍କଟରୁ ଉଦ୍ଧାର କରିବାରେ ବିଫଳ ହେଉଛି । ପରିସ୍ଥିତି ଏତେ ଖରାପ ହୋଇଛି ଯେ ଶାହବାଜ ସରିଫ ସରକାର ପାକିସ୍ତାନର ସରକାରୀ ବିମାନ କମ୍ପାନୀ PIAକୁ ୧୩୫ ବିଲିୟନ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହୋଇଛି । ପାକିସ୍ତାନ ମଙ୍ଗଳବାର ଦିନ ଏହାର 'ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ'କୁ ବିକ୍ରି କରିଛି । ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସ ର ଘରୋଇକରଣ ହୋଇଛି । ତେବେ ଏହି ପାକିସ୍ତାନ ଇଣ୍ଟରନ୍ୟାସନାଲ ଏୟାରଲାଇନ୍ସର ଘରୋଇକରଣ କରିବା ପାଇଁ ତିନୋଟି କମ୍ପାନି ନିଜର ବିଡ୍ ଦାଖଲ କରିଥିଲେ । ହେଲେ ଶେଷରେ ଆରିଫ୍ ହବିବ୍ କମ୍ପାନି ଏହି ନିଲାମୀ ପ୍ରକ୍ରିୟାରେ ବିଜୟୀ ହୋଇଛି ।ଜାଣିରଖିବା ଉଚିତ ଯେ, ବିଡ୍ ଖୋଲିବା ପରେ ପାକିସ୍ତାନ ସରକାର କହିଥିଲେ କ୍ଷତିରେ ଚାଲୁଥିବା ପାକିସ୍ତାନ ଇଣ୍ଟରନ୍ୟାସନାଲ୍ ଏୟାରଲାଇନ୍ସର ରେଫରେନ୍ସ ମୂଲ୍ୟ ୧୦୦ ବିଲିୟନ ଟଙ୍କା ରଖାଯାଇଛି । ଏହାପରେ ଆରିଫ୍ ହବିବ୍ ଏବଂ ଲକି ସିମେଣ୍ଟ୍ ଉଭୟ ଏୟାରଲାଇନ୍ସ ଏହି ନିଲାମ ପ୍ରକ୍ରିୟାରେ ଜିତିବା ପାଇଁ ତୀବ୍ର ପ୍ରତିଯୋଗିତା କରିଥିଲେ । ଆଉ ଶେଷରେ ଆରିଫ୍ ହବିବ୍ ଗ୍ରୁପ୍ ୧୩୫ ବିଲିୟନ ଟଙ୍କାରେ ଏହି ନିଲାମୀ ପ୍ରକ୍ରିୟାରେ ବିଜୟୀ ହୋଇଥିଲା । ସୂଚନାଯୋଗ୍ୟ ଯେ, ପାକିସ୍ତାନ ଏୟାରଲାଇନ୍ସର ବିକ୍ରୟ ସମୟରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ସରକାର ସ୍ଥାନୀୟ ଟେଲିଭିଜନରେ ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାର ସିଧା ପ୍ରସାରଣ କରିଥିଲେ । ଏହି ନିଲାମ ବିମାନ କମ୍ପାନିକୁ ବିକ୍ରୟ କରିବାର ଦ୍ୱିତୀୟ ପ୍ରୟାସ ଥିଲା । ସରକାର ଗତବର୍ଷ ମଧ୍ୟ ଏହି ପ୍ରୟାସ କରିଥିଲେ, କିନ୍ତୁ ଟଙ୍କା ଅଭାବରୁ ଏହାକୁ ସ୍ଥଗିତ ରଖାଯାଇଥିଲା । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ଫେଡେରାଲ କ୍ୟାବିନେଟର ଏକ ବୈଠକରେ, PIA ର ଘରୋଇକରଣରେ ସରକାରୀ ଅଧିକାରୀ ଏବଂ ଘରୋଇକରଣ କମିଶନଙ୍କ ଭୂମିକା ପାଇଁ ଧନ୍ୟବାଦ ଜଣାଇଥିଲେ ।




# ଦିଲ୍ଲୀ ମେଟ୍ରୋର ହେବ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଆଜି ଦିଲ୍ଲୀରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଦିଲ୍ଲୀ ମେଟ୍ରୋର ସମ୍ପ୍ରସାରଣକୁ ଅନୁମୋଦନ କରାଯାଇଥିଲା । କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ୧୨,୦୧୫ କୋଟି ଟଙ୍କା ଖର୍ଚ୍ଚ କରିବେ । ଏନେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ପ୍ରତିଦିନ ପ୍ରାୟ ୬୫ ଲକ୍ଷ ଲୋକ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରନ୍ତି, ଯେତେବେଳେ ପର୍ବ ଏବଂ କୌଣସି ଉତ୍ସବ ଅବସରରେ ଯାତ୍ରୀଙ୍କ ସଂଖ୍ୟା ୮୦ ଲକ୍ଷରୁ ଅଧିକ ହୁଏ । ଏହି ପ୍ରକଳ୍ପ ଅଧୀନରେ, ୧୩ଟି ନୂତନ ମେଟ୍ରୋ ଷ୍ଟେସନ ନିର୍ମାଣ କରାଯିବ, ଯେଉଁଥିରେ ୧୦ଟି ଭୂତଳ ଷ୍ଟେସନ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ୩ ବର୍ଷ ମଧ୍ୟରେ ସମାପ୍ତ ହେବ ବୋଲି ଆକଳନ କରାଯାଇଛି । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ ଦିଲ୍ଲୀ ମେଟ୍ରୋର ପର୍ଯ୍ୟାୟ ୫ଏ କୁ ଅନୁମୋଦନ କରିଛନ୍ତି, ଯେଉଁଥିରେ ୧୩ଟି ଷ୍ଟେସନ ରହିବ । ୧୨,୦୧୫ କୋଟି ଟଙ୍କା ବ୍ୟୟରେ ୧୬ କିଲୋମିଟର ଲମ୍ବ ନୂତନ ଲାଇନ ବିଛାଯିବ । ଏହା ସହିତ, ଦିଲ୍ଲୀ ମେଟ୍ରୋ ନେଟୱାର୍କ ୪୦୦ କିଲୋମିଟରରୁ ଅଧିକ ବୃଦ୍ଧି ପାଇବ।ରାମକୃଷ୍ଣ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ ପର୍ଯ୍ୟନ୍ତ ୯.୯ କିଲୋମିଟର ଟ୍ରାକ୍ ସମ୍ପ୍ରସାରଣ ପାଇଁ ୯୫୭୦.୪ କୋଟି ଖର୍ଚ୍ଚ ହେବ। ଏରୋସିଟିରୁ ବିମାନବନ୍ଦର ଟର୍ମିନାଲ-୧ ପର୍ଯ୍ୟନ୍ତ ୨.୩ କିଲୋମିଟର ଟ୍ରାକ୍ ସମ୍ପ୍ରସାରଣ ପାଇଁ ୧୪୧୯.୬ କୋଟି ଖର୍ଚ୍ଚ ହେବ । ସେହିପରି ତୁଗଲକାବାଦରୁ କାଳିନ୍ଦୀ କୁଞ୍ଜ ପର୍ଯ୍ୟନ୍ତ ୩.୯ କିଲୋମିଟର ଟ୍ରାକ୍ ସମ୍ପ୍ରସାରଣ ପାଇଁ ୧୦୧୪.୮ କୋଟି ଟଙ୍କା ଖର୍ଚ୍ଚ ହେବ । ଦିଲ୍ଲୀ ମେଟ୍ରୋ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ୧୭୫୯ କୋଟି ଯୋଗାଇବେ, ଯେତେବେଳେ ଦିଲ୍ଲୀ ସରକାର ସମାନ ପରିମାଣର ଅର୍ଥରାଶି ଦେବେ ବାକି ପ୍ରାୟ ୫୦୦୦ କୋଟି ଋଣ ନିଆଯିବ । କେନ୍ଦ୍ର ସରକାର କହିଛନ୍ତି ଯେ ମେଟ୍ରୋ ସମ୍ପ୍ରସାରଣ ଦିଲ୍ଲୀରେ ପ୍ରଦୂଷଣ ଏବଂ ଟ୍ରାଫିକ୍ ହ୍ରାସ କରିବ । ଦିଲ୍ଲୀ ମେଟ୍ରୋ ହେଉଛି ଭାରତର ସର୍ବବୃହତ ଏବଂ ବ୍ୟସ୍ତବହୁଳ ମେଟ୍ରୋ ସିଷ୍ଟମ, ଯାହା ଦିଲ୍ଲୀ ମେଟ୍ରୋ ରେଳ ନିଗମ ଦ୍ୱାରା ପରିଚାଳିତ । ଦିଲ୍ଲୀ ମେଟ୍ରୋ ସହରକୁ ନୋଏଡା, ଗୁଡ଼ଗାଓଁ, ଫରିଦାବାଦ, ଗାଜିଆବାଦ ଏବଂ ବାହାଦୁରଗଡ଼ ସମେତ ଆଖପାଖର ଏନସିଆର ଅଞ୍ଚଳ ସହିତ ସଂଯୋଗ କରେ ।

# ବିଶ୍ୱକୁ ସୁଖାଇ ଦେବ ଏଆଇ, ସୃଷ୍ଟି ହେବ ଉତ୍କଟ ଜଳାଭାବ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଆଜିର ସମୟରେ ଏଆଇ ଆମ ଜୀବନ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯେଉଁ ଏଆଇକୁ ଆମେ ସ୍ମାର୍ଟ,ଫାଷ୍ଟ ଓ ଫ୍ୟୁଚର ବୋଲି ମାନୁଛୁ, ତାହା ଚୁପଚାପ୍ ପୃଥିବୀ ପୃଷ୍ଠରୁ ପାଣି ପିଉଛି । ତାହା ପୁଣି ଏତେ ମାତ୍ରାରେ ପାଣି ପିଉଛି ଯେ ବିପଦର ଘଣ୍ଟି ବଜାଇପାରେ । ଲଗାତାର ଏହି ବିତର୍କ ଚାଲିଛି ଯେ, ଏହାକୁ କିଭଳି ରୋକି ହେବ ଓ କ'ଣ କ'ଣ ବିକଳ୍ପ ରହିଛି । ନିକଟରେ କରାଯାଇଥିବା ରିସର୍ଚ୍ଚରୁ ଜଣାପଡିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିଷ୍ଟମ ବାର୍ଷିକ ପାଣିର ବ୍ୟବହାର ଏବେ ସେହି ପାଣିଠାରୁ ଅଧିକ ଅଧିକ ହୋଇପାରେ, ଯାହାକୁ ପୁରା ଦୁନିଆରେ ଏକ ବର୍ଷ ହେବ ବୋତଲବନ୍ଦ ପାଣି ଭାବରେ ବ୍ୟବହାର କରାଯାଉଛି । ଏହା ଜାଣିବା ପରେ ଅଦ୍ଭୁତ ଲାଗୁଥିବ କିନ୍ତୁ ଟେକ୍ ଇଣ୍ଡଷ୍ଟ୍ରି ଭିତରେ ଏଭଳି ସତ୍ୟତା ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି । ଏଆଇ ପବନରେ ଚାଲୁଥିବା ଯାଦୁ ନୁହେ । ଏହାପଛରେ ବଡ଼ ବଡ଼ ଡାଟା ସେଣ୍ଟର୍ସ ରହିଛି । ଏହି ସ୍ଥାନରୁ ହଜାର ହଜାର ସର୍ଭର ଦିନ-ରାତି ଚାଲୁଥାଏ । ଯେତେବେଳେ ଏହି ସର୍ଭର କାମ କରିଥାଏ, ତାହା ଗରମ ହୋଇଥାଏ । ଏହି ଗରମକୁ କନଟ୍ରୋଲ କରିବା ପାଇଁ ପାଣିର ବ୍ୟବହାର ହୋଇଥାଏ । ଏହି ପାଣି ପ୍ରକୃତରେ ଏଆଇର ପ୍ରକୃତ ଇନ୍ଧନ । ଏ ବିଷୟରେ ସାଧାରଣ ୟୁଜରଙ୍କୁ କେବେ କୁହାଯାଏନି । ରିସର୍ଚ୍ଚ କହୁଛି ଯେ, ୨୦୨୫ ପର୍ଯ୍ୟନ୍ତ ଏଆଇ ସମ୍ପର୍କିତ ସିଷ୍ଟମ ୩୦୦ରୁ ୭୦୦ ବିଲିୟନ ଲିଟର ପର୍ଯ୍ୟନ୍ତ ପାଣି ବର୍ଷ ସାରା ଖର୍ଚ୍ଚ ହୋଇପାରିବ । ତୁଳନା ଯଦି କରାଯାଏ ତେବେ ଏହି ମାତ୍ରା ପୁରା ଦୁନିଆରେ ବିକ୍ରି ହେଉଥିବା ବୋତଲବନ୍ଦ ପାଣିଠାରୁ ଅଧିକ ରହିବ । ଅର୍ଥାତ ଯେଉଁ ପାଣିକୁ ଲୋକ କିଣିକି ପିଉଛନ୍ତି, ତାଠାରୁ ଅଧିକ ପାଣି ଏଆଇ ମେସିନ୍ ବ୍ୟବହାର କରୁଛି ।ମାମଲା କେବଳ ପାଣି ପର୍ଯ୍ୟନ୍ତ ସୀମିତ ନୁହେଁ । ଏହି ଡାଟା ସେଣ୍ଟରକୁ ଚଲାଇବା ପାଇଁ ପ୍ରଚୁର ମାତ୍ରାରେ ବିଜୁଳି ମଧ୍ୟ ଦରକାର । ବିଜୁଳିର ଅର୍ଥ କେବଳ ଅଧିକ କାର୍ବନ ନିର୍ଗମନ । ଅନୁମାନ କରାଯାଉଛି ଯେ, ଆଗାମୀ ଦିନରେ ଏଆଇରୁ ତିଆରି ହେଉଥିବା କାର୍ବନ ଫୁଟପ୍ରିଣ୍ଟ ବହୁ ବଡ଼ ସହରର ବାର୍ଷିକ ପ୍ରଦୂଷଣ ସହ ସମାନ ହୋଇପାରେ । କିନ୍ତୁ ଏପର୍ଯ୍ୟନ୍ତ ଏଭଳି କେଣସି କଥା ସ୍ପଷ୍ଟ ହୋଇନି, କାରଣ ଅଧିକାଂଶ ବଡ଼ ଟେକ୍ କମ୍ପାନୀ ନିଜର ଡାଟା ସେଣ୍ଟରର ପ୍ରକୃତ ପାଣି ଓ ବିଜୁଳି ଖର୍ଚ୍ଚ ସାର୍ବଜନୀନ କରିନାହାଁନ୍ତି । ସବୁଠାରୁ ମଜାଦାର କଥା ହେଲା ଏଆଇର ପ୍ରଶ୍ନ ଯଦିଓ ଛୋଟ, କିନ୍ତୁ ଏହାର ପ୍ରଭାବ ଯୋଡି ହେବାରେ ଲାଗିଥାଏ । ଯେତେବେଳେ କୋଟି କୋଟି ଲୋକ ପ୍ରତିଦିନ ଏଆଇ ଟୁଲ୍ସର ବ୍ୟବହାର କରନ୍ତି, ସେତେବେଳେ ପାଣିର ଏହି ଛୋଟ ଛୋଟ ଖର୍ଚ୍ଚକୁ ମିଶିକି ବିଲିୟନ ଲିଟର ପର୍ଯ୍ୟନ୍ତ ପହଁଞ୍ଚିଯାଏ । ଏହି କାରଣରୁ ବିଶେଷଜ୍ଞ ଏବେ ଚେତାବନୀ ଦେବାରେ ଲାଗିଛନ୍ତି । ଯଦି ଏଆଇର ଏଭଳି ବେଗ ବିନା କେଣସି ପ୍ଲାନିଂରେ ଚାଲିଥାଏ, ତେବେ ପାଣିର ଅଭାବ ବଢ଼ିଯିବ ।



## ଶସ୍ତା ହେବ ବିମାନ ଯାତ୍ରା

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):**ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆସିବାକୁ ଯାଉଛି ଇଣ୍ଡିଗୋ ସଙ୍କଟ ଏବଂ ସୀମିତ ବଜାର ବିକଳ୍ପ ମଧ୍ୟରେ, ମୋଦୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ତିନୋଟି ନୂତନ ବିମାନ କମ୍ପାନୀକୁ ଅନୁମୋଦନ କରି, କେନ୍ଦ୍ର ସରକାର ସ୍ପଷ୍ଟ ଭାବରେ ସଙ୍କେତ ଦେଇଛନ୍ତି ଯେ ପ୍ରତିଯୋଗିତା ବୃଦ୍ଧି ପାଇବ ଏବଂ ଯାତ୍ରୀମାନଙ୍କ ପାଖରେ ଅଧିକ ବିକଳ୍ପ ରହିବ । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶଙ୍ଖ ଏୟାର, ଅଲ୍ ହିନ୍ଦ ଏୟାର ଏବଂ ଫ୍ଲାଏ ଏକ୍ସପ୍ରେସକୁ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିଛି । ଭାରତ ପୂର୍ବରୁ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ବିମାନ ବଜାର ମଧ୍ୟରୁ ଗୋଟିଏ ଏବଂ ସରକାର ଏକ ଦ୍ୱନ୍ଦ୍ୱକୁ ବଦଳାଇବା ପାଇଁ ଏକ ଦୃଢ଼ ମଲ୍ଟି-ଏୟାରଲାଇନ୍ ସିଷ୍ଟମ ଚାହୁଁଛନ୍ତି । ଏହି କାରଣରୁ ନୂତନ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ସେ ସମ୍ପ୍ରତି ତିନୋଟି ପ୍ରସ୍ତାବିତ ବିମାନ କମ୍ପାନୀର ଦଳ ସହିତ ସାକ୍ଷାତ କରିଛନ୍ତି । ଶଙ୍ଖ ଏୟାର ପୂର୍ବରୁ ମନ୍ତ୍ରଣାଳୟରୁ NOC ପାଇସାରିଛି, ଯେତେବେଳେ ଅଲ୍ ହିନ୍ଦ ଏୟାର ଏବଂ ଫ୍ଲାଏ ଏକ୍ସପ୍ରେସକୁ ଏହି ସପ୍ତାହରେ ଅନୁମୋଦନ କରାଯାଇଛି ।

# ୪ଟି ଲେଖାଏଁ ପିଲା ଜନ୍ମ କର, ନହେଲେ ଭାରତ ହୋଇଯିବ ପାକିସ୍ତାନ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ୪ଟି ଲେଖାଏଁ ପିଲା ଜନ୍ମ କର ନହେଲେ ଭାରତ ହୋଇଯିବ ପାକିସ୍ତାନ । ଏଭଳି କହି ଚର୍ଚ୍ଚାରେ ବିଜେପି ନେତ୍ରୀ ତଥା ପୂର୍ବତନ ସ୍ୱାଧୀନ ସାଂସଦ ନବନୀତ ରାଣାୟ ହିନ୍ଦୁ ସମ୍ପ୍ରଦାୟକୁ ଅତି କମରେ ତିନିରୁ ଚାରୋଟି ସନ୍ତାନ ଜନ୍ମ କରିବାକୁ ସେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ କିଛି ଲୋକ ବହୁ ସଂଖ୍ୟକ ସନ୍ତାନ ଜନ୍ମ କରି ଭାରତକୁ ପାକିସ୍ତାନରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି । ତେଣୁ ହିନ୍ଦୁମାନେ କେବଳ ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ହେବା ଉଚିତ ନୁହେଁ । ତାଙ୍କର ଏହି ବୟାନକୁ ନେଇ ଅନେକ ତାଙ୍କୁ ସମାଲୋଚନା କରୁଥିବା ଦେଖାଯାଇଛି । ଅମରାବତୀରେ ସାମ୍ବାଦିକଙ୍କ ସହ ସାକ୍ଷାତକାର ସମୟରେ ସେ ଏଭଳି ବୟାନ ଦେଇଥିଲେୟ ସେ କହିଥିଲେ, ମୁଁ ସମସ୍ତ ହିନ୍ଦୁଙ୍କୁ ଅନୁରୋଧ କରୁଛି । ଶୁଣ, ମୁସଲମାନମାନେ ଖୋଲାଖୋଲି ଭାବରେ କହୁଛନ୍ତି ଯେ ସେମାନଙ୍କର ୪ଜଣ ସ୍ତ୍ରୀ ଏବଂ ୧୯ ଜଣ ପିଲା ଅଛନ୍ତି । ମୁଁ ପରାମର୍ଶ ଦେଉଛି ଯେ, ଆମର ଅତି କମରେ ତିନିରୁ ଚାରି ଲେଖାଏଁ ପିଲା କରିବା ଉଚିତ । ଜଣେ ମୌଲାନାଙ୍କ କଥା ଉଦ୍ଧୃତ କରି ସେ କହିଥିଲେ, ମୁଁ ଜାଣିନାହିଁ ଯେ ସେ ଜଣେ ମୌଲାନା କି ଆଉ କିଏ, କିନ୍ତୁ ସେ କହିଥିଲେ ଯେ, ତାଙ୍କର ୧୯ ଜଣ ପିଲା ଏବଂ ଚାରି ଜଣ ସ୍ତ୍ରୀ ଅଛନ୍ତି । ଏହା ସତ୍ତ୍ୱେ ବି ୩୦ଜଣ ପିଲା ଜନ୍ମ ନକରିପାରିବାରୁ ସେ ଖୁସି ନଥିବା କହିଥିଲେ । ଏମାନେ ବହୁ ସଂଖ୍ୟକ ପିଲା ଜନ୍ମ କରି ଭାରତକୁ ପାକିସ୍ତାନରେ ପରିଣତ କରିବାକୁ ଯୋଜନା କରୁଛନ୍ତି । ତେବେ ଆମେ କାହିଁକି ଗୋଟିଏ ପିଲାରେ ସନ୍ତୁଷ୍ଟ ହେବା ? ଆମର ମଧ୍ୟ ତିନିରୁ ଚାରି ଜଣ ପିଲା ରହିବା ଉଚିତ । ନବନୀତ ରାଣାଙ୍କ ବୟାନକୁ ଏବେ ବିରୋଧ କରୁଛନ୍ତି ବିରୋଧୀ । ବିଜେପି ଉପରେ ଆକ୍ରମଣ କରୁଛନ୍ତି ବିରୋଧୀ ଦଳୟ ସାଧାରଣ ଜନତା ମଧ୍ୟ ନବନୀତ ରାଣାଙ୍କୁ ସମାଲୋଚନା କରୁଛନ୍ତି ।



# ଲୁଚିଛପି ଇରାନ କରୁଛି କ୍ଷେପଣାସ୍ତ୍ର ପରୀକ୍ଷଣ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଇସ୍ରାଏଲ ଦାବି କରିଛି ଯେ ଇରାନ କ୍ଷେପଣାସ୍ତ୍ର ପରିକ୍ଷା କରୁଛି । ହୁଏତ ଆକ୍ରମଣ ପାଇଁ ସେ ପ୍ରସ୍ତୁତ କରୁଥିବା ପାରେ ବୋଲି ଇସ୍ରାଏଲ ତରଫରୁ ପ୍ରତିକ୍ରିୟା ମିଳିଛି । ଅନ୍ୟପଟେ ଯଦି ଦେଖିବା ଇରାନ ଏହି ଦେଶଗୁଡିକ ଉପରେ ଆକ୍ରମଣ କରିବାର ସମ୍ଭାବନା ୫୦ ପ୍ରତିଶତରୁ ମଧ୍ୟ କମ ରହିଛି । ମାତ୍ର ଆମେରିକା ଓ ଇସ୍ରାଏଲ ଏହାକୁ ଅଣଦେଖା କରି କେବେ ବି ଚୁପ ରହିବେନ । ଯଦି ଇରାନ ଅଚାନକ ଆକ୍ରମଣ କରିଦିଏ, ତେବେ ଦୁଇ ଦେଶ ଏଥିରେ ବହୁ ମାତ୍ରାରେ ପ୍ରଭାବିତ ହେବେ । ବିଶେଷ କରି ଇସ୍ରାଏଲର ସେନା ଗାଜା ଉପରେ ଆକ୍ରମଣ ଚଲାଇଥିବା ବେଳେ ଯଦି ଇରାନ ଆଟାକ କରେ ତେବେ ସେମାନେ ଇସ୍ରାଏଲ ଉପରେ ଭାରୀ ପଡିବେ । ଏଣୁ ଏହା ଆଗରୁ ଦୁଇ ଦେଶ ଅର୍ଥାତ ଆମେରିକା ଓ ଇସ୍ରାଏଲ ସତର୍କ ରହିବା ଆରମ୍ଭ କରି ସାରିଛନ୍ତି । ଗୋଟିଏ ପଟେ ଇସ୍ରାଏଲ ଦାବି କରୁଛି ଯେ ଇରାନ ଆକ୍ରମଣ କରିବାର ଅନେକ ସମ୍ଭାବନା ରହିଛି । ଇସ୍ରାଏଲୀ ଏବଂ ଆମେରିକୀୟ ଅଧିକାରୀଙ୍କ ଅନୁସାରେ, ଇରାନୀ ଓଜଏଉ (ବିପ୍ଳବୀ ଗାର୍ଡ କର୍ପସ) ସମ୍ପ୍ରତି ଏକ କ୍ଷେପଣାସ୍ତ୍ର ଅଭ୍ୟାସ ଆରମ୍ଭ କରିଛି, ଯାହାକୁ ନେଇ ଇସ୍ରାଏଲ ବହୁତ ଚିନ୍ତିତ ରହୁଛି । କିଛି ଦିନ ଆଗରୁ ଟ୍ରମ୍ପ ପ୍ରଶାସନ ନିକଟରେ ଇସ୍ରାଏଲ ଦାବି କରିଥିଲା ଯେ ଇରାନ ଆକ୍ରମଣ କରିପାରେ, ଏନେଇ ସନ୍ଦେହ ବଢୁଛି , ଯାହା ପରେ ଏହି ଘଟଣାରେ କିଛି ମାତ୍ରାରେ ସତ୍ୟତା ଦେଖଇବାକୁ ମିଳିଛି । କାରଣ ଇରାନ ଏବେ ମିଳିଟାରୀ ଅଭ୍ୟାସ ସହ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ଆରମ୍ଭ କରିଦେଇଛି । ଗୋଟିଏ ପଟେ ଅନେକ ଦିନରୁ ଚାଲିଥିବା ଗାଜା ଇସ୍ରାଏଲ ଯୁଦ୍ଧରେ କିଛି ପରିବର୍ତ୍ତନ ହେଉନାହିଁ ଅର୍ଥାତ ଏବେ ବି ଗାଜା ଉପରେ ଆଟାକ ଚଲାଇଛି ଇସ୍ରାଏଲ । ଏଣୁ ବର୍ତ୍ତମାନ ପରିସ୍ଥିତିରେ ଇରାନ ଯଦି ଆକ୍ରମଣ କରେ ତେବେ ଇସ୍ରାଏଲ ଉପରେ ମଧ୍ୟ ଭାରୀ ପଡିବ ଅନ୍ୟପଟେ ଯଦି ଦେଖିବା ଇରାନ ଗାଜା ଦେଶର ସମର୍ଥନରେ ଥିବାରୁ ଆରମ୍ଭରୁ ସେ ଇସ୍ରାଏଲକୁ ବିରୋଧ କରି ଆସୁଥିଲା ।

# ଭାରତୀୟଙ୍କ ଉପରେ ଭାରି ପଡ଼ିବ ଟ୍ରମ୍ପ ସରକାରଙ୍କ ନୂଆ ନିୟମ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଟ୍ରମ୍ପ ପ୍ରଶାସନ ଅଧୀନରେ ଥିବା ଆମେରିକାର H-1B ଭିସା କାର୍ଯ୍ୟକ୍ରମରେ ଏକ ବ୍ୟାପକ ପରିବର୍ତ୍ତନ ହୋଇଛି । ଯାହା ଆମେରିକାରେ କାମ କରିବାକୁ ଇଚ୍ଛା ରଖିଥିବା ଭାରତୀୟଙ୍କୁ ବିଶେଷ ପ୍ରଭାବିତ କରିବ । ଦୀର୍ଘଦିନ ଧରି ଚାଲିଥିବା ଅନିୟମିତ ଲଟେରୀ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି, ଯାହା ଉଚ୍ଚ-ଦକ୍ଷତା ଏବଂ ଅଧିକ ଦରମା ପାଇଥିବା ଆବେଦନକାରୀଙ୍କୁ ପ୍ରାଥମିକତା ଦିଏ । ଗୃହ ସୁରକ୍ଷା ବିଭାଗ ଦ୍ୱାରା ଘୋଷଣା ହୋଇଥିବା ସଂଶୋଧିତ ନିୟମାବଳୀ ଅନୁଯାୟୀ, ଆମେରିକା H-1B ଭିସା ହିତାଧିକାରୀଙ୍କୁ ଚୟନ କରିବା ପାଇଁ ବ୍ୟବହୃତ ଦଶନ୍ଧି ପୁରୁଣା ଅନିୟମିତ ଲଟେରୀକୁ ବାତିଲ କରିବ ଏବଂ ଏହାକୁ ଏକ ନୂଆ ଚୟନ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବ । ନୂଆ ମଡେଲ୍ ଉଚ୍ଚ ଦକ୍ଷତା ସ୍ତର ଏବଂ ଅଧିକ ଦରମା ଥିବା ଆବେଦନକାରୀଙ୍କୁ ପ୍ରାଥମିକତା ଦେବ, ଯାହା ସେମାନଙ୍କୁ ପ୍ରତିବର୍ଷ ଉପଲବ୍ଧ ସୀମିତ H-1B ଭିସା ମଧ୍ୟରୁ ଗୋଟିଏ ଭିସା ପାଇବାର ଏକ ଭଲ ସୁଯୋଗ ଦେବ । ଏହି ନିୟମ ୨୭ ଫେବୃଆରୀ, ୨୦୨୬ରେ କାର୍ଯ୍ୟକାରୀ ହେବ । ସମସ୍ତ ଦରମା ସ୍ତରରେ ଭିସା ଉପଲବ୍ଧ ରହିବ, କିନ୍ତୁ ଆମେରିକାର ନାଗରିକତା ଏବଂ ଇମିଗ୍ରେସନ ସେବା କହିଛି ଯେ, ଭଲ ଦରମା ପାଇଥିବା ଏବଂ ଅଧିକ ବିଶେଷଜ୍ଞ ବିଦେଶୀ କର୍ମଚାରୀଙ୍କ ପାଇଁ ଆବେଦନ ଦାଖଲ କରୁଥିବା ନିଯୁକ୍ତିଦାତାମାନଙ୍କ ପାଇଁ ଚୟନର ସମ୍ଭାବନା ବଢ଼ିଯିବ । ଆମେରିକା ପ୍ରଶାସନର ତଥ୍ୟ ଅନୁଯାୟୀ, ଭାରତୀୟ ନାଗରିକମାନେ H-1B କାର୍ଯ୍ୟକ୍ରମର ମେରୁଦଣ୍ଡ, ଯାହା ବାର୍ଷିକ ଜାରି ହେଉଥିବା ସମସ୍ତ ଭିସାର ୭୦%ରୁ ଅଧିକ । ପ୍ରାୟ ୩ ଲକ୍ଷ ଭାରତୀୟ ବୃତ୍ତିଗତ, ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ସେବା କ୍ଷେତ୍ରରେ ବର୍ତ୍ତମାନ ଆମେରିକାରେ H-1B ଭିସାରେ କାର୍ଯ୍ୟ କରୁଛନ୍ତି । ନୂତନ ବ୍ୟବସ୍ଥା ଅନୁଯାୟୀ, ବଡ଼ ଟେକ୍ନୋଲୋଜି ଫାର୍ମଗୁଡ଼ିକରେ ନିଯୁକ୍ତି ପାଇଥିବା ଏବଂ ଉଚ୍ଚସ୍ତରୀୟ ଦରମା ପାଉଥିବା ଭାରତୀୟ କର୍ମଚାରୀମାନେ ଆମେରିକା ଯିବା ପାଇଁ ବାଟ ଖୋଜିପାରନ୍ତି । H-1B ଇକୋସିଷ୍ଟମର ବ୍ୟାପକ କଡ଼ାକଡ଼ି ମଧ୍ୟରେ ଏହି ନିୟମ ପରିବର୍ତ୍ତନ ଆସିଛି । ଟ୍ରମ୍ପ ପ୍ରଶାସନ ପୂର୍ବରୁ ନୂତନ H-1B ଭିସା ଆବେଦନ ଉପରେ ଅତିରିକ୍ତ ୧ ଲକ୍ଷ ଡଲାର ଶୁଳ୍କ ଲାଗୁ କରିସାରିଛି, ଯାହା ଶିଳ୍ପ ବିଶେଷଜ୍ଞଙ୍କ ମତରେ ଭାରତର ୨୪୫ ବିଲିୟନ ଡଲାର ଆଇଟି କ୍ଷେତ୍ର ପାଇଁ ଘାତକ ସାଜିବ । ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଏହି ଖର୍ଚ୍ଚ ବହନ କରିପାରନ୍ତି, ଛୋଟ ଫାର୍ମଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଏଥିରୁ ବାଦ୍ ପଡ଼ିପାରନ୍ତି । ଏହି ଚାପକୁ ଆହୁରି ବୃଦ୍ଧି କରି, ଆମେରିକାର ବୈଦେଶିକ ବିଭାଗ ଡିସେମ୍ବର ୧୫ ତାରିଖରୁ ସମସ୍ତ H-1B ଏବଂ ନିର୍ଭରଶୀଳ H-4 ଆବେଦନକାରୀଙ୍କ ପାଇଁ ସୋସିଆଲ ମିଡିଆ ସ୍କ୍ରିନିଂକୁ ବିସ୍ତାର କରିଛି । ଆମେରିକାର ଏହି ନୂଆ ନିୟମ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ କାନାଡ଼ା କିମ୍ବା ୟୁରୋପ ପରି ବିକଳ୍ପ ଅନୁସନ୍ଧାନ ବାଛିବାକୁ ପ୍ରେରଣା ଦେଇପାରେ ।




# ୩ ଲକ୍ଷ ଅତିକ୍ରମ କରିବ ସୁନା ଦର !

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ସୁନା ମୂଲ୍ୟ ପୂର୍ବାନୁମାନ ଆମେରିକୀୟ ଅର୍ଥନୀତିଜ୍ଞ ଏବଂ ପ୍ରସିଦ୍ଧ ବଜାର ରଣନୀତିଜ୍ଞ ଏଡ୍ ୟାରଡେନିଙ୍କ ଏକ ବିବୃତ୍ତି ବଜାରରେ ହଇଚଇ ସୃଷ୍ଟି କରିଛି । ସେ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିପାରେ, ଯାହା ଭାରତୀୟ ବଜାରରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୩ ଲକ୍ଷ ଅତିକ୍ରମ କରିପାରେ । ୟାରଡେନି ରିସର୍ଚ୍ଚର ଅଧ୍ୟକ୍ଷ ୟାରଡେନି ଭବିଷ୍ୟବାଣୀ କରିଛନ୍ତି ଯେ ୨୦୨୯ ସୁଦ୍ଧା ସୁନା ଆଉନ୍ସ ପ୍ରତି ୧୦,୦୦୦ ପହଞ୍ଚିପାରେ । ଏହି ପୂର୍ବାନୁମାନ ତାଙ୍କର ଦୀର୍ଘକାଳୀନ 'ରୋରିଂ ୨୦୨୦' ଦୃଷ୍ଟିକୋଣର ଏକ ଅଂଶ, ଯେଉଁଥିରେ ସେ ପ୍ରମୁଖ ଆମେରିକୀୟ ଷ୍ଟକ୍ ମାର୍କେଟ ସୂଚକାଙ୍କ SP ୫୦୦ ପାଇଁ ଏକ ଦୃଢ଼ ରାଲିର ମଧ୍ୟ ପୂର୍ବାନୁମାନ କରିଛନ୍ତି । ଆନ୍ତର୍ଜାତୀୟ ବଜାରରେ, ନ୍ୟୁୟର୍କ-ଭିତ୍ତିକ COMEX ରେ ସୁନାର ମୂଲ୍ୟ ବର୍ତ୍ତମାନ ପ୍ରତି ଆଉନ୍ସ ୪,୫୧୪ପ୍ରାୟ । MCX ରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପ୍ରାୟ ୧,୩୮,୫୦୦ । ଯଦି ସୁନାର ମୂଲ୍ୟ ବର୍ତ୍ତମାନ ପ୍ରତି ଆଉନ୍ସ ୪,୫୧୦ ରୁ ୧୦,୦୦୦ କୁ ବୃଦ୍ଧି ପାଏ, ତେବେ ଏହା ପ୍ରାୟ ୧୨୭% ବୃଦ୍ଧି ହେବ । ସେହିପରି, ଭାରତୀୟ ବଜାରରେ MCX ରେ ପ୍ରତି୧୦ ଗ୍ରାମ ପ୍ରାୟ ୧୩୮,୫୦୦ ର ବର୍ତ୍ତମାନର ମୂଲ୍ୟ ୨୦୨୯ ସୁଦ୍ଧା ପ୍ରାୟ ୩.୦୮ ଲକ୍ଷକୁ ବୃଦ୍ଧି ପାଇପାରେ । ଏଡ୍ ୟାର୍ଡେନି କୁହନ୍ତି ଯେ ସୁନା ନିବେଶ ପୋର୍ଟଫୋଲିଓରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ଇତିହାସ ଦର୍ଶାଏ ଯେ ଯେତେବେଳେ ସୁନା ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଖିଛି, ଏହା ନିବେଶକଙ୍କ ଆଶାଠାରୁ ବହୁତ ଉଚ୍ଚତାରେ ପହଞ୍ଚିଛି । ତାଙ୍କ ଅନୁସାରେ, ସୁନା ଏବଂ ଇକ୍ୱିଟି ପ୍ରାୟତଃ ଦୀର୍ଘକାଳୀନ ଭାବରେ ସମାନ ଦିଗରେ ଗତି କରେ, ଏହାକୁ କେବଳ ସଙ୍କଟ ପାଇଁ ନୁହେଁ ବରଂ ଦୀର୍ଘକାଳୀନ ନିବେଶ ପାଇଁ ମଧ୍ୟ ଏକ ଦୃଢ଼ ବିକଳ୍ପ କରିଥାଏ । ୟାର୍ଡେନି ମଧ୍ୟ ଆମେରିକାର ଷ୍ଟକ୍ ବଜାର ବିଷୟରେ ସକାରାତ୍ମକ । ସେ ଆଶା କରୁଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା SP ୫୦୦ ସୂଚକାଙ୍କ ୭,୭୦୦ ରେ ପହଞ୍ଚିବ । ସେ କହିଛନ୍ତି ଯେ ଲଗାତାର ତୃତୀୟ ବର୍ଷ ପାଇଁ ଦୁଇ ଅଙ୍କ ରିଟର୍ଣ୍ଣ ସମ୍ଭବ, ଯେତେବେଳେ ଏପରି ପ୍ରଦର୍ଶନର ଚତୁର୍ଥ ବର୍ଷ ସମ୍ପୂର୍ଣ୍ଣ ଅସମ୍ଭବ ନୁହେଁ । ୟାର୍ଡେନି ବିଶ୍ୱାସ କରନ୍ତି ଯେ ୨୦୨୫ଏକ ଦୃଢ଼ ରାଲି ପରେ ଏକୀକରଣର ବର୍ଷ ହୋଇପାରେ, କିନ୍ତୁ ୨୦୨୬ ରେ ନୂତନ ସୁଯୋଗ ସୃଷ୍ଟି ହୋଇପାରେ ।

# ଦିଲ୍ଲୀରେ ୩ଦିନ ରହିଲେ ଆଲର୍ଜି ହୋଇଯାଉଛି

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଦିଲ୍ଲୀ ପ୍ରଦୂଷଣକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି । ଦିଲ୍ଲୀର ବାୟୁ ଲୋକଙ୍କ ପାଇଁ ରୋଗର ଗନ୍ତାଘର ପାଲଟିଗଲାଣି । ଏମଧ୍ୟରେ ଦିଲ୍ଲୀରେ ୩ଦିନ ରହିଲେ ଆଲର୍ଜି ହୋଇଯାଉଛି ବୋଲି କହିଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ । ଏକ କାର୍ଯ୍ୟକ୍ରମରେ ସେ ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପ୍ରସଙ୍ଗ ଉଠାଇବା ବେଳେ ଏଭଳି କହିଥିଲେ । ସେ କହିଥିଲେ, ମୁଁ ଏଠାରେ ତିନି ଦିନ ପାଇଁ ରହୁଛି ଏବଂ ସହରର ପ୍ରଦୂଷଣ ପାଇଁ ୩ଦିନରେ ହିଁ ମୋର ଆଲର୍ଜି ହୋଇଯାଉଛି । ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଥିବା ପ୍ରଦୂଷଣ ପାଇଁ ପରିବହନର ୪୦ପ୍ରତିଶତ ଅବଦାନ ରହିଛି । ମୁଁ ପରିବହନ ମନ୍ତ୍ରୀ, ଏବଂ ୪୦ ପ୍ରତିଶତ ପ୍ରଦୂଷଣ ପରିବହନ ଦ୍ୱାରା ହୁଏ । ଏଭଳି କହି ଗଡକରୀ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ପ୍ରଦୂଷଣକୁ ଯଥେଷ୍ଟ ହ୍ରାସ କରିପାରୁଥିବା ବିକଳ୍ପ ଗ୍ରହଣ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଗଡକରୀ ପଚାରିଥିଲେ ଯେ, ଏହା କି ପ୍ରକାରର ରାଷ୍ଟ୍ରବାଦ ? ଜୀବାଶ୍ମ ଇନ୍ଧନ ସୀମିତ, ଏବଂ ପ୍ରଦୂଷଣ ବଢୁଛି ।ଆମେ କ'ଣ ଆମର ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିପାରିବା ନାହିଁ ? ଭାରତ ବାର୍ଷିକ ପ୍ରାୟ ୨.୨ ନିୟୁତ ଟଙ୍କା ଜୀବାଶ୍ମ ଇନ୍ଧନ ପାଇଁ ଖର୍ଚ୍ଚ କରେ । ଆମେ କାହିଁକି ବୈଦ୍ୟୁତିକ ଯାନବାହନ ଏବଂ ହାଇଡ୍ରୋଜେନ ଚାଳିତ ଯାନବାହନକୁ ପ୍ରୋତ୍ସାହିତ କରୁନାହେଁ, ଯାହାଦ୍ୱାରା ପ୍ରଦୂଷଣ ହୁଏ ନାହିଁ । କେନ୍ଦ୍ରମନ୍ତ୍ରୀ ପରିବେଶ ଅନୁକୂଳ ଫ୍ଲେକ୍ସ-ଫୁଏଲ ଯାନଗୁଡ଼ିକ ବିଷୟରେ ମଧ୍ୟ କହିଥିଲେ, ଯାହା ସମ୍ପୂର୍ଣ୍ଣ ଭାବରେ ଇଥାନଲରେ ଚାଲିଥାଏ । ପ୍ରଦୂଷଣ ହ୍ରାସ କରିବା ଓ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଫ୍ଲେକ୍ସ-ଫୁଏଲ ଗାଡ଼ିବ୍ୟବହାର କରାଯାଇପାରିବ । ଦିଲ୍ଲୀର ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଥିବା ବେଳେ ନୀତୀନ ଏଭଳି ମତ ରଖିଛନ୍ତି ।

# ୨୦ବର୍ଷ ପରେ ଏକାଠି ହେଲେ ଉଦ୍ଧବ-ରାଜ୍ ଠାକରେ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ୨୦ବର୍ଷ ପରେ ହାତ ମିଳାଇଲେ ଠାକରେ ବ୍ରଦର୍ସ । ବାଲାସାହେବ ଠାକରେଙ୍କ ଶିବସେନା ମହାରାଷ୍ଟ୍ରରେ ପୁଣି ଥରେ ଶକ୍ତିଶାଳୀ ହେଉଥିବା ଦେଖାଯାଉଛି । ତାଙ୍କ ପୁଅ ଉଦ୍ଧବ ଠାକରେ ଏବଂ ପୁତୁରା ରାଜ ଠାକରେ ପ୍ରାୟ ୨୦ବର୍ଷ ପରେ ପୁନର୍ବାର ଏକାଠି ହୋଇଛନ୍ତି । ୨୦୨୬ ବିଏମସି ନିର୍ବାଚନ ପୂର୍ବରୁ, ଶିବସେନା ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା ମେଣ୍ଟ ଘୋଷଣା କରିଛନ୍ତି । ଉଭୟ ଦଳର ନେତା ଏବଂ କର୍ମୀମାନେ ଦୀର୍ଘ ସମୟ ଧରି ଏହାକୁ ଅପେକ୍ଷା କରିଆସୁଥିଲେ । ଏବେ ମେଣ୍ଟ ଘୋଷଣା ପରେ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଉଦ୍ଧବ ଠାକରେ ଏବଂ ରାଜ ଠାକରେ ଶିବତୀର୍ଥରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ମେଣ୍ଟ ଘୋଷଣା କରିଛନ୍ତି । ଏହା ଏକ ଐତିହାସିକ ଅଧ୍ୟାୟର ଆରମ୍ଭ ବୋଲି ଉଭୟ ଦଳର ନେତାମାନେ ବିଶ୍ୱାସ କରୁଛନ୍ତି । ମେଣ୍ଟ ଘୋଷଣା ପରେ ଖୁସି ବ୍ୟକ୍ତ କରି UBT ସାଂସଦ ସଞ୍ଜୟ ରାଉତ ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଆଜି ମରାଠୀ ଲୋକଙ୍କ ପାଇଁ ଏକ ଶୁଭ ଦିନ । ମୁଁ ସେହି ଦିନକୁ ମନେ ରଖିଛି ଯେତେବେଳେ ସଂଯୁକ୍ତ ମହାରାଷ୍ଟ୍ରର ଶୁଭ କଳସ ଆସିଥିଲା । ଆଜି ମଧ୍ୟ, ରାଜ ଏବଂ ଉଦ୍ଧବ ମରାଠୀ ଲୋକଙ୍କ ପାଇଁ ଶୁଭ କଳସ ଆଣୁଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମେଣ୍ଟ ଘୋଷଣା ସମୟରେ ଏକ ପୋଷ୍ଟର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ପୋଷ୍ଟରରେ ନା ଥିଲେ ଉଦ୍ଧବ ଠାକରେ କିମ୍ବା ନା ଥିଲେ ରାଜ ଠାକରେ । କେବଳ ବାଲାସାହେବ ଠାକରେଙ୍କ ଫଟୋ ଦଳୀୟ ଚିହ୍ନ ସହିତ ପୋଷ୍ଟରରେ ରଖାଯାଇଥିଲା । ମେଣ୍ଟ ଘୋଷଣା କରି ଉଦ୍ଧବ ଠାକରେ କହିଥିଲେ, କେବଳ ଠାକରେ ମହାରାଷ୍ଟ୍ରର ନେତୃତ୍ୱ ନେଇପାରିବେ । ୧୦୭ ଜଣ ସହିଦ ହେବା ପରେ ଆମେ ମହାରାଷ୍ଟ୍ର ପାଇଥିଲୁ । ସେତେବେଳେ ଆମର ଜେଜେବାପା ସେହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ମୋ ବାପା ଏବଂ ରାଜ ଠାକରେଙ୍କ ବାପା ମଧ୍ୟ ଏହି ଆନ୍ଦୋଳନରେ ସାମିଲ ଥିଲେ । ମହାରାଷ୍ଟ୍ର ମିଳିବାର ବର୍ଷ ବର୍ଷ ପରେ, ମରାଠୀ ଲୋକଙ୍କ ଅଧିକାରକୁ ରକ୍ଷା କରିବା ପାଇଁ ଶିବସେନା ପ୍ରତିଷ୍ଠିତ ହୋଇଥିଲା । ଯେଉଁମାନେ ମୂଳତଃ ମହାରାଷ୍ଟ୍ର ଚାହୁଁଥିଲେ ସେମାନେ ଏବେ ନୂତନ ପ୍ରୟାସ ଆରମ୍ଭ କରୁଛନ୍ତି । ଆମେ ଦିଲ୍ଲୀରେ ବସିଥିବା ଦୁଇ ଜଣଙ୍କୁ ରୋକିବାକୁ ଆସିଛୁ । ଆମେ ଏକାଠି ରହିବା ପାଇଁ ଏକାଠି ହୋଇଛୁ । ଆମର ଚିନ୍ତାଧାରା ସମାନ ।



## ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଇଁ ଆମାଜନ ବଜାରରୁ ସୁଲଭ ମୂଲ୍ୟରେ କିଣନ୍ତୁ ଉତ୍ସବ ସାମଗ୍ରୀ

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ସାରା ଭାରତରେ ଗ୍ରାହକମାନେ ଖ୍ରୀଷ୍ଟମାସ ଏବଂ ନୂଆ ବର୍ଷ ଉତ୍ସବ ପାଇଁ କିଣାକିଣି କରୁଛନ୍ତି। ତେଣୁ ଏଭଳି ସମୟରେ ଆମାଜନ୍ ବଜାର ହେଉଛି ଅତ୍ୟନ୍ତ ସୁଲଭ ଉତ୍ସବ ଆବଶ୍ୟକତା ପାଇଁ ଆପଣଙ୍କର ସର୍ବୋତମ ଗନ୍ତବ୍ୟସ୍ଥଳ। ଏଠାରେ ଅତ୍ୟାବଶ୍ୟକୀୟ ଉପହାର ଠାରୁ ଆରମ୍ଭ କରି ଘର ସାଜସଜ୍ଜା, ପାର୍ଟି ପୋଷାକ ଠାରୁ ଆରମ୍ଭ କରି ଆବଶ୍ୟକୀୟ ଆସେସୋରିଜ୍ ପର୍ଯ୍ୟନ୍ତ, ୨ କୋଟିରୁ ଅଧିକ ଉତ୍ପାଦରେ ଉତ୍କୃଷ୍ଟ ମୂଲ୍ୟ ପାଇପାରିବେ। ଏହି ଛୁଟିଦିନ ଋତୁରେ ଆମାଜନ୍ ବଜାର ରେ ସବୁଠାରୁ ପସନ୍ଦର କିଛି ଉତ୍ପାଦ ଗୁଡ଼ିକ ମଧ୍ୟରେ ଖ୍ରୀଷ୍ଟମାସ କଫିମଗକୁ ୧୮୮ଟଙ୍କାରେ, ବିଚ ଥିମଡ ପର୍ଲ ସେଲ ଲ୍ୟାମ୍ପକୁ ମାତ୍ର ୧୭୦ଟଙ୍କା, ଟେବଲଟପ ପାଇଁ ଛୋଟ ଖ୍ରୀଷ୍ଟମାସ ଗଛକୁ ମାତ୍ର ୧୪୭ଟଙ୍କା, ମେରୀଖ୍ରୀଷ୍ଟମାସ ଉଡ଼ନ୍ ଟିକୋଷ୍ଟରକୁ ମାତ୍ର ୧୯୯ ଟଙ୍କାରେ, ଏଲଇଡି ସ୍ନୋଫ୍ଲେକ ଫେରି ଷ୍ଟ୍ରିଙ୍ଗ ଲାଇଟକୁ ୧୫୯ ଟଙ୍କାରେ, ଆର୍ଟିଫିସିଆଲ୍ ଖ୍ରୀଷ୍ଟମାସ ରେଥ୍ ଗାର୍ଲାଣ୍ଡକୁ ୧୯୯ ଟଙ୍କାରେ ଏବଂ ଟିଲାଇଟ ଡିଜାଇନର କ୍ୟାଣ୍ଡେଲ ହୋଲ୍ଡରକୁ ମାତ୍ର ଟ.୧୯୯ ରେ ପାଇପାରିବେ।

## ଓଲା ପକ୍ଷରୁ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି ସହ ହାଇପରସର୍ଭିସ ସେଣ୍ଟରର ଶୁଭାରମ୍ଭ

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ଓଲା ପକ୍ଷରୁ ଯୋଗ୍ୟ ଗ୍ରାହକଙ୍କୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଂଟି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଥିବା ଡେଡିକେଟେଡ ହାଇପରସର୍ଭିସ ସେଂଟରର ଶୁଭାରମ୍ଭ କରାଯାଇଛି। ଏଥି ସହିତ ଏହାର ହାଇପରସର୍ଭିସ ଅଭିଯାନର ସମ୍ପ୍ରସାରଣ ମଧ୍ୟ କରାଯାଇଛି। ଏହି ସମ୍ପ୍ରସାରଣର ଅଂଶ ଭାବେ ଓଲା ନିଜର ବର୍ତମାନର ସର୍ଭିସ ସେଂଟରଗୁଡିକୁ ହାଇପରସର୍ଭିସ ସେଂଟରରେ ଅପଗ୍ରେଡ କରିବ, ଯାହା ବେଙ୍ଗାଲୁରୁରୁ ଆରମ୍ଭ ହୋଇଛି। ଓଲାର ପ୍ରଥମ ହାଇପରସର୍ଭିସ ସେଂଟର ଏବେ ବେଙ୍ଗାଲୁରୁର ଇନ୍ଦିରାନଗରଠାରେ ପରିଚାଳନାକ୍ଷମ ରହିଛି। ଗ୍ରାହକମାନେ ଏବେ କୌଣସି ଅତିରିକ୍ତ ମୂଲ୍ୟ ପଇଠ ନକରି ସମାନ ଦିନରେ ନିଜ ଯାନର ସର୍ଭିସ କରାଇପାରିବେ, ଏଥିସହିତ ଏକ ସମ୍ପୂର୍ଣ୍ଣ ଡିଜିଟାଲ ଓ ସ୍ୱଚ୍ଛ ସେବାର ଅନୁଭୂତି ପାଇପାରିବେ।

ଏହି ଅବସରରେ ଓଲା ଇଲେକ୍ଟ୍ରିକର ପ୍ରବକ୍ତା କହିଛନ୍ତି, 'ବର୍ତମାନ ଜାରି ରହିଥିବା ସର୍ଭିସ ଅପଗ୍ରେଡର ଅଂଶ ଭାବେ ଆମେ ସେବା ଅନୁଭୂତିର ଅନେକ ମୌଳିକ ଦିଗଗୁଡିକୁ ପୁନଃପରିକଳ୍ପନା କରିଛୁ। ହାଇପରସର୍ଭିସ ସେଂଟରଗୁଡିକ ସହିତ ଆମେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛୁ ଯାହାକି ହେଉଛି ଯେକୌଣସି ଗ୍ରାହକଙ୍କ ପାଇଁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଂଟି। ଏହା ବାଧା ଦୂର କରିବ ଏବଂ ପ୍ରତ୍ୟେକ ଓଲା ଗ୍ରାହକଙ୍କୁ ଏକ ଦ୍ରୁତ,



ସରଳ ଓ ଅଧିକ ସ୍ୱଚ୍ଛ ସେବା ଅନୁଭୂତି ଦେବା ପାଇଁ ଟେକ୍ନୋଲୋଜିର ବ୍ୟବହାର, ପ୍ରକ୍ରିୟାର ପୁନଃନିର୍ମାଣ ଓ ବ୍ୟାପକତା ସମ୍ପର୍କିତ ଅଟେ। ହାଇପରସର୍ଭିସ ସେଂଟରଗୁଡିକରେ ଏକ ଡେଡିକେଟେଡ କଷ୍ଟମର ଲାଉ, ମାଗଣା ୱାଇଫାଇ ଏବଂ ଚେକ୍-ଇନଠାରୁ ଆରମ୍ଭକରି ଡେଲିଭରି ପର୍ଯ୍ୟନ୍ତ ସର୍ଭିସିଂର ପ୍ରତ୍ୟେକ ପର୍ଯ୍ୟାୟରେ ରିଅଲ-ଟାଇମ ଡିଜିଟାଲ ଦୃଶ୍ୟମାନତା ଆଦି ସାମିଲ ରହିଛି। ଯାହାକି ବେଗ, ସ୍ୱଷ୍ଟତା ଓ ବିଶ୍ୱାସ ସୁନିଶ୍ଚିତ କରିଥାଏ। ବେଙ୍ଗାଲୁରୁରେ ଶୁଭାରମ୍ଭ ପରେ ଓଲା ଆଗାମୀ ସପ୍ତାହ ଗୁଡିକରେ ଦ୍ରୁତ ବେଗରେ ଭାରତବ୍ୟାପୀ କମ୍ପାନୀର ନିର୍ଦ୍ଦିଷ୍ଟ ସର୍ଭିସ ସେଂଟର ଗୁଡିକୁ ହାଇପରସର୍ଭିସ ସେଂଟରରେ ଅପଗ୍ରେଡ କରିବା ପାଇଁ ଯୋଜନା ରଖିଛି ଏବଂ ଦେଶବ୍ୟାପୀ ଏହାର ସେବା ଭିତିଭୂମିକୁ ଅପଗ୍ରେଡ କରିବ।

କମ୍ପାନୀ ପକ୍ଷରୁ ନିକଟରେ ହାଇପରସର୍ଭିସକୁ ଏକ ଓପନ ପ୍ଲାଟଫର୍ମରେ ବିସ୍ତାର କରିବା ସମ୍ପର୍କରେ ଘୋଷଣା କରାଯାଇଥିଲା, ଯାହା ଓଲାର ପ୍ରକୃତ ମୂଳ ପାର୍ଟସ, ଡାଇଗ୍ନୋଷ୍ଟିକ ଟୁଲ ଓ ସର୍ଭିସ ଟ୍ରେନିଂ ମଡ୍ୟୁଲଗୁଡିକୁ କେବଳ ଏହାର ଗ୍ରାହକଙ୍କ ପାଇଁ ନୁହେଁ ବରଂ ଦେଶବ୍ୟାପୀ ସ୍ୱାଧୀନ ଗ୍ୟାରେଜ, ମେକାନିକ ଓ ଫ୍ଲିଟ ଅପରେଟରଙ୍କ ପାଇଁ ଉପଲବ୍ଧ କରିଛି। ଏହି ଅଭିଯାନର ଅଂଶ ଭାବେ ଓଲାର ସ୍ପେୟାର ପାର୍ଟଗୁଡିକୁ ସିଧାସଳଖ ଓଲା ଇଲେକ୍ଟ୍ରିକ କଷ୍ଟମର ଆପ୍ ଓ ୱେବସାଇଟ ମାଧ୍ୟମରେ କ୍ରୟ କରାଯାଇପାରିବ, ଯାହା ପ୍ରତ୍ୟେକ ଗ୍ରାହକ ଓ ଗ୍ୟାରେଜକୁ ବିନା କୌଣସି ମଧ୍ୟସ୍ଥିରେ ଉଚ୍ଚମାନର, ସାର୍ଟିଫାଏଡ କମ୍ପୋନେଂଟ ପାଇବା ପାଇଁ ଅନୁମତି ଦେଉଛି। ଏହାବ୍ୟତୀତ କମ୍ପାନୀ ପକ୍ଷରୁ ଭାରତବ୍ୟାପୀ ଏହାର ଇନ୍-ଆପ ସର୍ଭିସ ଆପଏଂଟମେଂଟ ଫିଚରର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।

## ଓୟୋ ସମ୍ପତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ପୁରୀ, ୨୪।୧୨ (ନି.ପ୍ର) : ଓୟୋ ସମ୍ପତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଧୋଲପଣ୍ଡାଠାରେ ସମ୍ପତିକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଓୟୋ ହୋଟେଲ୍ସ ଦିଲ୍ଲୀ ହାଇକୋର୍ଟଙ୍କଠାରୁ ଏକ ପ୍ରତିବନ୍ଧକ ଆଦେଶ ହାସଲ କରିଛି। ମାନ୍ୟବର ହାଇକୋର୍ଟ ପରିଚାଳକ ମାନସ ରଂଜନ ଜେନାଙ୍କୁ ଓୟୋର ଉକ୍ତ ସମ୍ପତିରେ ଚାଲିଥିବା ପରିଚାଳନା ଓ କାର୍ଯ୍ୟରେ ବାଧା ସୃଷ୍ଟି ନକରିବା ଓ ହସ୍ତକ୍ଷେପ ନକରିବା ପାଇଁ ଆଦେଶ ଦେଇଛନ୍ତି। ଏଥିସହିତ ଦିଲ୍ଲୀ ହାଇକୋର୍ଟ ଓୟୋର ଟିମ୍ ଓ ପ୍ରତିନିଧିମାନଙ୍କୁ ବିନା କୌଣସି ବାଧାରେ ଉକ୍ତ ସମ୍ପତିରେ ମୁକ୍ତ ଭାବେ ପ୍ରବେଶ ଓ ପ୍ରସ୍ଥାନ କରିବା ପାଇଁ ଅନୁମତି ଦିଆଯିବା ଉଚିତ ବୋଲି ଆଦେଶ ଦେଇଛନ୍ତି। ଶୁଣାଣି ସମୟରେ ହାଇକୋର୍ଟ ଅନୁଭବ କରିଥିଲେ ଯେ, ଓୟୋ ଦ୍ୱାରା ଟର୍ମିନେଶନ ସତ୍ୱେ ହୋଟେଲ ପରିଚାଳକ ଉକ୍ତ ସମ୍ପତିକୁ ଖାଲି କରିବାରେ ବିଫଳ ହୋଇ ପରିଚାଳନା ଚୁକ୍ତିର ସର୍ତଗୁଡିକୁ ଉଲ୍ଲଂଘନ କରିଛନ୍ତି। ଏହାପୂର୍ବରୁ ଓୟୋ ମାନସଙ୍କ ବିରୋଧରେ ଓୟୋ କର୍ମଚାରୀଙ୍କୁ ଅସଦାଚରଣ କରିବା ଓ ଧମକ ଦେବା ପାଇଁ ପୁରୀର ବଳିଆପଣ୍ଡା ପୋଲିସ ଷ୍ଟେସନରେ ଏକ ଏଫଆଇଆର ଦାୟର କରିଥିଲା। ଓୟୋର ନୋଡାଲ ଅଫିସର ମଧୁସୁଦନ ନାୟକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ଅଭିଯୋଗ, ଗତ ଡିସେମ୍ବର ୯ ତାରିଖ ୨୦୨୫ରେ ପୁରୀର ବଳିଆପଣ୍ଡାସ୍ଥିତ ସିପସରୁବାଲିଠାରେ ଅବସ୍ଥିତ ହୋଟେଲ ବିବି ପ୍ୟାଲେସରେ ଘଟିଥିବା ଘଟଣା ସହ ଜଡିତ।

## ପାୱାରଅପ୍ ମନି ସିରିଜ୍ ଏ ପାଣ୍ଠିରେ ୧୨ ନିୟୁତ ଡଲାର ସଂଗ୍ରହ

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ଏକ ମ୍ୟୁଚୁଆଲ୍ ଫଣ୍ଡ ପରାମର୍ଶଦାତା ୱେଲ୍ଥଟେକ୍ ପ୍ଲାଟଫର୍ମ, ପାୱାରଅପ୍ ମନି ଏହା ପିକ୍ ଏକ୍ସଭି ନେତୃତ୍ୱରେ ସିରିଜ୍ ଏ ପାଣ୍ଠିରେ ୧୨ ନିୟୁତ ଡଲାର ସଂଗ୍ରହ କରିଛି। ଯାହାର ପରିଣାମସ୍ୱରୂପ, ବିଦ୍ୟମାନ ନିବେଶକମାନେ ଆସେଲ୍, ବ୍ଲୁମ୍ ଭେଂଚର୍ସ ଏବଂ କାଇ କ୍ୟାପିଟାଲ୍, ସେମାନଙ୍କର ପୂର୍ବ ପ୍ରତିଶ୍ରୁତିକୁ ଦ୍ୱିଗୁଣିତ କରିଛି। ଏହି ରାଉଣ୍ଡରେ ୮ଆଇ ଭେଂଚର୍ସ ଏବଂ ଡେଭିସି ରୁ ମଧ୍ୟ ନିରନ୍ତର ସମର୍ଥନ ମିଳିଛି ଏବଂ କମ୍ପାନୀ ୭.୨ ନିୟୁତ ଡଲାର ସିଡ୍ ପାଣ୍ଠି ସଂଗ୍ରହ କରିବାର ମାତ୍ର ଛଅ ମାସ ପରେ ଏହା ହାସଲ କରିଛି। ୨୦୨୪ ମସିହାରେ ପ୍ରତୀକ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ, ପାୱାରଅପ୍ ମନି ଏକ ଗବେଷଣା-ନେତୃତ୍ୱାଧୀନ, ଶୂନ୍ୟ-କମିସନ୍ ମ୍ୟୁଚୁଆଲ୍ ଫଣ୍ଡ ପରାମର୍ଶଦାତା ପ୍ଲାଟଫର୍ମ ନିର୍ମାଣ କରୁଛି ଯାହା ଦ୍ୱାରା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ପାରମ୍ପରିକ ଖର୍ଚ୍ଚର ଏକ ଅଂଶରେ ଉଚ୍ଚ-ଗୁଣବତା, ନିରପେକ୍ଷ ନିବେଶ ପରାମର୍ଶ ଉପଲବ୍ଧ ହୋଇପାରିବ। ଏକ ସେବି-ପିକୃତ ନିବେଶ ପରାମର୍ଶଦାତା (ଆରଆଇଏ) ଭାବରେ, ପ୍ଲାଟଫର୍ମ ନିଶ୍ଚିତ କରେ ଯେ ସୁପାରିଶଗୁଡ଼ିକ ନିବେଶକଙ୍କ ଦୀର୍ଘକାଳୀନ ସମ୍ପତି ସୃଷ୍ଟି ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ରହିବ। ପାୱାରଅପ୍ ମନିର ପ୍ରତିଷ୍ଠାତା ଏବଂ ସିଇଓ ପ୍ରତୀକ ଜିନ୍ଦଲ କହିଛନ୍ତି ଯେ 'ଯେତେବେଳେ ଅଧିକ ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡରେ ଅଂଶଗ୍ରହଣ କରନ୍ତି, ପ୍ରକୃତ ବ୍ୟବଧାନ ବିଶ୍ୱସନୀୟ, ଗବେଷଣା-ନେତୃତ୍ୱାଧୀନ ପରାମର୍ଶର ପ୍ରବେଶରେ ରହିଛି ଯାହା ନିବେଶକମାନଙ୍କୁ ଶୃଙ୍ଖଳିତ, ଦୀର୍ଘକାଳୀନ ନିଷ୍ପତି ନେବାରେ ସାହାଯ୍ୟ କରେ। ଏହି ପାଣ୍ଠି ସଂଗ୍ରହ ଆମକୁ ଆମର ପରାମର୍ଶଦାୟୀ ଏବଂ ଗବେଷଣା କ୍ଷମତାକୁ ମଜବୁତ କରିବାକୁ, ପାୱାରଅପ୍ ଏଲିଟ୍ ସ୍କେଲ୍ କରିବାକୁ ଏବଂ ପାୱାରଅପ୍ ଇନଫିନିଟ୍ ଶୁଭାରମ୍ଭ କରିବାକୁ ସକ୍ଷମ କରେ ଏବଂ ଲକ୍ଷ ଲକ୍ଷ ନିବେଶକଙ୍କୁ ସ୍ୱଷ୍ଟତା ଏବଂ ଆତ୍ମବିଶ୍ୱାସ ସହିତ ନିବେଶ କରିବାରେ ସାହାଯ୍ୟ କରିଥାଏ।'

'ଉଚ୍ଚ-ଗୁଣବତା, ନିରପେକ୍ଷ ମ୍ୟୁଚୁଆଲ୍ ଫଣ୍ଡ ପରାମର୍ଶ ଏକ ବିଶେଷାଧିକାର ହେବା ଉଚିତ୍ ନୁହେଁ,' ନିବେଶ ବିଷୟରେ ମତାମତ ଦେଇ, ପିକ୍ ଏକ୍ସଭି ର ପ୍ରିନ୍ସିପାଲ୍ ନବେନ୍ଦୁ ଶର୍ମା କହିଛନ୍ତି, 'ଭାରତକୁ ଜନସଂଖ୍ୟା ସ୍ତରରେ ଆର୍ଥିକ ପରାମର୍ଶ ପ୍ରଦାନ କରିବା ପାଇଁ ଏକ ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ପ୍ଲାଟଫର୍ମ ଆବଶ୍ୟକ। ବହୁ ସଂଖ୍ୟକ ଏବଂ ଧନୀ ଭାରତୀୟଙ୍କ ପାଇଁ ମ୍ୟୁଚୁଆଲ୍ ଫଣ୍ଡ ହେଉଛି ଆର୍ଥିକ ସମ୍ପତ୍ତିର ପ୍ରାକୃତିକ ପ୍ରବେଶ ଦ୍ୱାର। ଏମଏଫ୍ ପରାମର୍ଶକୁ ସ୍କେଲିଂ କରିବା ପାଇଁ ପାୱାରଅପ୍ ର ଏକ ଚତୁର କିନ୍ତୁ ସରଳ ପଦ୍ଧତି ଅଛି। ଦଳ ସେମାନଙ୍କର ଏମଏଫ ସୁଟ୍ କୁ ଆହୁରି ଗଭୀର କରୁଥିବା ଏବଂ ସମୟ ସହିତ ଏହି ଅଞ୍ଚଳ ପାଇଁ ପ୍ରଭାବଶାଳୀ ସମ୍ପତି ଏବଂ ସମ୍ପତ ପରିଚାଳନା ପ୍ଲାଟଫର୍ମ ନିର୍ମାଣ କରୁଥିବା ଦେଖି ଆମେ ଉତ୍ସାହିତ।

କମ୍ପାନୀର ପ୍ରଗତି ଉପରେ ମତାମତ ଦେଇ, ଆସେଲ ର ପାର୍ଟନର ପ୍ରୟାଙ୍କ ସ୍ୱରୂପ କହିଛନ୍ତି, 'ଏଲିଟ୍ ସହିତ ପାୱାରଅପ୍ ମନି ଯାହା ନିର୍ମାଣ କରିଛି ତାହା ବିଶେଷ ଭାବରେ ଆକର୍ଷଣୀୟ। ସେମାନେ ସଫଳତାର ସହିତ ଉଚ୍ଚ-ଗୁଣବତା ମ୍ୟୁଚୁଆଲ୍ ଫଣ୍ଡ ପରାମର୍ଶଦାତା ଉତ୍ପାଦନ କରିଛନ୍ତି - ଏହାକୁ ଉଚ୍ଚ ଡିଗ୍ରୀ ବ୍ୟକ୍ତିଗତକରଣ ଏବଂ ଗୁଣବତ୍ତା ବଜାୟ ରଖି ସ୍କେଲରେ ସୁଲଭ କରିଥାଏ। ସମ୍ପତି ପରିଚାଳନାରେ ସେହି ସନ୍ତୁଳନ ହାସଲ କରିବା ଅତ୍ୟନ୍ତ କଷ୍ଟକର। ପାୱାରଅପ୍ ମନି ଆପ୍ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ମ୍ୟୁଚୁଆଲ୍ ଫଣ୍ଡ ପୋର୍ଟଫୋଲିଓଗୁଡ଼ିକୁ ମାଗଣାରେ ସମୀକ୍ଷା କରିବାକୁ ଏବଂ ପୋର୍ଟଫୋଲିଓ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରିବାକୁ ସକ୍ଷମ କରେ। ଶୁଭାରମ୍ଭ ହେବାର ଆଠ ମାସ ମଧ୍ୟରେ, ପ୍ଲାଟଫର୍ମ ୫ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ସାମିଲ କରିଛି ଏବଂ ବର୍ତ୍ତମାନ ଟ.୬୫,୦୦୦ କୋଟିରୁ ଅଧିକ ସମ୍ପତି ଟ୍ରାକ୍ କରୁଛି, ଯାହା ପ୍ଲାଟଫର୍ମ ସହିତ ପ୍ରାରମ୍ଭିକ ବ୍ୟବହାର କାରୀଙ୍କ ଦୃଢ଼ ସମ୍ପର୍କକୁ ସୂଚିତ କରେ।

## ଲାଇଭଲିହୁଡ୍ ଅଲ୍‌ଟରନେଟିଭ୍‌ସ୍ ପକ୍ଷରୁ ଟିସ୍ୟୁ କଲ୍‌ଚର ଭିତ୍ତିକ କଦଳୀ ଚାଷ ଉପରେ କର୍ମଶାଳା

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ଜାତୀୟ କୃଷକ ଦିବସ ଅବସରରେ ଲାଇଭଲିହୁଡ୍ ଅଲଟରନେଟିଭ୍ସ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆରପିଆର୍‌ସି) ଠାରେ 'ଟିସ୍ୟୁ କଲ୍‌ଚର ଭିତ୍ତିକ କଦଳୀ ଚାଷର ସମ୍ଭାବନା ଓ ସୁଯୋଗ' ଉପରେ ଏକଦିବସୀୟ କର୍ମଶାଳା ଆୟୋଜିତ ହୋଇଥିଲା। ବୈଜ୍ଞାନିକ ଉପାୟରେ କଦଳୀ ଚାଷକରି ଉତ୍ପାଦର ଗୁଣବତ୍ତାରେ ବୃଦ୍ଧି ଘଟାଇବା ଏବଂ କୃଷକଙ୍କ ଆୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହା ଆୟୋଜନ କରାଯାଇଥିଲା।

କର୍ମଶାଳାରେ ଓଡ଼ିଶାର ଅନଗୁଳ, ଗଜପତି ଏବଂ ପୁରୀ ଜିଲ୍ଲାରୁ ବହୁ ସଂଖ୍ୟାରେ କୃଷକ ଉତ୍ପାଦକ କମ୍ପାନୀ (ଏଫପିସି)ର କୃଷକମାନେ ଅଂଶଗ୍ରହଣ କରିଥିଲେ। ଉତ୍ତମ ଏବଂ ଉନ୍ନତ କୃଷି କାର୍ଯ୍ୟାଭ୍ୟାସ, ନବୋନ୍ମେଷୀ କୌଶଳ, ବର୍ଜ୍ୟରୁ ସମ୍ପତ୍ତି ସୃଷ୍ଟି, ରୋଗମୁକ୍ତ ଚାରା ରୋପଣ ସାମଗ୍ରୀ ଏବଂ ଟିସ୍ୟୁ କଲ୍‌ଚର ପ୍ରଯୁକ୍ତି ଜରିଆରେ ବଜାର-ଆଧାରିତ ଉତ୍ପାଦନ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଏଥିରେ ଦୃଷ୍ଟିନିବଦ୍ଧ କରାଯାଇଥିଲା।

କର୍ମଶାଳା ବିଷୟବସ୍ତୁକୁ ଆଧାର କରି ଶ୍ରୀ ସମ୍ବିତ ତ୍ରିପାଠୀ କୃଷକମାନଙ୍କ ପାଇଁ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁନିଶ୍ଚିତ କରିବା ଏବଂ କୃଷି-ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ନିମନ୍ତେ ଆଧୁନିକ କୃଷି ପ୍ରଯୁକ୍ତି ଆପଣେଇବାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ନାଫେଡରୁ ଶ୍ରୀମତୀ ଅନିନ୍ଦିତା ଗୁହା; ଶ୍ରୀ ପ୍ରଦୀପ୍ତ କୁମାର ସାହୁ, ଡାଇରେକ୍ଟର ଓ ସିଇଓ, ମର୍ଟନ୍ ଫୁଡ୍ସ୍ ଲିମିଟେଡ ଏବଂ ଶ୍ରୀ ସୁଧାଂଶୁ ଶେଖର ଖୋରା, ସିଇଓ, ଆରପିଆର୍‌ସିଙ୍କ ସମେତ ବିଶିଷ୍ଟ ଅତିଥିଗଣ ଯୋଗଦାନ କରିଥିଲେ। ଅତିଥିମାନେ ବଜାର ସଂଯୋଗୀକରଣ, କୃଷି-




ପ୍ରକ୍ରିୟାକରଣ ସୁଯୋଗସମୂହ ଏବଂ କୃଷକଙ୍କ କ୍ଷମତା ନିର୍ମାଣରେ ଗବେଷଣା ପ୍ରତିଷ୍ଠାନଗୁଡିକର ଭୂମିକା ସମ୍ପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀ ଅଗସ୍ତି ବେହେରା, ସମ୍ମାନନୀୟ ବିଧାୟକ, ଛେଣ୍ଡିପଦା (ଅନଗୁଳ) ଉତ୍ପାଦିକତା ବୃଦ୍ଧି, ଆପଦ ହ୍ରାସ ଏବଂ କୃଷକଙ୍କ ଆୟ ବୃଦ୍ଧି କରିବା ନିମନ୍ତେ ଟିସ୍ୟୁ କଲ୍‌ଚର ଭିତ୍ତିକ କଦଳୀ ଚାଷ ଭଳି ବୈଜ୍ଞାନିକ ଉପାୟରେ କୃଷି କାର୍ଯ୍ୟର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଏଥିସହିତ କୃଷକ, ଗବେଷଣା ପ୍ରତିଷ୍ଠାନସମୂହ ଏବଂ ବଜାର ମଧ୍ୟରେ ରହୁଥିବା ତାରତମ୍ୟ ଦୂରୀକରଣ କ୍ଷେତ୍ରରେ ଲାଇଭଲିହୁଡ୍ ଅଲଟରନେଟିଭ୍ସ୍‌ର ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

କର୍ମଶାଳାର ବୈଷୟିକ ଅଧିବେଶନଗୁଡିକରେ ଡ. ଦେବାଶିଷ ହୋତା, ଆସିଷ୍ଟାଣ୍ଟ ପ୍ରଫେସର (ଫ୍ରୁଟ ସାଇନ୍ସ), ସୋଆ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା କଦଳୀ ଚାଷରେ ସମ୍ପୂର୍ଣ୍ଣ କାର୍ଯ୍ୟାଭ୍ୟାସ ପ୍ରଣାଳୀଗୁଡିକ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ଅନ୍ତର୍ଭୁକ୍ତ ରହିଥିଲା, ଯେଉଁଥିରେ ସେ ସର୍ବୋତ୍ତମ କୃଷି ବିଜ୍ଞାନ ପ୍ରଣାଳୀ, ପୋଷକ ପରିଚାଳନା ଏବଂ କୀଟ ପୋକ ନିୟନ୍ତ୍ରଣ ପଦକ୍ଷେପଗୁଡିକ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

ଡ. ସି. କାଳିଦାସ, ସାଇଣ୍ଟିଷ୍ଟ ଇନ୍-ଚାର୍ଜ, ଆର୍‌ପିଆର୍‌ସିଙ୍କ ମାର୍ଗଦର୍ଶନରେ ଆର୍‌ପିଆର୍‌ସିରେ ଥିବା ଟିସ୍ୟୁ କଲ୍‌ଚର ଲାବୋରେଟୋରୀକୁ କ୍ଷେତ୍ର ପରିଦର୍ଶନମୂଳକ ଗସ୍ତ ସହିତ କର୍ମଶାଳା ସମାପ୍ତ ହୋଇଥିଲା। ଉକ୍ତ ଟିସ୍ୟୁ କଲ୍‌ଚର ଲାବୋରେଟୋରୀରେ କୃଷକମାନେ ରୋଗମୁକ୍ତ କୃଷି ସାମଗ୍ରୀ ଉତ୍ପାଦନ ସମ୍ପର୍କରେ କ୍ଷେତ୍ରସ୍ତରୀୟ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ।

ଏହି ପ୍ରୟାସ ଦୀର୍ଘସ୍ଥାୟୀ କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏବଂ କୃଷକମାନଙ୍କୁ ଉତ୍ପାଦିକତା ଓ ଆୟ ବୃଦ୍ଧି ନିମନ୍ତେ ଜ୍ଞାନ ଓ ପ୍ରଯୁକ୍ତିରେ ସଶକ୍ତ କରିବାକୁ ଲାଇଭଲିହୁଡ୍ ଅଲଟରେନେଟିଭ୍ସ୍‌ର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀଭୂତ କରିଛି।

## ଚାନ୍ଦି ଭଣ୍ଡାର ପକ୍ଷରୁ 'ପାର୍ଟି ଏଡିଟ୍' ସମ୍ଭାର

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ୨୦୨୬ରେ ପାଦ ଥାପିବାକୁ ଆଉ ମାତ୍ର ଦିନ କେଇଟା ରହିଲା। ସେଲିବ୍ରେଶନ୍‌ର ଋତୁକୁ ପାଳନ କରିବା ପାଇଁ ପ୍ରସ୍ତୁତି ଜୋରସୋର ଚାଲିଛି। ପ୍ରତିକୋଣରେ ଉତ୍ସବର ମାହୋଲ ମଧ୍ୟରେ ରୁପା ଗହଣାର ଏକ୍ସକ୍ଲୁସିଭ୍ ସୋ'ରୁମ୍ ଚାନ୍ଦି ଭଣ୍ଡାର ଜାଣିଛି ଏହାର ଅତ୍ୟାଧୁନିକ କଲେକ୍ସନ 'ପାର୍ଟି ଏଡିଟ୍'। ଅତି ଯତ୍ନର ସହ ପ୍ରସ୍ତୁତ ଗହଣା ପିସ୍‌ର ଏହି ଆକର୍ଷଣୀୟ କଲେକ୍ସନ ସହିତ ଚାନ୍ଦି ଭଣ୍ଡାର ନୂଆ ବର୍ଷ ସେଲିବ୍ରେଶନ୍‌ରେ ଉତ୍ସାହ ଭରି ଦେଇଛି। ଚାନ୍ଦି ଭଣ୍ଡାରର ପାର୍ଟି ଏଡିଟ୍ ସମ୍ଭାର ଷ୍ଟାଇଲ୍ ଏବଂ ମୁଭ୍‌ମେଣ୍ଟର ଏକ ସ୍ପନ୍ଦନଶୀଳ ଉତ୍ସବ। ନୂଆବର୍ଷର ଉତ୍ସବ ଭାବକୁ ବୃଦ୍ଧି କରିବା ଲାଗି ଏହାକୁ ପ୍ରସ୍ତୁତ କରାଯାଇଛି। ୯୨.୫ଧ ଶୁଦ୍ଧ ଷ୍ଟର୍ଲିଂ ସିଲ୍‌ଭରରେ ଜିର୍‌କନ ଖଚିତ ଏହି ଗହଣାଗୁଡ଼ିକ ଅତ୍ୟନ୍ତ ଷ୍ଟାଇଲିସ୍। ନୀଳ, ସବୁଜ, ଲାଲ ଏବଂ ହଳଦିଆ ଆଦି ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗରେ ସଜ୍ଜିତ ପ୍ରତ୍ୟେକ ଗହଣା ଅନ୍ଧାର ପରେ ସେଲିବ୍ରେଶନ୍‌ରେ ରଙ୍ଗ ଏବଂ ଚମକ ଭରିଦିଏ। ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଏ ଗହଣା ସମ୍ଭାର ଉପଲବ୍ଧ। ଏହି ସମ୍ଭାରରେ ଚିକ୍କଣ, ଷ୍ଟେଟ୍‌ମେଣ୍ଟ-ମେକିଂ ରାଜକୁମାରୀ ଶୈଳୀର ହାରଠାରୁ ଆରମ୍ଭ କରି ସୂକ୍ଷ୍ମ ଆସେସରିଜ୍‌ମାନ ଉପଲବ୍ଧ। ନାଇଟ୍ ପାର୍ଟି କିମ୍ବା ସ୍ୱତନ୍ତ୍ର ତଥା ଫେଷ୍ଟିଭ୍ ଅବସରରେ ଫ୍ୟାଶନେବଲ ଦେଖାଯିବାକୁ ଚାହୁଁଥିବି। ଗ୍ରାହକଙ୍କ ପାଇଁ ଏହି ଷ୍ଟାଇଲସି ଗହଣାଗୁଡ଼ିକ ସର୍ବୋତ୍ତମ।



ଲଞ୍ଚିଂ ଅବସରରେ ଚାନ୍ଦି ଭଣ୍ଡାର ଓଡ଼ିଶାର ବହୁ ଲୋକପ୍ରିୟ ୬ ଜଣ ଯୁବ କଳାକାରଙ୍କୁ ନେଇ ଏକ ବିଜ୍ଞାପନ କ୍ୟାମ୍ପେନ ପ୍ରସ୍ତୁତ କରିଛି। କ୍ୟାମ୍ପେନ୍‌ରେ 'ପାର୍ଟି ଏଡିଟ୍' ଏବଂ 'ଆମୋଘ' ଗହଣା କଲେକ୍ସନ ପିନ୍ଧି ଏହି ପ୍ରେରଣାଦାୟୀ କଳାକାରମାନେ ନିଜ ର ସ୍ୱତନ୍ତ୍ର ଷ୍ଟାଇଲ୍ ସହିତ ନୂଆ ଆରମ୍ଭକୁ ଉପସ୍ଥାପନ କରୁଛନ୍ତି। ଏଥିସହିତ ମନୋରଞ୍ଜନ ଶିଳ୍ପର ଗ୍ଲାମର ଏବଂ ଚାନ୍ଦି ଭଣ୍ଡାରର କାଳଜୟୀ କ୍ରିଏସନ୍‌ର ଶୋଭା ଏକତ୍ରିତ ହୋଇଛି। ନୂଆବର୍ଷ ସେଲିବ୍ରେଶନ୍‌ର ଉତ୍ସାହକୁ ବଢ଼ାଇବା ଥାଇଁ ଚାନ୍ଦି ଭଣ୍ଡାର ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର ଆଣିଛି। ଗ୍ରାହକ ୨୦୨୫ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଫ୍ଲାଟ୍ ୧୦ଧ ରିହାତି ପାଇବେ। ଦୀର୍ଘ ଦିନ ଧରି ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ଭରସା ଏବଂ ସମର୍ଥନକୁ କୃତଜ୍ଞତା ଜଣାଇ ଏ ଅଫର ଅଣାଯାଇଛି। ଏ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଆମ ଗହଣା ମାତ୍ର ଏକ ଆସେସରି ନୁହେଁ, ଏହା ବ୍ୟକ୍ତିତ୍ୱର ଏକ ବିବୃତି, ଗ୍ଲାମର୍‌ର ଏକ କିରଣ ଏବଂ ଉତ୍ସବ ମନୋଭାବର ପ୍ରତିଫଳନ। ପାର୍ଟି ଏଡିଟ୍ କ୍ୟାମ୍ପେନ୍ ସହିତ ଆତ୍ମବିଶ୍ୱାସ ଏବଂ ଷ୍ଟାଇଲ୍ ସହ ନୂଆବର୍ଷକୁ ପାଳିବା ପାଇଁ ସେ ଗ୍ରାହକଙ୍କୁ ଆହ୍ୱାନ ଦେଇଛନ୍ତି। ଗହଣା ବ୍ୟତୀତ ଚାନ୍ଦି ଭଣ୍ଡାର ନିର୍ଦ୍ଦିଷ୍ଟ ରେଞ୍ଜ୍ ପାର୍ଟି ସାମଗ୍ରୀ ଏବଂ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ ଉପଲବ୍ଧ କରୁଛି। ସେଲିବ୍ରେଶନ୍‌କୁ ବଢ଼ାଇବା ପାଇଁ ଏସବୁ ଉଦ୍ଦିଷ୍ଟ। ଆକର୍ଷଣୀୟ ଡେକୋର ସାମଗ୍ରୀଠାରୁ ଆରମ୍ଭ କରି ବ୍ୟାପକ ଉପହାର ବିକଳ୍ପ ସହିତ ପାର୍ଟି ଏଡିଟ୍ ସମ୍ଭାର ଉତ୍ସବର ଆୟୋଜନ, କର୍ପୋରେଟ୍ ଉପହାର ଏବଂ ପ୍ରିୟଜନଙ୍କୁ ଉପହାର ଦେବା ପାଇଁ ଉପଯୁକ୍ତ, ଯାହାଦ୍ୱାରା ପ୍ରତ୍ୟେକ ଅବସର ସ୍ୱତନ୍ତ୍ର ମନେହେବ।

ଆମ ପ୍ରତିଶ୍ରୁତି:ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବି ।, ଭ୍ୟାଲ୍ୟୁ ଫର୍ ମନି ଏବଂ ହଲ୍‌ମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି। ଚାନ୍ଦି ଭଣ୍ଡାର ବିଷୟରେ: ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥଲି ।। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୭ରେ ପହଞ୍ଚିଛି। ଭୁବନେଶ୍ୱରର ରଘୁନାଥପୁର, ସହିଦ ନଗର, ପଟିଆ, ରସୁଲଗଡ, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ, ଲୁଇସ୍ ରୋଡ୍ ଏବଂ ଖଣ୍ଡଗିରି, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ସିଡିଏ ଓ ଲିଙ୍କ୍‌ରୋଡ୍, ରାଉରକେଲା, ଅନୁଗୁଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର, ବରଗଡ଼ ଏବଂ ଭଦ୍ରକରେ ଏହାର ଷ୍ଟୋର ରହିଛି।

## ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଗ୍ରାମରେ ଖୋଲିବ ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଣ୍ଟର
## ଏଲଭିପିଆଇ ଏବଂ ଏସଏଲଏସ ଟ୍ରଷ୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର, ୨୪।୧୨ (ନି.ପ୍ର): ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଆଇ) ଏବଂ ପାହାଡ଼ପୁରର ଏସଏଲଏସ ଟ୍ରଷ୍ଟ, ଶ୍ୟାମ ଚରଣ ମୁର୍ମୁ ଭିଜନ୍ ସେଂଟର ପ୍ରତିଷ୍ଠା ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ସେଂଟର ଏକ ପ୍ରାଥମିକ ଚକ୍ଷୁ ଚିକିତ୍ସା କେନ୍ଦ୍ର ଯାହା ସ୍ଥାନୀୟ ଜନସାଧାରଣ ଏବଂ ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଏବଂ ରାଇରଙ୍ଗପୁର ଆଖପାଖ ଅଂଚଳ ପାଇଁ ସେବା ଯୋଗାଇବ। ଏସଏଲଏସ ଟ୍ରଷ୍ଟର ପୂର୍ବରୁ ଥିବା ଘରେ ଏହି କେନ୍ଦ୍ର ଅବସ୍ଥିତ। ଆସ'। ୧ ଫେବୃଆରୀ, ୨୦୨୬ ରୁ ସାଧାରଣ ଲୋକଙ୍କ ପାଇଁ ଏହା ଖୋଲାଯିବ।

ଓଡ଼ିଶା ଚକ୍ଷୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଆହ୍ୱାନର ସମ୍ମୁଖୀନ ହେଉଛି ଯେଉଁଠି ଗ୍ରାମାଂଚଳର ଲୋକମାନେ ପ୍ରାୟତଃ ଠିକ୍ ସମୟରେ ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି। ଏହି ଭିଜନ୍ ସେଂଟର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଏବଂ ରାଇରଙ୍ଗପୁରର ଜନସାଧାରଣଙ୍କୁ ବିସ୍ତୃତ ଦୃଷ୍ଟିଶକ୍ତି ପରୀକ୍ଷା, ପ୍ରତିସରଣ ତ୍ରୁଟି ସଂଶୋଧନ, ଚଷମା ବଂଟନ ଏବଂ ଚକ୍ଷୁ ରୋଗର ପ୍ରାରମ୍ଭିକ ଚିହ୍ନଟ ସୁବିଧା ପ୍ରଦାନ କରିବ। ଏଲଭିପିଆଇର ଚକ୍ଷୁ ଯତ୍ନ ବ୍ୟବସ୍ଥାର ଏକ ଅଂଶ ଭାବେ ଏହି କେନ୍ଦ୍ର କେନ୍ଦୁଝରରେ ଥିବା ଏଲଭିପିଆଇ ବିଜୟାନନ୍ଦ ପଟ୍ଟନାୟକ ସେକେଣ୍ଡାରୀ ସେଂଟର ଏବଂ ଭୁବନେଶ୍ୱରର ଏଲଭିପିଆଇ ମିଠୁ ତୁଳସୀ ଚାନରାଇ ଟର୍ସିଆରୀ କେୟାର ସେଂଟରକୁ ରୋଗୀମାନଙ୍କୁ ଉନ୍ନତ ଯତ୍ନ ଏବଂ ଚିକିତ୍ସା ପାଇଁ ପଠାଇବା ସୁନିଶ୍ଚିତ କରିବ। ଏଲଭିପିଆଇର ଉପାଧ୍ୟକ୍ଷ ଡକ୍ଟର ରାଜୀବ ରେଡ୍ଡୀ ପାପ୍ପୁରୁ ଏବଂ ଏସଏଲଏସ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀମତୀ ଇତିଶ୍ରୀ ମୁର୍ମୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏସଏଲଏସ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାରଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦିବଂଗତ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ସ୍ମୃତିରେ ଏହି କେନ୍ଦ୍ରର ନାମକରଣ କରାଯାଇଛି।

## ନୂତନ ବର୍ଷ ପାଇଁ ଟିଭିଏସ୍ ସେବା ଅଭିଯାନ 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ର ଶୁଭାରମ୍ଭ

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ଦୁଇ ଓ ତିନି ଚକିଆ ଯାନ ସେଗମେଣ୍ଟରେ ବିଶ୍ୱର ଏକ ଅଗ୍ରଣୀ ନିର୍ମାତା, ଟିଭିଏସ୍ ମୋଟର କମ୍ପାନୀ ଏକ ସେବା ଅଭିଯାନ ଘୋଷଣା କରିଛି, ଯାହା ଏକ ଦେଶବ୍ୟାପୀ ଗ୍ରାହକମାନଙ୍କୁ ଯାନବାହାନ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ବର୍ଷ ଆରମ୍ଭ କରିବାକୁ ଉତ୍ସାହିତ କରିବ। 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ଶୀର୍ଷକ ଏହି ଅଭିଯାନ ଡିସେମ୍ବର ୨୦, ୨୦୨୫ ରୁ ଜାନୁଆରୀ ୦୫, ୨୦୨୬ ପର୍ଯ୍ୟନ୍ତ ଭାରତରେ ଅନୁମୋଦିତ ଟିଭିଏସ୍ ମୋଟର କମ୍ପାନୀର ସେବା କେନ୍ଦ୍ରଗୁଡ଼ିକରେ ଚାଲିବ।

ଏହି ଅଭିଯାନ ସୁରକ୍ଷା, କାର୍ଯ୍ୟଦକ୍ଷତା ଏବଂ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ ନିୟମିତ ସେବା ଏବଂ ଯାନବାହାନ ଯତ୍ନର ଗୁରୁତ୍ୱକୁ ପ୍ରତିପାଦିତ କରିଥାଏ। ଏହି ଅଭିଯାନ ଟିଭିଏସ୍ ମୋଟର କମ୍ପାନୀର ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟକୁ ମଧ୍ୟ ପ୍ରତିଫଳିତ କରେ, ଯାହା ଯାନବାହନ ବାହାରେ ଉଚ୍ଚ ମାଲିକାନା ଅଭିଜ୍ଞତା ପ୍ରତି ଏହାର ପ୍ରତିବଦ୍ଧତାକୁ ଅଙ୍କିତ କରେ।

ଅଭିଯାନ ସମୟରେ ଟିଭିଏସ୍ ମୋଟରର ସେବା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରୁଥିବା ଗ୍ରାହକମାନେ ଇଂଜିନ, ବ୍ରେକ୍, ବୈଦ୍ୟୁତିକ ଏବଂ ସସପେନସନ ସମେତ ଏକ ବ୍ୟାପକ ଯାନବାହାନ ସ୍ୱାସ୍ଥ୍ୟ ଯାଞ୍ଚର ସୁବିଧା ପାଇପାରିବେ। ଅତିରିକ୍ତ ଲାଭ ମଧ୍ୟରେ ସମସ୍ତ ଟିଭିଏସ୍ ଆପାଚି ଏବଂ ଟିଭିଏସ୍ ରୋନିନ୍ ପୋର୍ଟଫୋଲିଓ ପାଇଁ ଯାନବାହାନ ସ୍ୱାସ୍ଥ୍ୟ ରିପୋର୍ଟରେ ସହାୟତା, ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା, ବିସ୍ତାରିତ ୱାରେଣ୍ଟି, ରାସ୍ତାପାର୍ଶ୍ୱ ସହାୟତା, ଶ୍ରମ ସେବା, ମୂଲ୍ୟଯୁକ୍ତ ସେବା, ପ୍ରକୃତ ଟିଭିଏସ୍ ମୋଟରର ପାର୍ଟସ ଏବଂ ଇଂଜିନ ତେଲ ଅନ୍ତର୍ଭୁକ୍ତ ରହିବ।

ଏହି ପ୍ୟାନ୍-ଇଣ୍ଡିଆ ଅଭିଯାନ ସମସ୍ତ ଗ୍ରାହକଙ୍କ ପାଇଁ ଖୋଲା, ଯେଉଁମାନେ ଟିଭିଏସ୍ ମୋଟରର ୱେବସାଇଟ୍, କ୍ୟୁଆର୍ କୋଡ୍ କିମ୍ବା ଟିଭିଏସ୍ କନେକ୍ଟ ଆପ୍ ମାଧ୍ୟମରେ ସେବା ଗ୍ରହଣ କରିବା ପାଇଁ ବୁକ୍ କରିପାରିବେ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ର ନୂଆ ଫଣ୍ଡ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍ ଶୁଭାରମ୍ଭ

ଭୁବନେଶ୍ୱର, ୨୪।୧୨ (ନି.ପ୍ର) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ ପକ୍ଷରୁ ଲିଙ୍କ୍ଡ ଇନ୍ସୁରାନ୍ସ ପ୍ଲାନ୍ (ୟୁଲିପ୍) ଅଧିନରେ ଏକ ନୂଆ ଫଣ୍ଡ, ଆଇସିଆଇସିଆଇ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍ ଶୁଭାରମ୍ଭ କରାଯାଇଛି। ଏହି ଫଣ୍ଡ ଗ୍ରାହକଙ୍କୁ ଭାରତୀୟ ଅର୍ଥନୀତିର ୨୦ ରୁ ଅଧିକ ପ୍ରମୁଖ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଗୁଡିକ ପାଇଁ ଏକ୍ସପୋଜର ପ୍ରଦାନକରି ଏକ ରେଡିମେଡ୍ ଇକ୍ୱିଟି ପୋର୍ଟଫୋଲିଓ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏହି ଶୁଭାରମ୍ଭ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ନିବେଶ ଅଧିକାରୀ, ମନିଷ କୁମାର କହିଛନ୍ତି, 'ଆଇସିଆଇସିଆଇ ପ୍ରୁଡେନ୍ସିଆଲ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍ ନିବେଶକଙ୍କୁ ଭାରତର ଦୀର୍ଘକାଳିନ ଅଭିବୃଦ୍ଧି କ୍ଷମତାର ବ୍ୟବହାରକରି ସମ୍ପତି ସୃଷ୍ଟି କରିବା ପାଇଁ ଏକ ସରଳ ଓ ପ୍ରଭାବଶାଳୀ ମାଧ୍ୟମ ଦେଉଛି। ଏହି ଫଣ୍ଡ ଏକ ଏକକ, ନିୟମ-ଭିତିକ ପୋର୍ଟଫୋଲିଓରେ ୨୦ ରୁ ଅଧିକ କ୍ଷେତ୍ରରୁ


ICICI PRUDENTIAL
LIFE INSURANCE


ପ୍ରମାଣିତ ବଜାର ଲିଡର ମାନଙ୍କୁ ଏକତ୍ରିତ କରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱକୁ ପରିଭାଷିତ କରୁଥିବା କମ୍ପାନୀଗୁଡିକରେ ନିବେଶ କରିବ। ଏକ ଇଣ୍ଡେକ୍ସ ଫଣ୍ଡ ଷ୍ଟକ ଚୟନର ଜଟିଳତାକୁ ଦୂର କରିଥାଏ ଏବଂ ଅର୍ଥନୀତିର ସବୁଠାରୁ ପ୍ରଭାବଶାଳୀ ବ୍ୟବସାୟ ଗୁଡିକ ପାଇଁ ବିବିଧ ଏକ୍ସପୋଜର ଦେଇଥାଏ।

ଇକ୍ୱିଟି ନିବେଶରେ ଏକ ସରଳ, ନିୟମ-ଆଧାରିତ ପଦ୍ଧତି ଚାହୁଁଥିବା ନିବେଶକଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ଫଣ୍ଡ ସ୍ୱାଧୀନ ଷ୍ଟକଗୁଡିକୁ ଚୟନ କରିବାର ଆବଶ୍ୟକତା ବିନା ବଜାର ଅଗ୍ରଣୀ କମ୍ପାନୀଗୁଡିକରେ ଅଂଶଗ୍ରହଣକୁ ସକ୍ଷମ କରିଥାଏ। ଏହା ଏକ ନିଷ୍କ୍ରିୟ ନିବେଶ ରଣନୀତି ପସନ୍ଦ କରୁଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ, ଯିଏ ବ୍ୟାପକ କ୍ଷେତ୍ର ବିବିଧକରଣ ଓ ପ୍ରତିଷ୍ଠିତ ମାର୍କେଟ ଲିଡରଙ୍କ ପ୍ରତି ଆକର୍ଷଣ ସହିତ ଦୀର୍ଘାବଧି ପାଇଁ ମୂଳ ଇକ୍ୱିଟି ଆବଂଟନ ଗଠନ କରିବାକୁ ଚାହାଁନ୍ତି। ଆଇସିଆଇସିଆଇ ପ୍ରୁ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ ହେଉଛି ଏକ ନିଷ୍କ୍ରିୟ, ଇଣ୍ଡେକ୍ସ-ଆଧାରିତ ଉତ୍ପାଦ ଯାହା ବିଏସ୍‌ଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସକୁ ଟ୍ରାକ କରିଥାଏ। ନିୟମଗୁଡିକ ଏହି ଫଣ୍ଡକୁ ସମୟ ସମୟରେ ଇଣ୍ଡେକ୍ସରେ ଥିବା ନିଜ କ୍ଷମତା ସହ ସମନ୍ୱୟରେ ସମସ୍ତ ଷ୍ଟକ୍‌ରେ ନିବେଶ କରିବାରୁ ପ୍ରତିବନ୍ଧିତ କରିପାରେ। ଏହାର ଫଳସ୍ୱରୂପ ସେଠାରେ ଏକ ସମ୍ଭାବ୍ୟ ଟ୍ରାକିଙ୍ଗ ତ୍ରୁଟି ଦେଖାଦେଇପାରେ। ଏହି ଇଣ୍ଡେକ୍ସ ଫଣ୍ଡ ଅଧିନରେ ପାଇବାକୁ ଥିବା ଲାଭାଂଶକୁ ପୁନଃନିବେଶ କରାଯିବ, ଯାହା ସମୟକ୍ରମେ ଦୀର୍ଘାବଧିରେ ଗ୍ରାହକଙ୍କ ଫଣ୍ଡ ମୂଲ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହି ଫଣ୍ଡ୍ର ଶୁଭାରମ୍ଭ କମ୍ପାନୀର ରୌପ୍ୟ ଜୟନ୍ତୀ ପାଳନର ସଦ୍ୟତମ ସଫଳତା ସହ ଜଡିତ ରହିଛି। ଏହି ନୂଆ ଫଣ୍ଡ ବର୍ତ୍ତମାନ ନିବେଶ ପାଇଁ ଖୋଲା ରହିଛି।

# ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ଜାନୁଆରୀ ୩ ରେ ମାରାଥନ



ପାରାଦୀପ - ପ୍ରତିବର୍ଷ ପରି ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଅବସରରେ ମାରାଥନ୍ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଆସନ୍ତା ଜାନୁୟାରୀ ୩ ତାରିଖ ସକାଳ ଘ.୭.୩୦ ମି. ସମୟରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମାରାଥନ ଦୌଡର ଶୁଭାରମ୍ଭ କରିବେ । ଏହି ଦୌଡ ୫ ନମ୍ବର ଗେଟ୍ ପାଖ ହନୁମାନ ମନ୍ଦିର ଠାରୁ ଆରମ୍ଭ ହୋଇ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଶେଷ ହେବ । ଏଥିରେ ଆନ୍ତର୍ଯ୍ୟାତୀୟ କ୍ରୀଡ଼ାବିତ ପ୍ରତୀକ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ମାରାଥନର ଦୂରତା ୧୪ କି.ମି. ରହିବ । ଏହି ମାରାଥନରେ ଭାଗ ନେବାକୁ ହେଲେ ବୟସ ସୀମା ତା୩୧.୧୨.୨୦୨୫ରିଖ ସୁଦ୍ଧା ୧୮ ବର୍ଷରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସରକାରୀ ଚିକିତ୍ସାଳୟରୁ ସାସ୍ଥ୍ୟ ପରୀକ୍ଷା ସାର୍ଟିଫିକେଟ୍ ଆଣିବା ଅନିର୍ବାର୍ଯ୍ୟ । ପ୍ରବେଶ ଶୁଳ୍କ ବାବଦକୁ ପୁରୁଷ ମାରାଥନ ପ୍ରତିଯୋଗୀଙ୍କ ପାଇଁ ୫୦ ଟଙ୍କା ଓ ମହିଳା ପ୍ରତିଯୋଗୀଙ୍କ ପାଇଁ ୩୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କ ପାଇଁ ଗଞ୍ଜି, ପ୍ୟାଣ୍ଟ ଓ ଚେଷ୍ଟ ନମ୍ବର ମାଗଣାରେ ଦିଆଯିବ। ବାହାର ପ୍ରତିଯୋଗୀଙ୍କ ପାଇଁ ତା୦୨.୦୧.୨୦୨୬ରିଖ ଦିନ ରାତ୍ରି ଖାଇବା ଓ ରହିବାର ବ୍ୟବସ୍ଥା କରାଯାଇଛି। ଜାନୁଆରୀ ୩ ତାରିଖ ସକାଳେ ଗୋପବନ୍ଧୁ ଷ୍ଟାଡିୟମ୍? ଠାରେ ସମସ୍ତ ପ୍ରତିଯୋଗୀ ମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା ଅଛି। ତା ୧.୦୨.୨୦୨୬ ରିଖ ଓ ତା ୨.୦୧.୨୦୨୬ରିଖ ଦିନ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପଞ୍ଜିକରଣ ସମୟରେ ସାସ୍ଥ୍ୟ ପରୀକ୍ଷା ସାର୍ଟିଫିକେଟ୍, ଭୋଟର ପରଚୟ ପତ୍ର, ଆଧାର ପରିଚ଼ୟ ପତ୍ର ଓ ବୟସ ପ୍ରମାଣପତ୍ର ଜେରକ୍ସ କପି ପଇଠ କରିବେ ଏବଂ ଓରିଜିନାଲ ସାର୍ଟିଫିକେଟ୍ ଦେଖାଇବେ ।ସ୍ଥାନୀୟ ପ୍ରତିଯୋଗୀ ଙ୍କ ପାଇଁ ଜାନୁଆରୀ ୧ ତାରିଖ ଦିନ ପାରାଦୀପ ମୁନିସିପାଲିଟିରେ ୧୦ ଘଟିକା ଠାରୁ ୪ ଘଟିକା ପର୍ଯ୍ୟନ୍ତ ପଞ୍ଜିକରଣ ବ୍ୟବସ୍ଥା କରାଯାଇଥିବା ବେଳେ, ବାହାର ପ୍ରତିଯୋଗୀଙ୍କ ପାଇଁ ଜାନୁଆରୀ ୧ ଓ ୨ ତାରିଖ ଦିନ ୧୦ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ କିମ୍ବା ୬୦୦ ଜଣ ପୁରୁଷ ଓ ୧୦୦ ଜଣ ମହିଳା ହେବା ପର୍ଯ୍ୟନ୍ତ ପଞ୍ଜିକରଣ କରାଯିବ। ତା୦୩.୦୧.୨୦୨୬ରିଖ ଦିନ ଘ.୬.୩୦ ମି. ରୁ ଘ.୭.୩୦ ମି. ମଧ୍ୟରେ ହନୁମାନ ମନ୍ଦିର ଠାରେ ମାରାଥନ ପ୍ରତିଯୋଗୀଙ୍କ ଉପସ୍ଥାନ ନିଆଯିବ। ସେହିପରି ଏହି ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତ ଙ୍କୁ ୨୧,୦୦୦/-,ଦ୍ୱିତୀୟ ସ୍ଥାନ ୧୫,୦୦୦/-,ତୃତୀୟ ସ୍ଥାନ ୧୦,୦୦୦/-,ଚତୁର୍ଥ ସ୍ଥାନ (୩ଟି) ୫,୦୦୦/-,ପଞ୍ଚମ ସ୍ଥାନ (୬ଟି) ୩,୦୦୦/-,ଷଷ୍ଠ ସ୍ଥାନ (୯ଟି) ୨,୦୦୦/- ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ।

ପ୍ରଥମେ ଆସି ଶେଷ କରୁଥିବା ୧୫୦ ଜଣ ପୁରୁଷ ଓ ୫୦ ଜଣ ମହିଳା ପ୍ରତିଯୋଗୀଙ୍କୁ ମେଡାଲ ସହ ସାର୍ଟିଫିକେଟ୍ ପ୍ରଦାନ କରାଯିବ ଓ ଦୁଇ ଘଣ୍ଟା ମଧ୍ୟରେ ଶେଷ କରୁଥିବା ପ୍ରତିଯୋଗୀଙ୍କୁ କେବଳ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ସମସ୍ତ ଜିଲ୍ଲା ଓ ପଞ୍ଜିକରଣ କ୍ଲବ୍ ?ର ଆଥ୍ ?ଲେଟ୍ ?ସ୍ ମାନଙ୍କୁ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଅନୁରୋଧ କରାଯାଇଛି।

ତେବେ ଏହି ମେଗା ମାରାଥନ ପ୍ରତିଯୋଗିତା ରେ ଅଂଶଗ୍ରହଣ ଓ ସବିଶେଷ ବିବରଣୀ ପାଇଁ ପାରାଦୀପ ପୋର୍ଟସ୍ପୋର୍ଟସ୍ କାଉସିଲର ଫୋନ ନମ୍ବର ୦୬୭୨୨-୨୨୨୦୭୬ ଟେଲିଫୋନରେ ସକାଳ ୧୦ ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା ମଧ୍ୟରେ ଯୋଗାଯୋଗ କରିବା ପାଇଁ ସୂଚନା ପ୍ରଦାନ କରାଯାଇଛି।

# ପୂର୍ଣ୍ଣ ବିଦ୍ୟା ଏକାଡେମୀ ଉଦଘାଟିତ



କଟକ,୨୪।୧୨: ୫୩ନଂ ୱାର୍ଡ ଦରଖାପାଟଣା ଅନ୍ତର୍ଗତ ଅମୀୟ ପରିଜା ଛକସ୍ଥିତ, ଆପୋଲ ଫାର୍ମାସୀ ନିକଟରେ ଗତ ସୋମବାର ଦିନ ଶିକ୍ଷାନୁଷ୍ଠାନ ପୂର୍ଣ୍ଣ ବିଦ୍ୟା ଏକାଡେମୀ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ କୈଳାଶ ବେହେରା, ରବିନ୍ଦ୍ର ଗୁପ୍ତା, ଲିଙ୍କ ଚକ୍ଷୁ ହସ୍ପିଟାଲର ନିର୍ଦ୍ଦେଶକ ଆଲୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ହେଉଛି ମୌଳିକ ଅଧିକାର । ଏଥିରୁ ଯେପରି କେହି ବଂଚିତ ନରୁହନ୍ତି ତାହାହିଁ ହେବ ଆମର ପ୍ରଥମ ପ୍ରାଥମିକତା ବୋଲି ଶିକ୍ଷାବିତ ତଥା ପ୍ରତିଷ୍ଠାତା ଦେବଜାନୀ ବଳିଆର ସିଂହ କହିଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଦରଖାପାଟଣା ପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଅଭିଭାବକ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ସାଲେଭଟା ପାଟଣେଶ୍ୱରୀ ପୀଠ ଉନ୍ନତିକରଣ ଏବଂ ପର୍ଯ୍ୟଟନ ସ୍ଥଳି ମାନ୍ୟତା ଦାବି



ବଲାଙ୍ଗିର,୨୪।୧୨ - ବଲାଙ୍ଗିର ଐତିହାସିକ ସାଲେଭଟା ଗ୍ରାମ ରେ ହଜାର ହଜାର ବର୍ଷ ପୂର୍ବରୁ ଗୋଟିଏ ଗମ୍ଭିରା ଘରରେ ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀ ପୂଜା ପାଇ ଆସୁଛନ୍ତି । ପାଟଣା ଶାସନ ସମୟରେ ରାଜା ବଳରାମ ଦେଓ ନିର୍ମାଣ କରିଛନ୍ତି ବୋଲି କିମଦନ୍ତି ଅଛି । ବଲାଙ୍ଗିର ର ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୨୬ଟି ଗଡ ମଧ୍ୟରୁ ସାଲେଭଟା ଗ୍ରାମ ବେଶ ମୁଖ୍ୟ ଭୂମିକା ନେଉଥିଲା । ଏହି ଉଦ୍ଦେଶ୍ୟରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡା. ମୁକେଶ ମହାଲିଙ୍ଗଙ୍କୁ ଲୋଇସିଂହା ନିର୍ବାଚ଼ନ ମଣ୍ଡଳିରେ ଥିବା ତିନି ଗୋଟି ଐତିହ୍ୟ ପୀଠ କୁଶଙ୍ଗାଇ ମନ୍ଦିର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତେଶ୍ୱରୀ ଦେବୀ ଉନ୍ନତିକରଣ ଏବଂ ଐତିହାସିକ ପୀଠ ସାଲେଭଟା ଗ୍ରାମର ପାଟଣେଶ୍ୱରୀ ପୀଠ ଉନ୍ନତିକରଣ ପାଇଁ ଏବଂପର୍ଯ୍ୟଟନ ସ୍ଥଳି ମାନ୍ୟତା ଦାବି ରଖିଥିଲେ । ଦେବାଳୟ ଓ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ୪ଗୋଟି ପ୍ରସ୍ତାବ ଉପରେ ଆଲୋଚ଼ନା ହୋଇଥିଲା ଏବଂ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଲୋଗୋ ଅର୍ପଣ କରାଯାଇଥିଲା ଏବଂ ସଂସ୍କୃତି ବିଭାଗକୁ ଆର୍ଥିକ ସାହାଯ୍ୟ ପାଇଁ ନିବେଦନ କରାଯାଇଥିଲା । ଏଥିରେ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ପାଟଣେଶ୍ୱରୀ ମନ୍ଦିର ପୂଜକ ଅଭିନାଶ ଦିଶ୍ରୀ ସାମିଲ ଥିଲେ ।

# ୧ ଫେବୃଆରୀରେ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

ଖୋର୍ଦ୍ଧା,୨୪।୧୨: ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି 'ଖୋର୍ଦ୍ଧା ରୋଡ଼ହାଫ୍ ମାରାଥନ୍ ଭୁବନେଶ୍ୱର-୨୦୨୬'ର ଆଗାମୀ ଦ୍ୱିତୀୟ ସଂସ୍କରଣ ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା), ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ୧ ଫେବୃଆରୀ ୨୦୨୬ରେ ଆଇଆଇଟି ଭୁବନେଶ୍ୱର ସହଯୋଗରେ ଆୟୋଜିତ ହେଉଅଛି । ସାମ୍ବାଦିକ ସମ୍ମିଳନୀ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରମୁଖ କ୍ରୀଡା ଇଭେଣ୍ଟର ଲକ୍ଷ୍ୟ ନାଗରିକମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ସହିତ ଫିଟନେସ୍, ସୁସ୍ଥତା ଏବଂ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା । ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା କ୍ରୀଡା ଅଧିକାରୀ ଅନିଲ କୁମାର ଏସ୍ ଏବଂ ମଣ୍ଡଳ ମେକାନିକାଲ୍ ଇଞ୍ଜିନିୟର (କୋଚିଂ) ତଥା ସହକାରୀ କ୍ରୀଡା ଅଧିକାରୀ ମନୀଷ କୁମାର ମୀନା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ବିବରଣୀ ସମ୍ବନ୍ଧରେ ଆଲୋକପାତ କରାଇଥିଲେ ।

# ସାଲେପାଲି ଗ୍ରାଫାଇଟ ଖଣି ନିଲାମ ପ୍ରତିବାଦରେ ପୁଣି ଏକତ୍ରିତ ହେଲେ ଅଞ୍ଚଳବାସୀ



ବଲାଙ୍ଗୀର,୨୪।୧୨: ରାଜ୍ୟ ସରକାର କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକକୁ ତାମିଲନାଡୁର ଭିନମୀର ରିଶୋର୍ସ ପ୍ରାଇଭେଟ ଲିମିଟେଡ଼ କମ୍ପାନୀକୁ ନିଲାମ ଦେଇ ଥିବା ଖବର ଗଣମାଧମରେ ଖବର ପ୍ରସାରଣ ପରେ ଅଞ୍ଚଳବାସୀ ତାତି ଉଠିଥିଲେ । ଗାଁ ଗାଁ ରେ ମେଳି ବାନ୍ଧିଥିଲେ । ଗତ ଜୁନ ୨୩ ତାରିଖରେ ଜନମ ମାଏଟ ବଚ଼ାଓ ସଂଘର୍ଷ ସମିତି ଆହ୍ୱାନରେ ପାଟଣାଗଡ଼ ଠାରେ ଏକ ବିଶାଳ ରେଲି କରି ଉପଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଗତ ବିଧାନସଭା ଶୀତ ଅଧିବେଶନରେ ମଧ୍ୟ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ଖନନ କଥା ଗୃହରେ ଆଲୋଚ଼ନା ହୋଇଥିଲା । ଖଣି ଖନନ ବିଷୟରେ ସ୍ଥାନୀୟ ପ୍ରଶାସନ ଏବଂ ରାଜନେତାଙ୍କୁ ସ୍ପଷ୍ଟୀକରଣ ମାଗିଲେ କେହି ସନ୍ତୋଷ ଜନକ ଉତ୍ତର ଦେଉ ନାହାନ୍ତି । ଖଣି ଖନନ ବିଷୟ ବିଭିନ୍ନ ଗଣମାଧ୍ୟମରେ ଓ ବିଧାନସଭାରେ ପ୍ରସାରଣ ହେଲାପରେ ମଧ୍ୟ ଜନସାଧାରଣଙ୍କୁ ଆଢୁଆଳରେ ରଖିଛନ୍ତି। ଦିନକୁ ଦିନ ଜନସାଧାରଣଙ୍କ ମନରେ ଭୟ ଏବଂ ଆତଙ୍କ ଖେଳି ଯାଉଛି ।

ଆଜି ବଞ୍ଜାରୀ ଠାରେ ଜନମ ମାଏଟ ବଚ଼ାଓ ସଂଘର୍ଷ ସମିତି ଆହୁତ ଚ଼ିନ୍ତନ ବୈଠକରେ ପ୍ରକାଶ ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପରିବେଶବିତ ନୋବେଲ ପରିବେଶ ବିଜେତା ପ୍ରଫୁଲ୍ଲ ସାମନ୍ତରାୟ, ଲୋୟର ଶୁକତେଲ ସଂଗ୍ରାମ ସମିତିର ସତ୍ୟ ବନଛୋର, ଜିନ୍ଦାବାଦ ସଂଗଠନର ତ୍ରିଲୋଚ଼ନ ପୁଞ୍ଜି, ବର୍ଥଲା ସରପଞ୍ଚ କବିତାଞ୍ଜଳୀ ସାହୁ, ରାଜୀବ ସାହୁ, ପ୍ରଶାନ୍ତ ପାଢ଼ୀ, ଗନ୍ଧର୍ବ ସୁନା, ଗଙ୍ଗାଧର ସାହୁ, ବଂଶୀଧର ମେହେର ପ୍ରମୁଖ ଉଦବୋଧନ ଦେଇଥିଲେ। ମଦନ ମାଝୀ, ସୁରେଶ ପୁଟେଲ,ପିଣ୍ଟୁ ବୁଡ଼କ, ଗଜିନ ତାଣ୍ଡି, ଛବିଲାଲ ବାଗ, ବେଣୁଧର ହୋତା, ଟଙ୍କ ରାଓ, ଶିବ ରାଓ, ହରିବନ୍ଧୁ ବରିହା, ମଧୁ ବାଗ, ଗଣ୍ଡାରାମ ଭୁଏ ପ୍ରମୁଖ ସହଯୋଗ କରିଥିଲେ । ସଭାକୁ ଗିରିରାଜ ଭୋଇ ପରିଚ଼ାଳନା କରିଥିବାବେଳେ ଯୁଧିଷ୍ଠିର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ୨୦୨୫



ଭୁବନେଶ୍ୱର, ୨୩।୧୨: କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୨୫ ଟାଇଟଲ୍ ହାସଲ୍ କରିଛନ୍ତି। କିଟ୍ ଫିଲ୍ମ ଆଣ୍ଡ ଫେସନ ସ୍କୁଲ୍ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ୨୦୨୫ର ଫାଇନାଲ୍ ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି। ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନହ୍ନିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲ୍‌କୁ ୩୫ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାର୍ଥିନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ। ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। ଏହି ଅବସରରେ କିଟ୍ ନହ୍ନିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଇନାଲ୍ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪ ବିଜେତା ନିକିତା ପରୱାଲ, ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ୍ ଅମିତ ରୋହିଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ।

ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠି (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ଫେଡେରେସନ କପ ନ୍ୟାସନାଲ ଉଷୁ ପାଇଁ ବଲାଙ୍ଗିର ରୁ ୫ ପ୍ରତିଯୋଗୀ

ବଲାଙ୍ଗିର, ୨୪।୧୨: - ଚଳିତ ମାସ ୨୪ ରୁ ୩୦ ପର୍ଯ୍ୟନ୍ତ ଛତିଶଗଡର ରାଜନନ୍ଦନଗାଁ ଦିଗବିଜୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୫୭ ଜଣ ଖେଳାଳି ଓ ୪ ଜଣ ଅଫିସିଆଲ ଅଂଶଗ୍ରହଣ କରିବେ । ବଲାଙ୍ଗିର ର ଖେଳାଳିମାନେ ହେଲେ ଆଲୋକ ନାଏକ, ରୁସ୍ତମ ନାଏକ, ମହମ୍ମଦ ଆସିଫ ନିଜ ନିଜ ବିଭାଗରେ ଅଂଶ ଗ୍ରହଣ କରିବେ ବୋଲି ବଲାଙ୍ଗିର ଜିଲ୍ଲା ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି ଏବଂ ଉଷୁ ସଂଘର ସଭାପତି ତପନ ପାଣିଗ୍ରାହୀ ସଫଳ କାମନା କରିଛନ୍ତି ।



# ଡିଏଭି ପବ୍ଲିକ ସ୍କୁଲ ପାରାଦୀପ ବନ୍ଦର ପକ୍ଷରୁ ୧୬ତମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ



ପାରାଦ୍ୱୀପ - ପାରାଦୀପ ବନ୍ଦର ଡି.ଏ.ଭି. ପବ୍ଲିକ୍ ସ୍କୁଲ,ର ୧୬ତମ ବାର୍ଷିକ ଉତ୍ସବ, 'ଅଭ୍ୟୁଦୟ - ପ୍ରଗତି ପଥରେ' ମଙ୍ଗଳବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି ପାରାଦ୍ୱୀପ ବନ୍ଦରର ଡି.ଏ.ଭି. ପବ୍ଲିକ୍ ସ୍କୁଲର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ବିଦ୍ୟାଳୟର ସଫଳତା ଏବଂ ସାମଗ୍ରିକ ଶିକ୍ଷା ପାଇଁ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ଏବଂ ଜଗତସିଂପୁରର ଜିଲ୍ଲା କୁଜଙ୍ଗ ବ୍ଲକର ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପଙ୍କଜ ଭରସାନି, ଅଧକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ,ପାରାଦ୍ୱୀପ ପୋର୍ଟ, ସଞ୍ଜୀବ କୁମାର ସାହୁ, ଅଧକ୍ଷ, ଡିଏଭି,ପିପିଏଲ, ପାରାଦ୍ୱୀପ ଏବଂ ସମ୍ବିତ୍ ସୁକୁମାର ଚିନ୍ନାରା, ଅଧକ୍ଷ, ଡିଏଭି, ଇଫକୋ ଙ୍କୁ ବିଶିଷ୍ଟ ଅତିଥି ଭାବରେ ସ୍ୱାଗତ କରାଯାଇଥିଲା ।ସ୍କୁଲ ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ସେମାନଙ୍କୁ ଉତ୍ସବର ସଂଯୋଜକ ଭାବରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ଏବଂ ପାରମ୍ପରିକ ଦୀପ ପ୍ରଜ୍ୱଳନ ସହିତ ଉତ୍ସବ ଆରମ୍ଭ ହୋଇଥିଲା । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ, ଯେଉଁଥିରେ ଗୋଷ୍ଠୀ ନୃତ୍ୟ, ଗୀତ, ସ୍କିଟ୍ ଏବଂ ବିଷୟବସ୍ତୁ ଉପସ୍ଥାପନା ଅନ୍ତର୍ଭୁକ୍ତ ଥିଲା, ଯାହା ସେମାନଙ୍କର ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲା।

# ୨୬ରେ ମ୍ୟୁନିସିପାଲିଟି ଅଫିସ୍ ସମ୍ମୁଖରେ ଗଣଧାରଣା



ଅନୁଗୁଳ-୪/୧୨ । ଅନୁଗୁଳ ମ୍ୟୁନିସିପାଲିଟିର ୮ନଂ. ୱାର୍ଡର ଅଧିବାସୀ ତଥା ଅନୁଗୁଳ ବସ୍ତି ସୁରକ୍ଷା କମିଟି ତରଫରୁ ଅନୁଗୁଳ ମ୍ୟୁନିସିପାଲିଟି ଅଫିସ୍ ସମ୍ମୁଖରେ ୨୬ ଡିସେମ୍ବରରେ ଗଣଧାରଣା ଅନୁଷ୍ଠିତ ହେବ । ପ୍ରକାଶଥାଉକି ଅନୁଗୁଳ ମ୍ୟୁନିସିପାଲିଟି ଅନ୍ତର୍ଗତ ୮ ନଂ. ୱାର୍ଡର ଅଧିବାସୀମାନେ ଆଜକୁ ପ୍ରାୟ ୨୫୦ବର୍ଷର ପୁରୁଣା ଅଧିବାସୀ ଭାବେ ରହିଆସୁଛନ୍ତି । ଦୀର୍ଘ ବର୍ଷ ହେଲାଣି ସେମାନେ ଘରଡିହ ପଟ୍ଟା ପାଇଁ ଦାବି କରିଆସୁଛନ୍ତି । ମାତ୍ର ସେମାନେ ମ୍ୟୁନିସିପାଲିଟିର ଅଧିବାସୀ ଭାବେ ହାଉସ୍ ହୋଲଡିଂ ଚାର୍ଜ, ଇଲେକ୍ଟ୍ରିକ୍ ବିଲ, ପାଣି ବିଲ ଆଦି ଦୀର୍ଘବର୍ଷରୁ ଦେଇ ଚାଲିଛନ୍ତି । ରାସନ କାର୍ଡ ଆଜି ମ୍ୟୁନିସିପାଲିଟିର ଅଧିବାସୀ ଭାବେ ସମସ୍ତ ପ୍ରମାଣ ରହିଥିଲେ ମଧ୍ୟ ସେମାନଙ୍କର ଦାବିକୁ ଉପେକ୍ଷା କରି ମ୍ୟୁନିସିପାଲିଟି ଅଧିକାରୀ ବସ୍ତି ଉଚ୍ଛେଦର ନୋଟିସ୍ ପଠାଇ ଆଜି ତା୨୦.୧୨.୨୦୨୫ରିଖ ଦିନ ୧୧ଟାବେଳେ ବସ୍ତି ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରି ବସ୍ତିର ଅଧିବାସୀମାନଙ୍କୁ ଭୟଭୀତ କରିଛନ୍ତି । ତୁରନ୍ତ ବସ୍ତି ଉଚ୍ଛେଦ ବନ୍ଦ କରିବା, ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରିବା, ଶୌଚାଳୟ ନିର୍ମାଣ କରିବା, ବସ୍ତିର ଉନ୍ନତିମୂଳକ କାମ କରିବା ଦାବିରେ ୨୬ ଡିସେମ୍ବରରେ ଗଣଧାରଣା ଦେବାକୁ ବସ୍ତି ସୁରକ୍ଷା କମିଟିର ଲକ୍ଷ୍ମୀ ଭୋଇ, ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଜଣାଇଛନ୍ତି ।

# ଉନ୍ନତ ଭିତ୍ତିଭୂମି, ନିରାପତ୍ତା ଏବଂ ଡିଜିଟାଲ୍ ପଦକ୍ଷେପ ସହିତ ଯାତ୍ରୀସେବାକୁ ସୁଦୃଢ଼ କରୁଛି ଖୋର୍ଦ୍ଧା ରୋଡ ମେମୁ କାର୍ ସେଡ୍

ଭୁବନେଶ୍ୱର,୨୪।୧୨: ପୂର୍ବତଟ ରେଳପଥର ଏକମାତ୍ର ମେମୁ ରକ୍ଷଣାବେକ୍ଷଣ ସୁବିଧା, ଖୋର୍ଦ୍ଧା ରୋଡ ମେମୁ କାର୍ ସେଡ୍ ସମଗ୍ର ଓଡ଼ିଶାରେ ଦୈନିକ ଯାତ୍ରୀ ଏବଂ ଉପନଗରୀୟ ଟ୍ରେନ୍ ସେବାକୁ ବଜାୟ ରଖିବା ଏବଂ ଟ୍ରେନ ଚ଼ଳାଚ଼ଳ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ନିର୍ଭରଯୋଗ୍ୟ ମେମୁ ଚ଼ଳାଚ଼ଳ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଏହି ସେଡ୍ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ପୁରୀରେ ବାର୍ଷିକ ରଥଯାତ୍ରା ଉତ୍ସବ ସମେତ ଯାତ୍ରୀ ଭିଡ଼ ସମୟରେ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ।

ଏହି ମେମୁ ସେଡ୍ ୨୨ ଜୁନ୍ ୨୦୧୮ ରେ ପାରମ୍ପରିକ ମେମୁ ରେକ୍ ସହିତ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ଡିସେମ୍ବର ୨୦୨୧ ରୁ ୩-ଫେଜ୍ ମେମୁ କୋଚ୍ ରକ୍ଷଣାବେକ୍ଷଣ ଆରମ୍ଭ କରିଥିଲା । ବର୍ତ୍ତମାନ, ଏହା ୨୦୦ କୋଚ୍ ବିଶିଷ୍ଟ ୫୦ ଟି ମେମୁ ୟୁନିଟ୍ ରକ୍ଷଣାବେକ୍ଷଣ କରେ ଏବଂ ପ୍ରତିଦିନ ପ୍ରାୟ ୧.୩୨ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ୪୨ ଟି ଅପ୍ ଏବଂ ଡାଉନ୍ ମେମୁ ପାସେଞ୍ଜର ଟ୍ରେନ୍ ସେବାର ପରିଚ଼ାଳନାକୁ ସମର୍ଥନ କରେ ।ବର୍ଦ୍ଧିତ କାର୍ଯ୍ୟକ୍ଷମ ଚ଼ାହିଦା ପୂରଣ କରିବା ପାଇଁ ମେମୁ କାର୍ ସେଡ୍ ପର୍ଯ୍ୟାୟକ୍ରମେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶ କରିଛି ।

ପର୍ଯ୍ୟାୟ-୧ ନିର୍ମାଣ, ୨୦୦୭-୦୮ ସମୟରେ ମଞ୍ଜୁର ହୋଇଥିବା ବେଳେ ୧୮.୬୯ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ଜୁଲାଇ ୨୦୧୮ ରେ ସମାପ୍ତ ହୋଇଥିଲା ଯାହା ପ୍ରତ୍ୟେକ ଚ଼ାରି-କୋଚ୍ ଲମ୍ବ ବିଶିଷ୍ଟ ଦୁଇଟି ରକ୍ଷଣାବେକ୍ଷଣ ଲାଇନ ଯୋଗାଇଥିଲା ।

ପର୍ଯ୍ୟାୟ-୨ ନିର୍ମାଣ, ୬୫.୫୪ କୋଟି ଟଙ୍କାର ଆନୁମାନିକ ମୂଲ୍ୟ ଥିବାବେଳେ ୮୪.୯୯ କୋଟି ଟଙ୍କାର ପ୍ରକୃତ ଖର୍ଚ୍ଚ ସହିତ ଜୁଲାଇ ୨୦୨୩ ରେ ସମାପ୍ତ ହୋଇଥିଲା ଯାହା ଦୁଇଟି ୧୬-କୋଚ୍ ଲମ୍ବ ଯାଞ୍ଚ ଲାଇନ, ଗୋଟିଏ ହୁଇଲ ଟର୍ଣ୍ଣିଂ ଲାଇନ, ଦୁଇଟି ଭାରୀ ମରାମତି ବେ ଲାଇନ ଏବଂ ଏକ ୱାସିଂ ଲାଇନ ସମେତ ପ୍ରମୁଖ ସୁବିଧା ଯୋଡିଥିଲା, ଯାହା



ରକ୍ଷଣାବେକ୍ଷଣ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିଥିଲା ।ଏହି ସୁବିଧାଗୁଡ଼ିକ ସହିତ, ସେଡ୍ ବର୍ତ୍ତମାନ ପ୍ରାୟ ୪୦୦ ମେମୁ କୋଚ୍ ରକ୍ଷଣାବେକ୍ଷଣ ପାଇଁ ପର୍ଯ୍ୟାପ୍ତ ଭାବରେ ସଜ୍ଜିତ ଅଛି ।ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ପ୍ରତିରୋଧକ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ।ମେମୁ ସେଡ୍ ନିରାପଦ ଏବଂ ନିର୍ଭରଯୋଗ୍ୟ ଟ୍ରେନ ପରିଚ଼ାଳନା ସୁନିଶ୍ଚିତ କରିବା ପାଇଁ ଟ୍ରିପ୍ ଯାଞ୍ଚ, ବ୍ରେକ୍ ପାୱାର ଧ୍ୟାନ, ଟାୟାର ଟର୍ଣ୍ଣିଂ, ମଧ୍ୟବର୍ତ୍ତୀ ଏବଂ ସାମୟିକ ଯାଞ୍ଚ ଭଳି ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ କରେ । ଏହା ସହିତ, ଗତ ଦୁଇ ବର୍ଷ ମଧ୍ୟରେ ଲାଇନ ବିଫଳତାକୁ ହ୍ରାସ କରିବା ଏବଂ କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ପାଇଁ ବ୍ୟାପକ ପ୍ରତିରୋଧକ ଭାରୀ ମରାମତି କାର୍ଯ୍ୟ କରାଯାଇଛି ।ରାତ୍ରିକାଳୀନ ସୁରକ୍ଷା ଯାଞ୍ଚ ରେଳ ମଣ୍ଡଳର ୧୧ଟି ସ୍ଥାନରେ କରାଯାଏ ଯାହାକି କଡ଼ାକଡ଼ି ଭାବରେ ଜଉଝଙ ନିର୍ଦ୍ଦେଶାବଳୀ ପାଳନ କରି ବ୍ରେକିଂ ସିଷ୍ଟମ୍, ରନିଂ ଗିଅର, ଟ୍ରାନ୍ସଫର୍ମର, ଏୟାର ପାଇପ ଲାଇନ ଏବଂ ବୈଦ୍ୟୁତିକ ଉପକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ।ଡିଜିଟାଲାଇଜେସନ୍ ଏବଂ ଅଭିନବ ଅଭ୍ୟାସ:ଖୋର୍ଦ୍ଧା ରୋଡ଼ ସ୍ଥିତ ମେମୁ କାର୍ ସେଡ୍ ?ରେ ଅନେକ ଅଭିନବ ପଦକ୍ଷେପ ପ୍ରଚ଼ଳନ କରାଯାଇଛି । ଏକ ୱେବ୍- ଏବଂ ଆପ୍-ଆଧାରିତ ଡାଟାବେସ୍ ପରିଚ଼ାଳନା ବ୍ୟବସ୍ଥା ଯାହା ଘର ଭିତରେ ବିକଶିତ, ରକ୍ଷଣାବେକ୍ଷଣ ରେକର୍ଡ ଏବଂ କାର୍ଯ୍ୟପ୍ରବାହର ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ ସକ୍ଷମ କରିଛି । ଏହି ପଦକ୍ଷେପ ସମଗ୍ର ଭାରତୀୟ ରେଳବାଇରେ ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ଆଗ୍ରହ ସୃଷ୍ଟି କରିଛି ।ମେମୁ ସେଡ୍ ସଫଳତାର ସହ ମୋଟରଚ଼ାଳିତ ବଗିଗୁଡ଼ିକର ଘର ଭିତରେ ପ୍ରସ୍ତୁତି ମଧ୍ୟ କରିଛି ଯାହା ଉଚ୍ଚ଼ ବୈଷୟିକ ବିଶେଷଜ୍ଞତା ପ୍ରଦର୍ଶନ କରିଛି । ଅନଲାଇନ୍ ବ୍ରେକ୍ ପାୱାର ସାର୍ଟିଫିକେଟ୍ (ଈଚଉ) ପ୍ରଚ଼ଳନ, ଗରଗଟ କୋଚ଼ରେ ଉଉଝଠ କ୍ୟାମେରା, ଆଧୁନିକ ଡାଇଗନୋଷ୍ଟିକ୍ ଉପକରଣ ଏବଂ ସୁରକ୍ଷା ଉପକରଣ ରକ୍ଷଣାବେକ୍ଷଣ ମାନଦଣ୍ଡକୁ ଆହୁରି ସୁଦୃଢ଼ କରିଛି ।ଅନେକ ଗରଗଟ କୋଚ଼ରେ ଏଚଝ-ଆଧାରିତ ଯାତ୍ରୀ ଘୋଷଣା ଏବଂ ଯାତ୍ରୀ ସୂଚ଼ନା ପ୍ରଣାଳୀ , ଜରୁରୀକାଳୀନ ଟକ୍ ବ୍ୟାକ୍ ସିଷ୍ଟମ୍ ଏବଂ ନିରୀକ୍ଷଣ ସହିତ ସଜ୍ଜିତ ହୋଇଛି ଯାହା ଯାତ୍ରୀ ସଚେତନତା, ସୁରକ୍ଷା ଏବଂ ନିରାପତ୍ତା ବୃଦ୍ଧି କରିଥାଏ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ